

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୩ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 AUGUST 2020

Vol.No. 30 ■ No. 213■ Price :Rs.2.00 ( 8 pages) ■ R.N.I. Registered No. 52528/91■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

# ବିଏସଏଫ ଯବାନଙ୍କ ଗୁଳିରେ ୫ ଅନୁପ୍ରବେଶକାରୀ ମୃତ

ଚଣ୍ଡିଗଡ଼,୨୨।୮ (ନି.ପ୍ର): ଭାରତୀୟ ସେନା ଦ୍ୱାରା ଜାମ୍ମୁକାଶ୍ମୀର କ୍ଷେତ୍ରରେ ସୁରକ୍ଷା ବଢ଼ାଇ ଦେବା ଦ୍ୱାରା ପାକିସ୍ଥାନର ଅନୁପ୍ରବେଶକାରୀମାନେ ଏବେ ପଂଜାବ ରାସ୍ତା ଦେଇ ଭାରତ ଭିତରକୁ ପ୍ରବେଶ କରିବାକୁ ଆରମ୍ଭ କରିଦେଇଛନ୍ତି। ବିଏସଏଫ ଶୁକ୍ରବାର ରାତିରେ ଖେମକରଣ ସେକ୍ଟରରେ ପାକିସ୍ଥାନୀ ଅନୁପ୍ରବେଶକାରୀଙ୍କୁ ଗୁଳି କରିଛି । ପଠାନକୋଟ ସେକ୍ଟରରେ ଆତଙ୍କି ହମଲା କରିବା ପରେ ଶନିବାର ସକାଳ ପାକ ଅନୁପ୍ରବେଶ କାରୀମାନେ ଖେମକରଣ ସେକ୍ଟରର ରାସ୍ତାଦେଇ ଭାରତୀୟ ସୀମାରେ ପ୍ରବେଶ କରିବା ପାଇଁ ଚେଷ୍ଟା କରିଥିଲେ । ବିଏସଏଫର କହିବା ଅନୁସାରେ ଗତ କିଛି ଦିନ ଧରି ସୀମା ନିକଟରେ ସର୍ଚ୍ଚ ଅପରେସନ ଜାରି ରହିଥିଲା । ସର୍ଚ୍ଚ ଅପରେସନ ଚାଲିଥିବା ସମୟରେ ଆଜି ସକାଳେ ପାଖାପାଖି ୪ଟା ସମୟରେ ପାକିସ୍ଥାନୀ ସୀମାପଟରୁ ୫ ଅନୁପ୍ରବେଶକାରୀ ଭାରତକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ଏମାନଙ୍କୁ ରୋକିବା ପାଇଁ ବିଏସଏଫ ଯବାନମାନେ ଫାୟାରିଂ କରିଥିଲେ । ଦୁଇ ପଟରୁ ଫାୟାରିଂ ହୋଇଥିଲା । ଏଥିରେ ବିଏସଏଫ ଯବାନମାନେ ୫ ଅନୁପ୍ରବେଶ କାରୀଙ୍କୁ ଗୁଳି କରି ହତ୍ୟା କରିଥିଲେ । ଏହା ପରେ ବିଏସଏଫ ଯବାନ ମାନେ ସମସ୍ତ ଇଲାକାକୁ ସର୍ଚ୍ଚ ଅପରେସନ ଆରମ୍ଭ କରିଦେଇଥିଲେ । ମୃତ୍ୟୁବରଣ କରିଥିବା ୫ ଅନୁପ୍ରବେଶକାରୀଙ୍କ ବିଷୟରେ ଭାରତରେ ଥିବା ସମ୍ବନ୍ଧ ବିଷୟରେ ଜାଣିବା ପାଇଁ ଚେଷ୍ଟା ଚଳାଇଛି ।



# ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିନାହିଁ

ନୂଆଦିଲ୍ଲୀ,୨୨।୮ (ନି.ପ୍ର): କରୋନା ସଂକ୍ରମଣ କାରଣରୁ ହସ୍ପିଟାଲରେ ଭର୍ତି ହୋଇଥିବା ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ଶନିବାର ସୁଦ୍ଧା କୌଣସି ସୁଧାର ଆସିନାହିଁ । ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ସେ ଭେଂଟିଲେଟରେ ଅଛନ୍ତି । ସେନାର ରିସର୍ଚ୍ଚ ଏବଂ ରେଫରାଲ ହସ୍ପିଟାଲ, ଦିଲ୍ଲୀ ଶନିବାର ଦିନ ପୂର୍ବ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟ ବୁଲେଟିନ ଜାରି କରି କହିଛନ୍ତି କି ପୂର୍ବ ରାଷ୍ଟ୍ରପତି ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟବସ୍ଥା ଆଜି ସକାଳ ସୁଦ୍ଧା କୌଣସି ସୁଧାର ଆସିନାହିଁ । ସେ କୋମାରେ ଅଛନ୍ତି । ଫୁସ୍‌ଫୁସ୍ ଜନିତ ସଂକ୍ରମଣ ପାଇଁ ତାଙ୍କର ଚିକିତ୍ସା ଚାଲିଛି । ତାଙ୍କର ଅବସ୍ଥା ସ୍ଥିର ରହିଛି । ସେ ଏବେ ବି ଭେଂଟିଲେଟରରେ ଅଛନ୍ତି । ଉଲ୍ଲେଖନୀୟ ଯେ, ୮୪ ବର୍ଷୀୟ ପ୍ରଣବ ମୁଖାର୍ଜୀଙ୍କୁ ସ୍ୱାସ୍ଥ୍ୟର ଅବନତି ଯୋଗୁଁ ୧୦ ଅଗଷ୍ଟରେ ହସ୍ପିଟାଲରେ ଭର୍ତି କରାଯାଇଥିଲା । ଯାଂଚ କରିବା ପରେ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା ଜଣାପଡ଼ିବା ଦ୍ୱାରା ଆପାତକାଳୀନ ଜୀବନ ରକ୍ଷକ ସର୍ଜରୀ କରାଯାଇଥିଲା । ଏହା ପରେ ସେ ଏବେ ଭେଂଟିଲେଟରରେ ଅଛନ୍ତି ଓ ତାଙ୍କ ସ୍ଥିତି ଗମ୍ଭୀର ରହିଛି । ସେ କରୋନା ପଜିଟିଭ ମଧ୍ୟ ଅଛନ୍ତି ।



## ପୂର୍ବତନ ସାଂସଦ ଜୟରାମ ପାଙ୍ଗୀଙ୍କୁ କରୋନା



କୋରାପୁଟ/ଭୁବନେଶ୍ୱର,୨୨।୮ (ନି.ପ୍ର): ପୂର୍ବତନ ସାଂସଦ ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଜୟରାମ ପାଙ୍ଗୀ କରୋନା ସଂକ୍ରମିତ ହୋଇଛନ୍ତି । ତଶ୍ରୀ ପାଙ୍ଗୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଶ୍ରୀ ପାଙ୍ଗୀ ଟୁଇଟ୍ କରି ଜଣାଇଛନ୍ତି, 'ଡାକ୍ତରଙ୍କ ପରାମର୍ଶ କ୍ରମେ ମୋର କୋଭିଡ୍-୧୯ ପରୀକ୍ଷା କରିବା ପରେ ପଜିଟିଭ୍ ଚିହ୍ନଟ ହୋଇଛି ଏବଂ କୋରାପୁଟରେ ରହି ଚିକିତ୍ସିତ ହେଉଛି । ତେଣୁ ଗତ କିଛି ଦିନ ମଧ୍ୟରେ ମୋ ସହ ସମ୍ପର୍କରେ ଆସିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଅନୁରୋଧ ସେମାନେ ନିଜର କୋଭିଡ୍-୧୯ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସାରେ ସହଯୋଗ କରନ୍ତୁ ।'

# ମହିଳାଙ୍କୁ ସଶକ୍ତ କରିବା ଦିଗରେ ସ୍ୱାମୀ ବିବେକାନନ୍ଦଙ୍କ ବିଚାରକୁ ଅନୁସରଣ କରୁଛନ୍ତି ପ୍ରଧାନମନ୍ତ୍ରୀ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୨।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ସ୍ୱାମୀ ବିବେକାନନ୍ଦଙ୍କ ବିଚାରରେ ଦୃଢ଼ ବିଶ୍ୱାସ କରିବା ସହ ଏହାକୁ ଅନୁସରଣ କରି କାମରେ ମଧ ଲଗାଇଛନ୍ତି । "ମହିଳାଙ୍କ ପ୍ରତି ଆଚରଣ ଗୋଟିଏ ରାଷ୍ଟ୍ରର ପ୍ରଗତିକୁ ମାପିବାର ସବୁଠୁ ବଡ଼ ମାପକାଠି" ବୋଲି ସ୍ୱାମୀ ବିବେକାନନ୍ଦ କହିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଏହି ବିଚାରଧାରାକୁ କାମରେ ଲଗାଇବା ସହ ମହିଳାଙ୍କ ଉନ୍ନତି ତଥା ସଶକ୍ତ କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମହିଳାଙ୍କୁ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ପଦକ୍ଷେପ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଙ୍କ ନୀତି ଯୋଗୁଁ ଦେଶର ଅନ୍ୟ ରାଜ୍ୟ ସମେତ ଓଡ଼ିଶାରେ ମଧ ପରବର୍ତନ ଦେଖାଦେଇଛି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଓଡ଼ିଶାର ୪୭ ଲକ୍ଷରୁ ଉର୍ଦ୍ଧ୍ୱ ଗରିବ ମହିଳା ଏବଂ ସେମାନଙ୍କ ପରିବାରର ଜୀବନଶୈଳିକୁ ଉନ୍ନତ କରିଛି । ଅପରପକ୍ଷରେ ସ୍ୱଚ୍ଛ ଭାରତ ଅଭିଯାନରେ ଓଡ଼ିଶାରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ ହୋଇଛି । ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ଲାଭ ପାଇବା ମଧ୍ୟରେ ଓଡ଼ିଶା ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ରହିଛି । ଦେଶର ଗରିବ ମହିଳାଙ୍କୁ ୮ କୋଟି ଏଲପିଜି ସିଲିଣ୍ଡର ପ୍ରଦାନ, ଜନଧନ ଏବଂ ମହିଳା ଶକ୍ତି କେନ୍ଦ୍ର ଭଳି ସମାବେଶୀ ଆର୍ଥିକ ଯୋଜନା ଗ୍ରାମାଂଚଳର ୨୨ କୋଟି ମହିଳାଙ୍କୁ ସଶକ୍ତ କରିଛି । ଏହାସହ ଦେଶର ୫ କୋଟି ମହିଳାଙ୍କୁ ମାତ୍ର ୧ ଟଙ୍କାରେ ସାନିଟାରି ନ୍ୟାପ୍‌କିନ୍ ଯୋଗାଇବା ଦିଗରେ ମୋଦି ସରକାର ସର୍ବଦା ଆଗୁଆ ରହିଛନ୍ତି । କେବଳ ମହିଳାଙ୍କ ଜୀବନଶୈଳିକୁ ପରିବର୍ତନ କରିବା ନୁହେଁ ମହିଳାଙ୍କୁ ସମସ୍ତ ସମାନ ସୁଯୋଗ ଦେବା ଏବଂ ସଶକ୍ତ କରିବା ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ କରିବାର ମୂଳ ସ୍ତମ୍ଭ ହୋଇଛି । ବେଟି ବଚାଓ ଏବଂ ବେଟି ପଢାଓ ଓଡିଶା ସମେତ ଭାରତର ▶▶ପୃଷ୍ଠା ୭



## ଦିଲ୍ଲୀରେ ଧରା ପଡିଲା ସଂଦିଗ୍ଧ ଆଇଏସ ଆତଙ୍କବାଦୀ

ନୂଆଦିଲ୍ଲୀ,୨୨।୮ (ନି.ପ୍ର): ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ ଗୁଳି ବିନିମୟ ପରେ ଧୌଲାକୁଆଁ ଅଂଚଳରୁ ଜଣେ ସଂଦିଗ୍ଧ ଆଇଏସ ଆତଙ୍କବାଦୀକୁ ଗିରଫ କରିଛି । ଏହି ଗୁଳି ବିନିମୟ ବେଳେ ଉଭୟ ଆଡୁ ପାଖା ପାଖି ୮ ଗୁଳି ଚାଲିଥିବା । ଗିରଫ ଆତଙ୍କବାଦୀ ନିକଟରୁ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଗିରଫ କରା ଯାଇଥିବା ଆତଙ୍କବାଦୀର ନାମ ଅବଦୁଲ ୟୁସୁଫ ବୋଲି କୁହା ଯାଉଛି ତଥା ତା ନିକଟରେ ବୋମା ତିଆରି ସରଂଜାମ ମିଳିଛି । ତାକୁ ଗିରଫ କରି ସ୍ପେଶାଲ ସେଲ ପଚାରାଉଚୁରା କରୁଛି ।

## ଭାରତ- ପାକ ସୀମାରେ ୪୫ କୋଟି ଟଙ୍କାର ହେରୋଇନ ଜବତ

ଚଣ୍ଡିଗଡ,୨୨।୮ (ନି.ପ୍ର): ବିଏସଏଫ ଦ୍ୱାରା ଭାରତ-ପାକିସ୍ତାନ ସୀମାରେ ପାଂଚ ଜଣ ଆତଙ୍କବାଦୀଙ୍କୁ ମାରିବା ପରେ ଚଳାଇଥିବା ସର୍ଚ୍ଚ ଅପରେସନରେ ବିପୁଳ ପରିମାଣର ହେରୋଇନ ଓ ଅସ୍ତ୍ର ଶସ୍ତ୍ର ଜବତ କରା ଯାଇଛି । ସେଠାରୁ ଦୁଇ ବ୍ୟାଗ ହେରୋଇନ ଜବତ କରା ଯାଇଥିବା ବେଳେ ପାଂଚଟି ପିସ୍ତଲ, ଗୋଟିଏ ଏକେ ୪୭ ଓ ଗୁଳି ଜବତ କରା ଯାଇଛି । ଜବତ କରା ଯାଇଥିବା ହେରୋଇନର ମୂଲ୍ୟ ୪୫ କୋଟି ଟଙ୍କା ବୋଲି ଜଣା ପଡିଛି ।

# ରାଜ୍ୟରେ ଆଉ ୯ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୩୯୯ ହେଲା

ଭୁବନେଶ୍ୱର,୨୨।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୯ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୩୯୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କଟକ ଜିଲ୍ଲାରୁ ୩ ଜଣ, ସୁନ୍ଦରଗଡ ଜିଲ୍ଲାରୁ ୨ ଜଣ, ମାଲକାନଗିରି, ବଲାଙ୍ଗୀର, ରାୟଗଡା ଓ ଗଂଜାମରୁ ଜଣେ ଜଣେ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲାର ଜଣେ ୨୮ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୭୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ହିଁ ଅନ୍ୟ ଜଣେ ୫୧ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ମଧୁମେହ, ▶▶ପୃଷ୍ଠା ୭



## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬୧୩୭୯ କରୋନା ପରୀକ୍ଷଣ

ଭୁବନେଶ୍ୱର,୨୨।୮ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬୧୩୭୯ କରୋନା ପରୀକ୍ଷଣ ହୋଇଛି । ଏଥି ମଧ୍ୟରୁ ଆରଟି-ପିସିଆର ୭୦୫୪, ଆଂଟିଜେନ ୫୪୨୩୯ ତଥା ଟ୍ରୁନାଟ ୮୨ ସାମିଲ ରହିଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୧୨୩୩୮୦୫ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।



ସତ୍ୟମେବ ଜୟତେ

'ନୂଆଁଖାଇ'-୨୦୨୦ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

DADLS-54 OIPR : 15001/13/0085/2021



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଶୁଭେଚ୍ଛା

ପବିତ୍ର ନୂଆଁଖାଇ ଅବସର୍‌ନେ ଆପଣମାନକୁ ସମ୍‌କୁ ମୋର ଜୁହାର୍ । ନୂଆଁଖାଇ ସମ୍‌କର ଲାଗି ସୁଖ୍, ଶାନ୍ତି ଆର୍ ସମୃଦ୍ଧି ଆନିଦେଉ । ମା ସମଲେଶ୍ୱରୀଙ୍କନେ ମୋର୍ ଏତ୍‌କି ପ୍ରାର୍ଥନା ।

କୋଭିଡ୍ କଟକଣାକେ ମାନିକରି ଆର୍ ସାମାଜିକ ଦୂରତାକେ ରକ୍ଷାକରି ନୂଆଁଖାଇ ପରବ୍ ପାଳନ କର୍‌ବାର ଲାଗି ମୋର ସମ୍‌କେ ଅନୁରୋଧ ।

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-54 OIPR : 15001/13/0085/2021



'ନୂଆଖାଇ' – ୨୦୨୦ ଅବସରରେ ବାର୍ତ୍ତା

ସ୍ନେହ, ଶ୍ରଦ୍ଧା ଓ ସମୃଦ୍ଧିର ପ୍ରତୀକ କୃଷିଭିତ୍ତିକ ଗଣପର୍ବ 'ନୂଆଖାଇ' ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇଭଉଣୀ ତଥା ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସଂପ୍ରୀତି ଓ ଭାତୃଭାବର ଏହି ଅନନ୍ୟ ଲୋକପର୍ବରେ ଆରାଧ୍ୟା ଦେବୀ ମା' ସମଲେଇ ସମସ୍ତଙ୍କୁ କୃପା କରନ୍ତୁ, ଆମ ରାଜ୍ୟ ଶସ୍ୟଶ୍ୟାମଳା ହେଉ, ଚାଷୀକୂଳର ଉନ୍ନତି ଘଟୁ, ଏହାହିଁ ମୁଁ କାମନା କରୁଛି ।

ଆସନ୍ତୁ, ଧୈର୍ଯ୍ୟ ଓ ସାହସର ସହିତ ସମସ୍ତେ କରୋନା କଟକଣାକୁ ମାନି ଏ ବର୍ଷର ନୂଆଖାଇକୁ ପାଳନ କରିବା ଏବଂ ଏହି ମହାମାରୀ ବିରୁଦ୍ଧରେ ଜାରି ରହିଥିବା ଆମର ଲଢ଼େଇକୁ ସଶକ୍ତ କରିବା ।

(ରଘୁନନ୍ଦନ ଦାସ)

ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-54 OIPR : 15001/13/0085/2021

# ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୨୨।୮ (ନି.ପ୍ର): ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତାକାଲି ଠାରୁ ୨୭ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷକରି ଉପକୂଳ ଓ ଉତର ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତାକାଲି ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଜଗତସିଂହପୁର, କେନ୍ଦୁଝର ଏବଂ ଦେବଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହି ୮ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ନକଲି ମହିଳା ଆଇପିଏସ ଗିରଫ ମାମଲା : ପୁଲିସର ତନଘନା ଜାରୀ

ରାଉରକେଲା,୨୨।୮ (ନି.ପ୍ର): ରାଉରକେଲା ସହରରେ ନିଜକୁ ମହିଳା ଆଇପିଏସ ଅଫିସର ପରିଚୟ ଦେଇ ଧରା ପଡି ଜେଲ୍ ଯାଇଥିବା ୨୫ ବର୍ଷିୟା ମହିଳାଙ୍କ ସହ ଜଣେ ରିଜର୍ଭ କନେଷ୍ଟବଳ ଥିବା ନେଇ ତାଙ୍କୁ ସନ୍ଦେହରେ ପୋଲିସ ପଚରା ଉଚରା କରୁଥିବା ଜଣାପଡିଛି । ତେବେ ଏହି ମାମଲାରେ ଆଉ କେଉଁ ପୁଲିସ ବାବୁ ମାନେ ସାମିଲ୍ ଥିଲେ ଓ ଏତେ ସବୁ କାଇଦା କାନୁନ୍ ଏହି ଠକ ମହିଳାଙ୍କୁ କିଏ ଶିଖାଇଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ଏହି ମହିଳା ଜଣଙ୍କୁ ପ୍ରଥମେ, ପୁଲିସର ବଡ ବଡ ଅଧିକାରୀ ମାନଙ୍କୁ କହି କନେଷ୍ଟବଳ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଭଲ ଯାଗାରେ ଡ୍ୟୁଟି ଦେବାଲାଗି ଭୁବନେଶ୍ୱର ପୁଲିସର ରିଜର୍ଭ ପୁଲିସକୁ ବ୍ୟବହାର କରୁଥିବା ଅଭିଯୋଗରେ ପୁଲିସ ତାଙ୍କୁ ଧରିବା ସହ ନୋଟିସ୍ ଦେଇ ଛାଡିଥିଲା । ପରେ ବିଗତ ୨ ମାସ ଧରି ସେ ରାଉରକେଲାକୁ ୪ ଥର ଆସି ଉଦିତନଗର ଥାନା ଇଲାକାର ଏକ ହୋଟେଲରେ ରହିବା ସହ ଅଗଷ୍ଟ ୭ରେ ବୁଲେଟ ବୁକ୍ କରାଇ ୧୧ ତାରିଖରେ ନେବା ବେଳେ ଫାଇନାନ୍ସ ବାଲାଙ୍କ ଏତଲାରୁ ଧରାପଡିଥିଲେ । ସେ ରହୁଥିବା ହୋଟେଲକୁ ନିୟମିତ ଜଣେ ଯୁବକ ଯାତାୟତ କରିବା ପରେ ସେ ଠକାମୀ କରି ବୁଲେଟ୍ ନେବାକୁ ଉଦ୍ୟମ କରିଥିବା କୁହାଯାଉଛି । ବର୍ତମାନ ପ୍ରଶ୍ନ ଉଠୁଛି ସେହି ଯୁବକ ଜଣକ କିଏ, ଏହି ମହିଳାଙ୍କ ସହ ତାଙ୍କର ସମ୍ପର୍କ କ'ଣ । ଏହିଭଳି ଅନେକ ପ୍ରଶ୍ନ ଏହି ଯୁବକଙ୍କୁ ନେଇ ଆସୁଥିବା ବେଳେ ଉଦିତ ନଗର ପୁଲିସ ରିଜର୍ଭ ରାଉରକେଲାର ଜଣେ କର୍ମଚାରୀଙ୍କୁ ରଖି ପଚରା ଉଚରା କରିଥିବା ଖବର ମିଳିଛି । ଏହାରି ଭିତରେ ଆଉ ଏକ ଖବର ମିଳିଛି ଯେ, ଏହି ମହିଳାଙ୍କ ସହ ରାଉରକେଲାର କୌଣସି ପୁଲିସ କର୍ମଚାରୀଙ୍କର ଫେସବୁକରେ ପରିଚୟ ହୋଇ ବିବାହ ଯାଏ କଥା ଯାଇଥିଲା । ଭୁବନେଶ୍ୱରରେ ଠକେଇ ଘଟଣା ପରେ ସମ୍ପୃକ୍ତ ପୁଲିସ କର୍ମଚାରୀ ଜଣକ ଏହି ମହିଳାଙ୍କୁ ବିବାହରୁ ମୁକ୍ତି ଦେବାକୁ କୋର୍ଟଯାଏ ଯାଇଥିବା କୁହାଯାଉଛି । ଅନ୍ୟପକ୍ଷରେ ଏ ମହିଳା ହେଉଛନ୍ତି ଆଇପିଏସ ଡାଂଟାକୁ ଭଲପାଉଥିବା ମହିଳା ବୋଲି ପୁଲିସ କହିଛି । ତେବେ ଏଭଳି ଲୋଭରେ ପଡିଯାଇ ହୁଏତ ପୁଲିସ କର୍ମଚାରୀ ଯାଙ୍କୁ ବାହା ହୋଇଥାଇପାରନ୍ତି , କିନ୍ତୁ ଯାଙ୍କୁ ନକଲି ପରିଚୟ ପତ୍ର, ପେ ସ୍ଲିପ୍,ଚାକିରୀ କାଗଜ ପତ୍ର ଆଦିର ଅବିକଳ ନକଲି କରିବା କଥା ଶିଖାଇଲା କିଏ ?ସେ ଏସବୁକୁ କେଉଁଠି ତିଆରି କଲେ ?ବଣେଇ ଅଂଚଳରେ ପ୍ରୋବେସନର ଆଇପିଏସ କାମ କରନ୍ତି ଆଦି ତାଙ୍କୁ ବତାଇଲା କିଏ ? ଏହାଛଡା ଖୋର୍ଦ୍ଧା ଅଂଚଳର ଏହି ମହିଳାଙ୍କୁ ବୁଲେଟ ସୋ ରୁମ ବାସ୍ତୀକଲୋନୀରେ ଥିବା କଥା କହିଲା କିଏ ? ଚାରି ଚାରିଥର ରାଉରକେଲା ସେ କାହିଁକି ଆସିଥିଲେ,ବୁଲେଟ ମୋଟର ସାଇକେଲଟି ନିଜ ଭାଇଙ୍କ ଲାଗି ସେ କିଣିଥିଲେ ନା ତାଙ୍କ ଠାରୁ ଦୁରେଇ ଯାଉଥିବା ପୁଲିସ ବାବୁଙ୍କ ଲାଗି ସେ କିଣିଥିଲେ । ଏହିଭଳି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି । କାରଣ ପୁଲିସ ସହ ବିଭିନ୍ନ ସୁରକ୍ଷା ବାହିନୀରେ କାମ କରୁଥିବା ଅନେକ କର୍ମଚାରୀ ଏହିଭଳି ବିଭିନ୍ନ ସମୟରେ ଭୁଲ୍ ରାସ୍ତାରେ ଯାଇ ଧରା ପଡିଛନ୍ତି । ରାଉରକେଲା ଏସପି ଦିପ୍ତେଶ ପଟ୍ଟନାୟକ ଥିବା ବେଳେ ମାଓବାଦୀ ମାନଙ୍କୁ ଧରିବା ଲାଗି ସେ ଯେତେବେଳେ ଉଦ୍ୟମ କରୁଥିଲେ ସେତେବେଳେ ବିଶ୍ରାର ଜଣେ ସୁରକ୍ଷା କର୍ମୀ ସେହି ଖବର ଗୁଡିକୁ ମାଓବାଦୀ ମାନଙ୍କୁ ଦେଉଥିବା ଓ ପୁଲିସର ସବୁ ଉଦ୍ୟମ ଫେଲ୍ ମାରୁଥିବା ନେଇ ଶ୍ରୀଯୁକ୍ତ ପଟ୍ଟନାୟକ ଜାଣିପାରିଥିଲେ । ଏହା ସେ ସମୟରେ ଚର୍ଚ୍ଚାର ବିଷୟ ହୋଇଥିଲା ।ତେଣୁ ଏହି ଠକ ମହିଳାଙ୍କ ସହ ନିଶ୍ଚୟ ରାଉରକେଲା ପୁଲିସ ବିଭାଗର କିଛି କର୍ମଚାରୀ ରହି ମହିଳାଜଣଙ୍କୁ ଏହି ଭଳି ପୁଲିସି କାଇଦା କାନୁନ ଶିଖାଇ ଏହି ସବୁ ଠକାମୀ କରାଇବାରେ ସହଯୋଗ କରିଥାଇପାରନ୍ତି ବୋଲି ଆଲୋଚନା ଚାଲିଛି । ତେଣୁ ରାଜ୍ୟ ପୁଲିସ ବିଭାଗ ଏନେଇ ଏକ ସ୍ୱତନ୍ତ୍ର ତଦନ୍ତ କରାଇବାକୁ ଦାବି ହେଉଛି ।

## କୁଅ ଖୋଳିଥିବା ଟଙ୍କାର ବକେୟା ବିଲ କରିବାକୁ ୩୨ ହଜାର ଟଙ୍କା ଲାଂଚ ମାଗିଲେ ଜିଆରଏସ: ନେବାବେଳେ ଭିଜିଲାନ୍ସ ହାତରେ ଧରାହେଲେ

କନ୍ଧମାଳ,୨୨।୮ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ସିମନବାଡି ପଂଚାୟତ କାର୍ଯ୍ୟାଳୟର ଗ୍ରାମରୋଜଗାର ସେବକ ଦିଲ୍ଲିପ କୁମାର ସାହୁ ଜଣେ ହୀତାଧିକାରୀଙ୍କ ଠାରୁ ୩୨ ହଜାର ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି । ସୁଚନା ଅନୁସାରେ ସିମନବାଡି ପଂଚାୟତର ଲାଦାମାଲା ଗ୍ରାମାର ରଞ୍ଜନ ଦିଗାଲ କୁଅ ଖୋଳିବା ପାଇଁ ୧ ଲକ୍ଷ ୬୦ ହଜାର ଟଙ୍କାର ସରକାରୀ ଅନୁଦାନ ପାଇଥିଲେ । ପୁର୍ବରୁ ସେ ଏହାର ୫୦ ପ୍ରତିଶତ ଟଙ୍କା ପାଇଥିବାବେଳେ ତାଙ୍କର ଆଉ ୫୦ ପ୍ରତିଶତ ଟଙ୍କା ବକେୟା ରହିଥିଲା । ସେ କୁଅ ଖୋଳିବାପରେ ତାଙ୍କର ବକେୟା ଆଉ ୮୦ ହଜାର ଟଙ୍କା ପାଇଁ ସେ ଗ୍ରାମ ରୋଜଗାର ସବେକ ଦିଲ୍ଲିପ କୁମାର ସାହୁଙ୍କ ନିକଟକୁ ଯାଇଥିଲେ । ଗ୍ରାମରୋଜଗାର ସେବକ ଏହି ବିଲ କରିବାପାଇଁ ରଞ୍ଜନଙ୍କୁ ୩୨ ହଜାର ଟଙ୍କା ଲାଂଚ ମାଗିଥିଲେ ଏହି ଟଙ୍କାରୁ ୧୬ ହଜାର ଟଙ୍କା କ୍ଲିପ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମାକରିବା ସହିତ ବଳକା ୧୬ ହଜାର ଟଙ୍କା ତାଙ୍କୁ ନଗଦ ଦେବାକୁ କହିଥିଲେ । ଫଳରେ ରଞ୍ଜନ ବାଧ୍ୟ ହୋଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ତ ହୋଇଥିଲେ । ଭିଗିଲାନ୍ସ ବିଭାଗ ଅଭିଯୋଗ ଅନୁସାରେ ଏକ ମାମଲା ୧୧/୨୦୨୦ ରୁଜ୍ଜୁ କରିବା ସହିତ ଏକ ଯୋଜନା କରିଥିଲେ । ସେହି ଅନୁସାରେ ରଞ୍ଜନ ଦିଲ୍ଲିପଙ୍କ ବ୍ୟାଙ୍କ ଖାତାରେ ୧୨ ହଜାର ଟଙ୍କା ଜମା କରିବା ସହିତ ଆଜି ଆଉ ୨୦ ହଜାର ଟଙ୍କା ନେଇ ପଂଚୟାତ କାର୍ଯ୍ୟାଳୟରେ ଦିଲ୍ଲିପଙ୍କୁ ଭିଜିଲାନ୍ସର ରଙ୍ଗ ଲଗାଯାଇଥିବା ଟଙ୍କା ଦେଇଥିଲେ । ସେ ସେହିଟଙ୍କା ନେବାପରେ ହଠାତ ଚଢାଉ କରି ଭିଜିଲାନ୍ସ ଡିଏସପି ରବିକାନ୍ତ ସୁନା ଇନିସ୍ପେକ୍ଟର କୁମୁଦିନି ସାହୁଙ୍କ ସମତେ ଅନ୍ୟ କର୍ମଚାରୀ ମାନେ ସେଠାରେ ପହଂଚି ଦିଲ୍ଲିପଠାରୁ ସେହି ଟଙ୍କା ଜବତ କରିଥିଲେ । ତେବେ ଜିଲ୍ଲାରେ ଲୋକଙ୍କର ସେବା କରିବାପାଇଁ ସରକାର ପଂଚାୟତ ସ୍ତରରେ ଗ୍ରାମ ରୋଜଗାର ସେବକ ନିଯୁକ୍ତି ଦେଇଛନ୍ତି । ସେମାନେ ହିଁ ଗ୍ରାମର ନିରିହ ଲୋକଙ୍କୁ ଏହିଭଳି ଲୁଟିବାରେ ଲାଗିଛନ୍ତି ।

## ବ୍ରହ୍ମବରଦା ଫାଣ୍ଡି ପକ୍ଷରୁ ଚାରାରୋପଣ

ଧର୍ମଶାଳା,୨୨।୮ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଫାଣ୍ଡି ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀଙ୍କ ନେତୃତ୍ୱରେ ଏହି ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଫାଣ୍ଡି ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି । ଏଥିରେ କଦମ୍ବ,ଆମ୍ବ,ଆକାଶୀ ସମେତ ଅନେକ ଔଷଧୀୟ ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ କନେଷ୍ଟବଳ ବୃନ୍ଦାବନ ବେହେରା,ଅକ୍ଷୟ ଦାସ,ଏମଡି ଅଜିଜ,ଭୀମସେନ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏବଂ ଏହି ଫାଣ୍ଡି ଅନ୍ତର୍ଗତ ଅନେକ ସ୍ଥାନମାନଙ୍କରେ ଚାରାରୋପଣ କରାଯିବ ବୋଲି ପାଣ୍ଡି ଅଧବକାରୀ ପରମାନନ୍ଦ ସେଠୀ ପ୍ରକାଶ କରିଛନ୍ତି ।

## ବ୍ରହ୍ମପୁର ସହରରେ କରୋନା ଆରୋଗ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଦ୍ୱିତୀୟ ଦିନରେ

ଗଞ୍ଜାମ,୨୨।୮ (ନି.ପ୍ର): ବ୍ରହ୍ମପୁର ସହରରେ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତି ମାନଙ୍କ ପୁନଃ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଆଜି ଦ୍ୱିତୀୟ ଦିନର ପହଂଚିଛି । ଏଥିପାଇଁ ୪୦ଟି ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ ଟିମ୍ ରେ ଜଣେ ଆୟୁଷ ଡ଼ାକ୍ତର, ଜଣେ ସ୍ୱାସ୍ଥ୍ୟକର୍ମୀ ଏବଂ ଜଣେ ଅଙ୍ଗନବାଡ଼ି କର୍ମୀ ରହିଛନ୍ତି । ଏହି ଟିମ୍ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି । କାହାରି ଠାରେ କରୋନା ସଂକ୍ରମଣର ଆଶଙ୍କା ଥିଲେ ସେମାନଙ୍କୁ ପୁଣି ଥରେ କୋଭିଡ୍ ହସ୍ପିଟାଲ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିବା ପାଇଁ ପରାମର୍ଶ ଦିଆଯାଉଛି । ଅନ୍ୟପକ୍ଷରେ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିବିଶେଷ ମାନଙ୍କ ମଧ୍ୟରୁ ଯେଉଁ ମାନଙ୍କର ବୟସ ୬୦ ବର୍ଷରୁ କମ୍, ସେମାନଙ୍କୁ ପ୍ଲାଜମା ଦାନ କରିବାକୁ ମେଡ଼ିକାଲ୍ ଟିମ୍ ପ୍ରୋତ୍ସାହିତ କରୁଥିବା ଜଣାପଡିଛି । ଫଳରେ ଗୁରୁତର କରୋନା ରୋଗୀଙ୍କୁ ପ୍ଲାଜମା ଦେଇ ଆରୋଗ୍ୟ କରାଯିବ ବୋଲି କୁହାଯାଇଛି । ସୁସ୍ଥ ହୋଇଥିବା ବହୁ ଲୋକ ପ୍ଲାଜମା ଦାନ କରିବାକୁ ରାଜି ହେଉଥିବା ଦେଖିବାକୁ ମିଳିଛି ।

## ଭୁବନ ସିଏଚସିରେ ୧୨୦ ଜଣ ଆଂଟିଜେନ ଟେଷ୍ଟିଂ କଲେ

ଭୁବନ,୨୨।୮ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ଏକାଦଶ ଦିନରେ ସମୁଦାୟ ୧୨୦ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ଭୁବନରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ଆଂଟିଜେନ ଟେଷ୍ଟ ପାଇଁ ଆଗ୍ରହ ପ୍ରକାଶ କରି ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି । ଗତକାଲି ୧୦୭ ଜଣ ଟେଷ୍ଟିଂ କରିଥିବା ବେଳେ ଆଜି ରେକର୍ଡ ସଂଖ୍ୟକ ୧୨୦ ଜଣ ଆଂଟିଜେନ ଟେଷ୍ଟ କରିଥିଲେ । ଲ୍ୟାବ ଟେକ୍ନିସିଆନ (କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ ।

## ପୂର୍ବତନ ଉପନଗରପାଳ ରମାକାନ୍ତ ପୃଷ୍ଟିଙ୍କ ପରଲୋକ

ଭୁବନ,୨୨।୮ (ନି.ପ୍ର): ଭୁବନ ଏନଏସିର ପ୍ରଥମ ଉପନଗରପାଳ ୬ ନମ୍ବର ୱାର୍ଡ ଅରାସାହି ବାସିନ୍ଦା ରମାକାନ୍ତ ପୃଷ୍ଟି ଗତ କାଲି ସଂଧ୍ୟାରେ ହୃଦଘାତରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା । ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ପୁଅ ମହେଶ୍ୱର, ଗୟାଧର, ବୃନ୍ଦାବନ, ଭାଗିରଥି, ପ୍ରକାଶ(ଟିଙ୍କ) ସମେତ ପୁତ୍ରବଧୁ, ଝିଅ, ଜ୍ୱାଇଁ , ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ରମାକାନ୍ତ ଙ୍କର ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଁଚି ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଶୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ରମାକାନ୍ତ ଅନ୍ତିମ ସମୟ ପର୍ଯ୍ୟନ୍ତ ବେଶ୍ ଚଳ ଚଂଚଳ ଥିଲେ । ସେ ୬ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ତଥା ଏନଏସିର ପ୍ରଥମ ପରିଷଦରେ ଉପନଗରପାଳ ଭାବେ ଦାୟିତ୍ୱ ତୁଲାଇଥିଲେ । ସ୍ୱର୍ଗତ ରମାକାନ୍ତ ଅରାସାହି ଲକ୍ଷ୍ମୀପୂଜା କମିଟିର ବରିଷ୍ଠ କାର୍ଯ୍ୟକର୍ତା, ପ୍ରଥମ ଟେଣ୍ଟହାଉସ ମାଲିକ ତଥା ସାହି ମୁରବୀ ଥିଲେ । ଜଣେ ଅତ୍ୟନ୍ତ ସାଧାସିଧା, ମେଳାପୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ସମାଜସେବୀକାଙ୍କ ବିୟୋଗ

ପଟ୍ଟାମୁଣ୍ଡାଇ,୨୨ଅଗଷ୍ଟ(ହି.ସ.) - ସଂପ୍ରତି ସ୍ଥାନୀୟ ମହାଜନସାହି ଅଂଚଳର ବିଶିଷ୍ଟ ସମାଜସେବିକା ଶାନ୍ତିଲତା ପଣ୍ଡା (୮୨)ଙ୍କର ପରଲୋକ ହୋଇଯାଇଛି । ସ୍ୱର୍ଗତାଃ ଶାନ୍ତିଲତା ପଣ୍ଡା ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିବା ସହିତ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ତାଙ୍କ ଉଦ୍ୟମ ଥିଲା ପ୍ରଶଂସନୀୟ । ସେ ଉଲ କାରିଗରୀ କ୍ଷେତ୍ରରେ ବିଶେଷ ପାରଦର୍ଶିତା ପାଇଁ ବିଭିନ୍ନ ଶିକ୍ଷ ସଂସ୍ଥା ଓ ରାଜ୍ୟ ସରକାରଙ୍କ ଠାରୁ ଯୋଗ୍ୟତାର ପ୍ରମାଣପତ୍ର ପାଇଥିଲେ । ସ୍ଥାନୀୟ ଅଂଚଳରେ ମହିଳାମାନଙ୍କୁ ଉଲ କାରିଗରୀ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ମହିଳା ସମିତି ଗୁଡିକ ମାଧମରେ ଶିକ୍ଷାଦାନ କରୁଥିଲେ । ସ୍ୱର୍ଗତାଃ ଶାନ୍ତିଲତା ପଣ୍ଡା ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି ।

## ନାବାଳିକା ଝିଅକୁ ଅପହରଣ ପରେ ବାରମ୍ବାର ଦୁଷ୍କର୍ମ : ଥାନାରେ ଅଭିଯୋଗ

ବାରିପଦା,୨୨।୮ (ନି.ପ୍ର):ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଦେଇଥିବା ଜନୈକ ନାବାଳିକା ଝିଅକୁ ଅପହରଣ କରି ବିଭିନ୍ନ ସ୍ଥାନରେ ରଖି ନାବାଳିକା ସହିତ ବଳପୂର୍ବକ ଦୁଷ୍କର୍ମ କରିବା ଭଳି ଏକ ସଙ୍ଗୀନ ଅଭିଯୋଗ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନାରେ ହୋଇଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଚାଷ କାର୍ଯ୍ୟରେ ସମସ୍ତେ ବିଲକୁ ଯାଇଥିବାବେଳେ ଘରେ ଏକୁଟିଆ ଥିଲେ ନାବାଳିକା । ଏହି ସମୟରେ ତାର ମା ଅସୁସ୍ଥ ଥିବାର କହି ବଡ଼ସାହି ଥାନା ଅର୍ଜୁନବାରିଆ ବାଉଁଶବଣି ସାହିର ଗଦାଧର ସିଂଙ୍କ ପୁଅ ରମାକାନ୍ତ ସିଂ ଓରଫ ପାଣ୍ଡେ ସିଂ(୨୦) ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେଇଥିବା ଜନୈକ ୧୫ ବର୍ଷିୟା ନାବାଳିକା ଝିଅକୁ ଭୁଲାଇ ଗତ ଜୁଲାଇ ୧୭ରେ ଅପହରଣ କରି ପ୍ରଥମେ ଉଦଳା ଥାନା ଅନ୍ତର୍ଗତ ପୁରଡ଼ିହି ଗ୍ରାମରେ ନିଜ ମାମୁଁଙ୍କ ଘରେ ରଖି ନାବାଳିକା ଝିଅର ଅନିଚ୍ଛା ସତ୍ୱେ ତା ସହିତ ବଳପୂର୍ବକ ଦୁଷ୍କର୍ମ କରିଥିଲା । ଏହି ସମୟରେ ନାବାଳିକାର ଗୁପ୍ତାଙ୍ଗରୁ ରକ୍ତସ୍ରାବ ହେବା ଆରମ୍ଭ କରିଥିଲେ ମଧ ବିଭିନ୍ନ ସମୟରେ ମଦ ପିଇ ନାବାଳିକାକୁ ମାରଧର କରିବା ସହ ଦୁଷ୍କର୍ମ କରିଆସୁଥିଲା । ସେଠାରେ କିଛି ଦିନ ରଖିବା ପରେ ବାଲେଶ୍ୱରକୁ ନେଇ ଏକ ଅନ୍ଧାରିଆ କୋଠରୀରେ ରଖି କିଛି ଦିନ ଧରି ବଳପୂର୍ବକ ଶାରିରୀକ ସମ୍ପର୍କ ରଖି ଆସୁଥିଲା । ନାବାଳିକା ଖସି ପଳାଇ ଆସିବା ନିମନ୍ତେ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲା । ଏହି ସମୟରେ ରମାକାନ୍ତ ସିଂଙ୍କ ବାପା ଗଧାଧର ତାର ସ୍ତ୍ରୀ ସହିତ ବାଲେଶ୍ୱରରେ ରହୁଥିବା ଘରେ ପହଂଚି ନାବାଳିକାକୁ ଧମକ ଚମକ ଦେଇ ମାରଧର କରି ଶେଷରେ ଏକ କାରରେ ଆଣି ବଡ଼ସାହି ନିକଟ ଗ୍ରାମ୍ୟ ଜଙ୍ଗଲ ଭିତରେ ଛାଡ଼ି ଚାଲିଯାଇଥିଲେ ବୋଲି ନାବାଳିକା ଗଣମାଧମର ପ୍ରତିନିଧିମାନଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି । ନାବାଳିକାର ଅପହରଣକୁ ନେଇ ତାର ବାପା ଭିମଦା ପୁଲିସ ବିଟ୍ ଅଧିକାରୀଙ୍କ ଜରିଆରେ ବଡ଼ସାହି ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ଥାନାରେ ଆଇପିସି ଧାରା ୩୬୩ ଅନୁସାରେ କେଶ ନମ୍ବର ୯୪/୧୯.୦୭.୨୦୨୦ରେ ଏକ ମାମଲା ରୁଜୁ କରାଯାଇଥିଲା । ମାତ୍ର ପୁଲିସ ପକ୍ଷରୁ କୌଣସି ପ୍ରକାରର ସହଯୋଗ ମିଳିପାରି ନ ଥିଲା । ଫଳରେ ଆଜି ନାବାଳିକା ନ୍ୟାୟ ପାଇବା ନିମନ୍ତେ ପରିବାରର ସଦସ୍ୟମାନଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବାକୁ ଆସିଥିଲେ ଏବଂ ସେଠାରୁ ବେତନଟୀ ଏସଡ଼ିପିଓଙ୍କ ନିକଟକୁ ଯାଇଛନ୍ତି । ସେଠାରେ ପିଡ଼ିତାକୁ ପଚରାଉଚରା କରାଯିବା ପରେ ଡ଼ାକ୍ତରୀ ମାଇନା ନିମନ୍ତେ ପଠାଯିବ ଓ କୋର୍ଟରେ ୧୬୪ରେ ପିଡ଼ିତାର ବୟାନକୁ ରେକର୍ଡ଼ କରାଯିବ । ଆଜି ରାତିରେ ପିଡ଼ିତାକୁ ସ୍ୱଧାର ଗୃହରେ ରଖାଯିବ ବୋଲି ସୂଚନା ମିଳିଛି । ସେହିପରି ଥାନାରୁ ମାମଲା ପ୍ରତ୍ୟାହୃତ କରାଇ ନେବାକୁ ଅଭିଯୁକ୍ତର ପରିବାର ଓ ଆତ୍ମୀୟ ସ୍ୱଜନ ପକ୍ଷରୁ ପିଡ଼ିତାର ପରିବାରକୁ ଧମକ ମିଳୁଥିବାର ମଧ୍ୟ ଅଭିଯୋଗ ହେଉଛି ।

## ବ୍ରହ୍ମପୁର ସହରରେ ଏଣିକି ସକାଳ ୫ଟାଠାରୁ ରାତି ୮ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବ

ଗଞ୍ଜାମ, ୨୧ ଅଗଷ୍ଟ (ହି.ସ.)- ବ୍ରହ୍ମପୁର ସହରରେ ଏଣିକି ସକାଳ ୫ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲି ପାରିବେ ଦୋକାନୀ ଓ ବ୍ୟବସାୟୀ । ସୋମବାର ଠାରୁ କଟକଣା କୋହଳ କରାଯିବା ନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତି ସିଂହ ରାଠୋର । ଅନ୍ୟପକ୍ଷରେ ଏହି ଖବର ଶୁଣିବା ପରେ ବ୍ୟବସାୟୀ ଆଶ୍ୱସ୍ତ ହୋଇଛନ୍ତି ।

## ଜଷ୍ଟିସ ନାଇଡୁ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଯାଉ : ଭିଏଚ୍‌ପି

ଭୁବନେଶ୍ୱର,୨୨।୮ (ନି.ପ୍ର): ରାଷ୍ଟ୍ରସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଅସଲ ହତ୍ୟାକାରୀକୁ ଧରିବା ପାଇଁ ନିଷ୍ପାପର ପଦକ୍ଷେପ ସହିତ ତୁରନ୍ତ ନାଇଡୁ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାକୁ ବିଶ୍ୱହନ୍ଦୁ ପରିଷଦ ପକ୍ଷରୁ ଦାବି କରାଯାଇଛି । ସ୍ଥାନୀୟ ଜୟଦେବ ପାଠାଗାରରେ ବିଶ୍ୱହିନ୍ଦୁ ପରିଷଦ ତରଫରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଗଠନର ପ୍ରଦେଶ ସଂଗଠନ ମନ୍ତ୍ରୀ ଶ୍ରୀ ଆନନ୍ଦଜୀ ପାଣ୍ଡେ କହିଛନ୍ତି ଯେ, ହିନ୍ଦୁ ସଂସ୍କୃତି ଏବଂ ରାଷ୍ଟ୍ରପ୍ରେମ ଜାଗରଣ କାର୍ଯ୍ୟରେ ଲିପ୍ତ ଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ବହୁ ବର୍ଷ ଧରି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ପରେ ଓଡିଶା ପ୍ରଦେଶର ଫୁଲବାଣୀ ଜିଲ୍ଲାକୁ ନିଜର କାର୍ଯ୍ୟକ୍ଷେତ୍ର ରୂପେ ଗ୍ରହଣ କରି ସେଠାକାର ବନବାସୀ ଲୋକମାନଙ୍କୁ ଜୀବନ ବଂଚିବାର ଶୈଳୀ, କୃଷିକାର୍ଯ୍ୟ, ରାଷ୍ଟ୍ରପ୍ରେମ ଓ ସଂସ୍କୃତ ବିଦ୍ୟାଳୟ ଇତ୍ୟାଦି ସ୍ଥାପନା କରିଥିଲେ । କିନ୍ତୁ ଦଃଖର ବିଷୟ ଯେ, 'ଏହିପରି ଜଣେ ମହାନ ସର୍ବଗୁଣ ସମ୍ପର୍ଣ୍ଣ ସନ୍ଥଙ୍କୁ କିଛି ବିକୃତ ମାନସିକତାର ଆତତାୟୀ ଏବଂ ରାଷ୍ଟ୍ର ବିରୋଧି କାର୍ଯ୍ୟରେ ତଥା ଧର୍ମାନ୍ତିକରଣରେ ଇଚ୍ଛା ରଖିଥିବା ବ୍ୟକ୍ତି ମିଶି ୨୦୦୮ ମସିହା ଜନ୍ମାଷ୍ଟମୀ ଦିନ ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ପରବର୍ତୀ ସମୟରେ ଏହା ବିରୋଧରେ ହିନ୍ଦୁ ସମାଜ ମଧରେ ଯୋର ଧରିବାରୁ ସରକାର ଲୋକ ଦେଖାଣିଆ ଏକ ଜଷ୍ଟିସ ନାଇଡୁ କମିଶନ ତିଆରି କରି ତଥ୍ୟ ସଂଗ୍ରହ କରିଥିଲେ । କିନ୍ତୁ ଏହାକୁ ସାର୍ବଜନୀନ କରାଗଲା ନାହିଁ । ଏଣୁ ବିଶ୍ୱହିନ୍ଦୁ ପରିଷଦ ଓ ସମଗ୍ର ବିଶ୍ୱବାସୀଙ୍କ ଦାବି ନାଇଡୁ କମିଶନଙ୍କୁ ସାର୍ବଜନୀନ କରାଯାଉ ଏବଂ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯାଉ ବୋଲି ଦାବି କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାନଗର ସମ୍ପାଦକ ଶରତ ମହାପାତ୍ର, ଶୁଭ୍ରାଂଶୁ ଶେଖର ଶତପଥି, ନାରାୟଣ ତ୍ରିପାଠୀ, ପ୍ରଳୟ କୁମାର ଚାନ୍ଦ, ପ୍ରଭାତ ତ୍ରିପାଠୀ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ ।

## ହେଲମେଟ, ମାସ୍କ ଚେକିଙ୍ଗ ଜୋରଦାର, ୫ ହଜାରରୁ ଉର୍ଦ୍ଧ୍ୱ ଫାଇନ ଆଦାୟ

ଭୁବନ,୨୨।୮ (ନି.ପ୍ର): ଭୁବନରେ କରୋନା ନିୟନ୍ତ୍ରଣ ସକାଶେ ପୋଲିସ ପେଟ୍ରୋଲିଂ,ହେଲମେଟ ଓ ମାସ୍କ ଚେକିଙ୍ଗ ଜୋରଦାର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବାରୁ ଭୁବନ ପୋଲିସ ତରଫରୁ ବିଭିନ୍ନ ସାହି ମାନଙ୍କରେ ପେଟ୍ରୋଲିଂ ସମେତ ପ୍ରମୁଖ ଛକ ରେ ହେଲମେଟ ଓ ମାସ୍କ ଚେକିଙ୍ଗ ଚାଲୁରହିଛି । ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ସହିତ ଏଏସଆଇ ପ୍ରଭାତ କୁମାର ନାୟକ,ନୀଳକଣ୍ଠ ପାତ୍ର ବିଭିନ୍ନ ଛକରେ ଆଇଆରବି ଫୋର୍ସ ଙ୍କ ଗହଣରେ ଚେକିଙ୍ଗ କରି ହେଲମେଟ ଓ ମାସ୍କ ପିନ୍ଧିନଥିବା ବ୍ୟକ୍ତି ମାନଙ୍କ ଠାରୁ ଫାଇନ ଆଦାୟ କରିଥିଲେ । ଆଜି ବିଭିନ୍ନ ସ୍ଥାନରୁ ୫ ହଜାର ୮୦୦ ଟଙ୍କା ଫାଇନ ଆଦାୟ କରାଯାଇଥିବା ଭୁବନ ଥାନା ସୂତ୍ରରୁ ଜଣାପଡିଛି ।

## କରୋନା ଛଡାଇ ନେଇଛି ମୂର୍ତ୍ତି କାରିଗରଙ୍କ ଜୀବିକା : ଭୋକ ଉପାସରେ ଦିନ କାଟୁଛନ୍ତି ଏକାଧକ ମୂର୍ତ୍ତୀ କାରିଗରଙ୍କ ପରିବାର

କେନ୍ଦୁଝର,୨୨ ଅଗଷ୍ଟ (ହି.ସ.)- କରୋନା ର ମାଡ ପଡିଛି ଏବେ ପଡିଛି କେନ୍ଦୁଝର ଜିଲ୍ଲାର ମୂର୍ତି କାରୀଗର ଙ୍କ ଉପରେ । ଏହି କରୋନା ଛଡାଇ ନେଇଛି ମାଟି ମୂର୍ତି କାରିଗର ବା କୁମ୍ଭାର ପରିବାରଙ୍କ ଜୀବିକା । ଫଳରେ ଭୋକ ଉପାସରେ ଦିନ କାଟିବାକୁ ବାଧ୍ୟ ହେଉଛନ୍ତି ଏହି ମୂର୍ତି କାରୀଗର ଙ୍କ ପରିବାର । ଦୀର୍ଘ ପ୍ରାୟ ଛଅ ମାସ ଧରି ଭୟଙ୍କର କରୋନା ମହାମାରୀ ସାରା ବିଶ୍ୱ ରେ କାୟ ବିସ୍ତାର କରି ଚାଲିଛି । ଆଉ ଏହାର ମୁକାବିଲା କରିବାକୁ ସାରା ଦେଶରେ ଲଗୁ ହୋଇଛି ଅନେକ କଠୋର କଟକଣା । ଏହା ସହ କେତେ ବେଳେ ଲକ୍‌ଡାଉନ ତ କେତେବେଳେ ସଟ୍‌ଡାଉନ । ଏପରିକି ବିଭିନ୍ନ ଧର୍ମାନୁଷ୍ଠାନ ,ପୂଜାପର୍ବଣ ସଙ୍ଗକୁ ସାପ୍ତାହିକ ହାଟ ବଜାର, ପ୍ରଦର୍ଶନୀ ଆଦି ଉପରେ ମଧ୍ୟ ଲାଗିଛି ରୋକ୍ । ସେପଟେ ଶହ ଶହ କୁମ୍ଭକାର ପରିବାର ମାଟିର ସାମଗ୍ରୀ ତିଆର କରି ପ୍ରଦର୍ଶନୀ ଓ ହାଟ ବଜାର ରେ ବିକ୍ରିକରି ଯାହା କିଛି ରୋଜଗାର କରନ୍ତି ସେଥିରେ ସେମାନଙ୍କର ପରିବାର ଚଳେ । ହେଲେ ଏହି କରୋନା ଛଡାଇ ନେଇଛି ଏମାନଙ୍କର ବଂଚିବାର ରାହା । କେନ୍ଦୁଝର ଜିଲ୍ଲାର ଟିକରପଡା ଗାଁ ର ଏକାଧିକ ପରିବାର ଏହି ମାଟି ମୂର୍ତି କାମ କରି ନଜର ଗୁଜୁରାଣ ମେଣ୍ଟାଇ ଥାନ୍ତି । ଏହା ସହ ପୂଜା ପାର୍ବଣ ଆସିଲେ ସେମାନେ ନୂତନ କଳା କୌଶଳରେ ବିରାଟ ବିରାଟ ଆକର୍ଷଣୀୟ ମୂର୍ତୀ ଗଢି ବେଶ ଦୁଇ ପଇସା କମାଇଥାନ୍ତି । ହେଲେ ଏବେ କରୋନା କଟକଣା ଯୋଗୁଁ ଖୁଦୁରୁକୁଣୀ ଓ ସାର୍ବଜନୀନ ଗଣେଶ ପୂଜା ଉପରେ ମଧ୍ୟ କଟକଣା ସହ ରୋକ ଲାଗିବା ଫଳରେ କୁମ୍ଭାକାର ପରିବାର ଙ୍କ ଆର୍ଥୀକ ମେରୁଦଣ୍ଡ ଏକ ପ୍ରକାର ଦୋହଲିଯାଇଅଛି । ଏହି ଟିକରପଡା ଗାଁ ର ୨୫ ବର୍ଷ ର ଯୁବ କଳାକାର ନିଶିକାନ୍ତ ବେହେରା ଏବେ ବାଲୁକା ଶିଳ୍ପ ପାଇ ଜିଲ୍ଲା, ରାଜ୍ୟ , ଆର୍ନ୍ତରାଜ୍ୟ ଓ ଆର୍ନ୍ତଜାତୀୟ ସ୍ତରରେ ରେ ଯଥେଷ୍ଟ ନାମ କମାଇବା ସହ ବେଶ ଦୁଇ ପଇସା କମାଉଥିଲେ । ଏହା ସହ ସେ ୧୫ ରୁ ଉର୍ଦ୍ଧ ଲୋକ ଙ୍କୁ କାମ ମଧ୍ୟ ଯୋଗାଇଦେଇ ପାରିଥିଲେ । ତାଙ୍କ ପାଖରେ ୧୫ ରୁ ଉର୍ଦ୍ଧ ଲୋକ ବର୍ଷ ତମାମ କାମ କରି ବେଶ ଦୁଇ ପଇସା ରୋଜଗାର କରି ନିଜ ଗୁଜୁରାମ ମେଣ୍ଟାଉଥିଲା । ନିଶିକାନ୍ତ ଏକାଧିଆରା ରେ ଜଣେ ବାଲୁକାଶିଳ୍ପି, ଚିତ୍ରକର, ମୂର୍ତିକାରିଗର ମଧ୍ୟ । ସେ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ରେ ପଡୁଥିବା ପ୍ରଦର୍ଶନୀ ରେ ଭାଗ ନେଇ ବାଲୁକା ଶିଳ୍ପ ଓ ମାଟି ନିର୍ମିତ ଜିନିଷ ଚିତ୍ରକଳା ପ୍ରଦର୍ଶନ କରି ଓ ବିକ୍ର କରି ବେଶ ଦୁଇ ପଇସା କମାଇ ଥାନ୍ତି । ଆହୁରି ମଦ୍ୟ ନିଶିକାନ୍ତ ମାଟିରେ ଶଂଙ୍ଖ ତିଆରି କରିବାରେ ଧୁରନ୍ଧର ଅଟନ୍ତି । ଏହି ମଟି ଶଂଙ୍ଖ ମଧ୍ୟ ତାଙ୍କ ପାଇଁ ତାଙ୍କର ଏକ ନିଆରା ପରିଚୟ ରହିଛି । ଆଉ ତାଙ୍କ ବାପା ଗୌର ଶଙ୍କର ମଧ୍ୟ ଜଣେ ମୂର୍ତି କାରିଗର । ସେ ଜିଲ୍ଲା ର ବିଭିନ୍ନ ସ୍ଥାନରେ ହେଉଥିବା ହାଟ ମାନଙ୍କରେ ରେ ମାଟିର କିସମ କିସମ ର ଜିନିଷ ବିକ୍ରି ବେଶ ଦୁଇ ପଇସା କମାଇଥାନ୍ତି । ହେଲେ ଏବେ କରୋନା କଟକଣା ଯୋଗୁଁ ତାଙ୍କ ପରିବାର ଏକ ପ୍ରକାର ଭୋକ ଉପାସରେ ଦିନ କାଟୁଛନ୍ତି । ଯେଉଁଥିପାଇଁ ଅନେକ କୁମ୍ଭାକାର ବା ମୂର୍ତି କାରିଗର ନିଜର ଭିଟାମାଟି ଛାଡି ଦାଦନ ଖଟିବାକୁ ବାହାର ରାଜ୍ୟ କୁ ଯିବାକୁ ବାହାରିଲେଣି । ଏ ଦିଗରେ ଜିଲ୍ଲାର ପ୍ରଶାସନ ଓ ରାଜ୍ୟ ସରକାର ଗୁରୁତର ସହ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ବୁଦ୍ଧିଜୀବିମାନେ ମତ ପ୍ରକାଶ କରିଛନ୍ତି ।

## ୮ ବାଲି ବୋଝେଇ ଟ୍ରକ୍ ଜାଳିଦେଲେ ଦୁର୍ବୃତ୍ତ

ଗଞ୍ଜାମ,୨୨।୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ କୋଳିଦାଶପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ ମାନେ ୮ଟି ବାଲି ବୋଝେଇ ଟ୍ରକ୍ ରେ ନିଆଁ ଲଗାଇ ଦେଇଛନ୍ତି । ଏହି ଟ୍ରକ୍ ଗୁଡିକ ସ୍ଥାନୀୟ ଋଷିକୂଲ୍ୟା ନଦୀରୁ ବାଲି ବୋଝେଇ କରି ସେଠାରେ ପାର୍କିଂ କରାଯାଇଥିବା ବେଳେ ଦୁର୍ବୃତ ମାନେ ଏହାକୁ ପୋଡ଼ି ଦେଇଛନ୍ତି । ତେବେ ନିଆଁ ଲଗାଇବାର କାରଣ ଅସ୍ପଷ୍ଟ ରହିଛି । ଅନ୍ୟପକ୍ଷରେ ଏଥିରେ କେହି ମୃତାହତ ହୋଇନାହାଁନ୍ତି ।

## ରାମିଆଳ ନଦୀ କୂଳରୁ ଅଚିହ୍ନା ବ୍ୟକ୍ତିଙ୍କ ଶବ ଉଦ୍ଧାର

ଭୁବନ,୨୨।୮ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ନିକଟସ୍ଥ ରାମିଆଳ ନଦୀ କୂଳରୁ ଏକ ଅଜଣା ଶବ ଉଦ୍ଧାର ହୋଇଛି । ଆଜି ସକାଳ ୯ ଘଟିକା ସମୟରେ କେଉଁଆଡୁ ଭାସିଆସି ରାମିଆଳ ନଦୀ କୂଳରେ ନିବସ୍ତ୍ର ଭାବେ ଜଣେ ଯୁବକ ର ଶବ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ କୁ ଖବର ଦେଇଥିଲେ । ଏ ସଂପର୍କରେ ଖବର ପାଇ ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ମୁରଲୀଧର ନାୟକ, ଅଗ୍ନିଶମ ବାହିନୀ ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ମୃତ ବ୍ୟକ୍ତିଙ୍କର ଆନୁମାନିକ ବୟସ ୩୦ ରୁ ୩୫ ବର୍ଷ ହେବ । ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସଂପୃକ୍ତ ମୃତ ବ୍ୟକ୍ତିଙ୍କର କୌଣସି ପରିଚୟ ମିଳିନାହିଁ ଓ ଏ ସଂପର୍କରେ କେଶ୍ ନମ୍ବର - ୧୫/୨୦୨୦ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ ହୋଇଥିବା ତଦନ୍ତକାରୀ ଅଫିସର ଏଏସଆଇ ମୁରଲୀଧର ନାୟକ ସୂଚନା ଦେଇଛନ୍ତି ।

## ଜାରକା ଗୋକର୍ଣ୍ଣେଶ୍ୱର ବ୍ରିଜ ନିକଟରେ ଅଜଣା ଗାଡି ଧକ୍କାରେ ସ୍କୁଟି ଚାଳକର ମୃତ୍ୟୁ

ଧର୍ମଶାଳା,୨୨।୮ (ନି.ପ୍ର): ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥରେ ପୁଣି ଦୁର୍ଘଟଣା । ଜଣେ ସ୍କୁଟି ଚାଳକର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଗୋକର୍ଣ୍ଣେଶ୍ୱର ବ୍ରିଜ ଉପରେ । ମୃତ ସ୍କୁଟି ଚାଳକ ଜଣକ ହେଲେ ଜେନାପୁର ଥାନା କବାଟବନ୍ଧ ଅଂଚଳର ପରମାନନ୍ଦ ସାହୁଙ୍କ ପୁଅ ବିଦ୍ୟାଧର ବୋଲି ଜଣାପଡିଛି । ସେ ଜାରକାରୁ କାମ ସାରି ଘର କବାଟବନ୍ଧକୁ ଏକ କଳା ରଙ୍ଗର ସ୍କୁଟି(ଓଡି୦୪ଏଚ୫୮୪୩)ଯୋଗେ ଫେରୁଥିଲେ । ତେବେ ଏହି ଗୋକର୍ଣ୍ଣେଶ୍ୱର ବ୍ରିଜ ଉପରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କୁ ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ଶବ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକୁ ପଠାଇ ଦେବା ସହ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ରବିବାର, ଅଗଷ୍ଟ ୨୩, ୨୦୨୦

# କୁଲ କରେ ହଟ କଫି



କଫି ଆଜିକାଲି ସମସ୍ତେ ପିଉଛନ୍ତି । ଶୀତଦିନେ ହଟ କଫିର ଚାହିଦା ଥିବାବେଳେ ଗ୍ରୀଷ୍ମଦିନେ କୁଲ କଫିର ଚାହିଦା ଅଧିକ ରହିଥାଏ । ତେବେ ଏହି ଦୁଇ ପ୍ରକାର କଫିତ ସମସ୍ତେ ସେବନ କରନ୍ତି ହେଲେ ଦୁଇଟି ମଧ୍ୟରେ ଦେହ ପାଇଁ ବେଶୀ ହିତକାରୀ କ'ଣ? ଥୋମାସ୍ ଜାଫସନ ୟୁନଭର୍ସିଟିର ଏକ ଗବେଷଣା ଅନୁସାରେ, ହଟ୍ ବ୍ରୁ କଫି କୋଲ୍ଡ କଫି ତୁଳନାରେ ବେଶୀ ସ୍ୱାସ୍ଥ୍ୟକାରୀ ହୋଇଥାଏ । ରିସର୍ଚ୍ଚ ମୁତାବକ, ଥଣ୍ଡା କଫି ତୁଳନାରେ ଗରମ ବ୍ରୁ କଫିରେ ଅଧିକ ମାତ୍ରାରେ ଆଣ୍ଟିଅକ୍ସିଡଣ୍ଟ ରହିଥାଏ । ଅଧିକାଂଶ ଲୋକ ଥଣ୍ଡା କଫିକୁ ଗରମ କଫି ଅପେକ୍ଷା କମ ଏସିଡିକ୍ ବୋଲି କହିଥାଆନ୍ତି । ଗରମ ହେଉ ଅବା ଥଣ୍ଡା ଦୁଇଟି ଯାକ କଫିରେ ସମାନ ପରିମାଣର ଏସିଡିକ୍ ଭାଗ ରହିଥାଏ । କିନ୍ତୁ ଏହା ସତ୍ୟ ଯେ, ଥଣ୍ଡା ଅବା କୋଲ୍ଡ କଫିରେ ମାତ୍ରାଧିକ କ୍ୟାଫିନ୍ କନସଂଟ୍ରେସନ ରହିଥାଏ । ତେଣୁ ନିଦ ଜନିତ ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତି ଏହାକୁ ସେବନ କରିବା ଅନୁଚିତ୍ । ଆଉ ଯଦି କଫି ପିଉଛନ୍ତି ତେବେ ପିଇବାର ୩-୪ ଘଣ୍ଟା ପରେ ଶୋଇବା ଉଚିତ ।

## କ'ଣ ପାଇଁ ବିଢୁଛି ସ୍ତନ କର୍କଟ ?

ମହିଳାଙ୍କ ମଧ୍ୟରେ ଲଗାତାର ବଢୁଥିବା ସ୍ତନ କର୍କଟକୁ ରୋକିବା ପାଇଁ ଏମ୍ସରେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଯେଉଁଥିରେ ଦେଶବିଦେଶର ଅନେକ ଜଣାଶୁଣା କର୍କଟ ରୋଗ ବିଶେଷଜ୍ଞ ସାମିଲ ହୋଇଥିଲେ । ଏହି ସମ୍ମିଳନୀରେ ମହିଳା ଏବଂ ବାଳ ବିକାଶ ମନ୍ତ୍ରୀ ସ୍ତନ କର୍କଟର କାରଣ ଓ ବିପଦ ସମ୍ବନ୍ଧରେ ବିଚାର କରିଥିଲେ । ଏସିଆରେ ଲଗାତର ଭାବେ ବଢୁଥିା ସ୍ତନକର୍କଟ ସବୁଠୁ ସାଧାରଣ କ୍ୟାନ୍ସର ମଧ୍ୟରୁ ଏକ ହୋଇଗଲାଣି । ଡାକ୍ତରଙ୍କ କହିବାନୁଯାୟୀ, ୪୦ ରୁ ୬୦ ବର୍ଷୀୟ ମହିଳାଙ୍କୁ ଏହା ଅଧିକ ଗ୍ରାସ କରିଥାଏ । କିନ୍ତୁ ଏହାର ଅର୍ଥ ନୁହେଁ କି ୪୦ ରୁ ୬୦ ବର୍ଷ ପୂର୍ବରୁ କିମ୍ବା ପରେ ଏହା ହେବ ନାହିଁ । ଯେଉଁଥିପାଇଁ ବଦଳୁଥିବା ଚୀବନଶୈଳୀ ଓ ଖାଦ୍ୟଭାସ ସ ମାନସିକ ଚାପକୁ ଦାୟୀ କରାଯାଇଛି । ଆଜିକାଲି ମହିଳାମାନେ ସନ୍ତାନକୁ ସ୍ତନ୍ୟପାନ ନ କରାଇବା ମଧ୍ୟ ଆଉ ଏକ କାରଣ । ଏହାଛଡ଼ା ଅଧିକ ଆମିଷ ଖାଉଥିବା ମହିଳାଙ୍କୁ ସ୍ତନ କର୍କଟ କିମ୍ବା ଅନ୍ୟକୌଣସି କ୍ୟାନ୍ସର ହେବାର ସମ୍ଭାବନା ଅଧିକ ରହିଛି । ଯୋଗ ଓ ବ୍ୟାୟାମ ସହ ପିଜା ବର୍ଗର ଓ କୋଲା ଛାଡ଼ି ଭାରତୀୟ ଖାଦ୍ୟ ଭାତ, ଡାଲି, ରୋଟି, ତରକାରି ଖାଇବାର ଅଭ୍ୟାସ କରିବା ଦ୍ୱାରା ଆଗାମୀ ଦିନରେ ସ୍ତନକର୍କଟକୁ ରୋକା ଯାଇପାରିବ ।

# କ୍ଷୀରକୁ ଦହିରେ ପରିଣତ କରୁଥିବା ଚମତ୍କାରୀ ପଥର

ସ୍ୱର୍ଣ୍ଣନଗରୀ ଭାବେ ପରିଚିତ ରାଜସ୍ଥାନର ଜୈସଲମେର ବିଶ୍ୱବିଖ୍ୟାତ । କିନ୍ତୁ ଏଠାରେ ମିଳୁଥିବା ଏକ ଚମତ୍କାରୀ ହଳଦିଆ ପଥର ମଧ୍ୟ ଦେଶବିଦେଶରେ ଖ୍ୟାତି ଅର୍ଜନ କରିଛି ଜୈସଲମେର ମୁଖ୍ୟାଳୟଠାରୁ ୫୦ କିମି ଦୂରରେ ସ୍ଥିତ ହାବୁରଗାଁ ପଥର ବିଷୟରେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ । ଏହି ପଥରକୁ ଯଦି କ୍ଷୀରରେ ମିଶାଯାଏ, ତେବେ ଏହା ସଙ୍ଗେ ସଙ୍ଗେ ଦହିରେ ପରିବ ର୍ତ୍ତନ ହୋଇଥାଏ । ସାଧାରଣ ଭାବେ ଲୋକେ କ୍ଷୀରକୁ ଦହି ଜମାଇବାକୁ ମହି ମିଶଇଥାନ୍ତି । କିନ୍ତୁ ରାଜସ୍ଥାନର ଏହି ଗ୍ରାମବାସୀଙ୍କ ଦହି ତିଆରି କାହାଣୀ ସବୁଠୁ ଭିନ୍ନ । ଏହାରେ ଲୋକେ ଦହି ଜମାଇବାକୁ ଶହଶହ ବର୍ଷ ହେବ ଏହି ଚମତ୍କାରୀ ପଥରର ବ୍ୟବହାର କରିଥାନ୍ତି । ହାବୁରଗାଁର ଏହି ପଥର ନିଜ ଭିତରେ ଅନେକ କିଛି ଚମତ୍କାରୀ ଗୁଣ ଭରିରଖିଛି । ଏହି ପଥରକୁ ସ୍ଥାନୀୟ ଭାଷାରେ ହାବୁରିଆ ଭାଟା କୁହାଯାଏ । ଏହି ପଥର ନିଜ ବିଶେଷ ଗୁଣ ଯୋଗୁ ଏବେ ଦେଶବିଦେଶରେ ବେଶ ଲୋକପ୍ରିୟତା ସାଉଣ୍ଟିବାରେ ଲାଗିଛି । ଏହାଛଡ଼ା ଏଠାରେ ହାବୁର ପଥରରେ ବାସନ ମଧ୍ୟ ତିଆରି କରିଥାନ୍ତି; ଯାହାକୁ ବିଦେଶୀମାନେ ବହୁମାତ୍ରାରେ କିଣିଥାନ୍ତି ।



# କୁହୁଡ଼ିରେ ରେଳ ଚାଳନାରୁ ସହଜ କରିବ 'ଫଗପାସ୍'

ଘନ କୁହୁଡ଼ି ଯୋଗୁ ଶୀତ ଦିନେ ରେଳ ଚଳାଚଳ ପ୍ରଭାବିତ ହୁଏ । ଟ୍ରେନ ବାତିଲ, ବିଳମ୍ବ, ଏପରିକି ଦୁର୍ଘଟଣା ଭଳି ସମସ୍ୟା ଉପୁଜେ । ଏପରି ସମସ୍ୟାକୁ ଏଡ଼ାଇବା ଲାଗି 'ନର୍ଥଇଷ୍ଟ ଫ୍ରଣ୍ଟିୟର ରେଲୱେ' ପକ୍ଷରୁ ଏକ ନୂଆ ଉପକରଣର ବ୍ୟବହାର ଆରମ୍ଭ ହୋଇଛି । 'ଫଗ୍ ଦ୍ୱ' ଭାବେ ନାମିତ ଏହି ଯନ୍ତ୍ର ଗ୍ଲୋବାଲ ପେଜିସନିଂ ସିଷ୍ଟମ (ଜିପିଏସ୍) ଜ୍ଞାନ-କୌଶଳରେ ବିକଶିତ। ଏହି ଯନ୍ତ୍ର ମାଧ୍ୟମରେ ରେଳ ଚଳକ ପ୍ରଖର କୁହୁଡ଼ି ମଧ୍ୟରେ କିଛି ଦୂର ପର୍ଯ୍ୟନ୍ତ ପରିଷ୍କାର ଭାବେ ଦେଖିପାରିବ। ଟ୍ରେନ ସିଗନାଲ, ଲେଭଲ କ୍ରସିଂ ଗେଟ, ଟ୍ରାକ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସ୍ପଷ୍ଟଭାବେ ଦୃଶ୍ୟମାନ ହେବା ଏହା ଦ୍ୱାରା ଦୁର୍ଘଟଣା, ଟ୍ରେନ ବିଳମ୍ବ ସମସ୍ୟା କମିବ । ଯନ୍ତଟି ବ୍ୟାଟେରି ଚଳିତ ଏବଂ ଓଜନ ମାତ୍ର ଦେଢ଼ କିଲୋଗ୍ରାମ । ଥରେ ଚାର୍ଜ ହେଲେ ଅଠର ଘଣ୍ଟା ପର୍ଯ୍ୟନ୍ତ ବ୍ୟାଟେରି ଶକ୍ତି ଯୋଗାଇବାକୁ ସକ୍ଷମ।






# ଦିନ ମଜୁରିଆରୁ ଅଗ୍ରଣୀ ସାମ୍ବାଦିକା

ମୁଣ୍ଡା ସଂପ୍ରଦାୟର ଦୟାମଣି ବାରଲା ଏବେ ଜଣେ ଅଗ୍ରଣୀ ସାମ୍ବାଦିକା ତଥା ସାମାଜିକ ସକ୍ରିୟତାବାଦୀ । ବିହାର, ଝାରଖଣ୍ଡ ଓପଶ୍ଚିମ ବଙ୍ଗରୁ ଏକ ସମୟରେ ପ୍ରକାଶ ପାଉଥିବା 'ପ୍ରଭାତ ଖବର' ସମ୍ବାଦପତ୍ରର ସେ ଜଣେ ପ୍ରମୁଖ ପ୍ରତିନିଧି । ଦୟାବମଣିଙ୍କ ଜନ୍ମ ଝାରଖଣ୍ଡର ଏକ ଗରିବ ମୁଣ୍ଡା ପରିବାରରେ । ତାଙ୍କ ପିତା ଓ ମାତା ନିରକ୍ଷର ଥିବାରୁ, ଜଣେ କେହି ପ୍ରତାରଣାପୂର୍ବକ ସେମାନଙ୍କ ଜମି - ବାଡ଼ି ହଡ଼ପ କରିନେଇଥିଲା । ଫଳରେ ସେମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ଭୃତ୍ୟ ଭୃତ୍ୟା। ଭାବେ କାମ କରିବାକୁ ପଡ଼ିଥିଲା । ଦୟାମଣି ନିଜ ଗାଁରେ ରହୁଥିଲେ ଏବଂ ପଢ଼ା ଖର୍ଚ୍ଚ ଉଠାଇବା ପାଇଁ ଦିନ ମଜୁରିଆ ଭାବେ କାମ କରୁଥିଲେ । ସପ୍ତମ ଉତ୍ତୀର୍ଣ୍ଣ ହେବା ଯାଏ, ଜୀବନ ଏହି ପରି ଚାଲିଥିଲା । ବହୁ ବାଧା- ପ୍ରତିବନ୍ଧ ସତ୍ତ୍ୱେସେ ଆଗକୁ ବଢ଼ିଥିଲେ ଏବଂ ସାମ୍ବାଦିକତା ପାଠ୍ୟ-କ୍ରମର ଡିଗ୍ରି ଲାଭ କରିଥିଲେ । ଏବେ ସେ ସାମ୍ବାଦିକତା ସହ ଏକ ଚାହା ଦୋକାନ ଚଳାଉଛନ୍ତି । ଦୟାମଣି କହନ୍ତି, ଚାହା ଦୋକାନ ଏଭଳି ଏକ ସ୍ଥାନ ଯେଉଁଠି ନାନା ଅଜଣା ଖବର କାନରେ ପଡ଼ିଥା, । ତାହା ପରେ ଲୋଡ଼ାହୁଏ କିଛି ଅନୁସନ୍ଧାନ । ତେଣୁ, ସେ ଚାହା ବିକୁଛନ୍ତି । ପୂର୍ବ ଝାରଖଣ୍ଡରେ 'ଆରସେଲର ମିତ୍ତଲ' ର ଏକ ବିଶାଳ ଇସପାତ କାରଖାନା ନିର୍ମାଣକୁ ସେ ବିରୋଧ କରି ଚର୍ଚ୍ଚାକୁ ଆସିଥିଲେ । ସେ 'ଆଦିବାସୀ, ମୂଳବାସୀ, ଅସ୍ତିତ୍ୱ ରକ୍ଷା ମଞ୍ଚ' ସହ ସଂପୃକ୍ତ ସକ୍ରିୟତାବାଦୀ । ଉଲ୍ଲେଖନୀୟ ସାମ୍ବାଦିକତା ପାଇଁ ସେ 'କାଉଣ୍ଟର ମିଡିଆ ଆୱାର୍ଡ' ଏବଂ ସମାଜ-ସେବା ପାଇଁ 'ଲଲେନ ଏଲ ଲ୍ୟୁଜ ଇଣ୍ଡିଜେନସ ରାଇଟସ ଆୱାର୍ଡ' ପାଇଛନ୍ତି ।

# ଦାମୀ ଝିଟିପିଟି

ଝିଟିପିଟିକୁ ସାଧାରଣ ଲୋକମାନେ ଡରିଥାନ୍ତି କିମ୍ବା ଘୃଣା କରିଥାନ୍ତି । ମାତ୍ର ଆପଣମାନେ ଜାଣିନ୍ତି କି? ପୃଥିବୀରେ ଏମିତି ଏକ ପ୍ରଜାତିର ଝିଟିପିଟି ରହିଛି, ଯାହାର ମୂଲ୍ୟ କୋଟିଏରୁ ଅଧିକ । ଏହି ଝିଟିପିଟିର



ନାମ ହେଉଛି, 'ଟୋକୟ ଗୋକୋ' । ଏହି ରଙ୍ଗିନ ଝିଟିପିଟି ୧୫ଇଞ୍ଚ ପର୍ଯ୍ୟନ୍ତ ବଢ଼ିପାରନ୍ତି । ଏହି ଝିଟିପିଟି ୧୫ଇଞ୍ଚ ପର୍ଯ୍ୟନ୍ତ ବଢ଼ିପାରନ୍ତି । ଏହି ଝିଟିପିଟି ଏଡସ୍, ମଧୁମେହ ଏବଂ କର୍କଟ ନିବାରଣ ପାଇଁ ମଧ୍ୟ ବ୍ୟବହାର ହୋଇଥାଏ । କେତେକ ଲୋକ ଏହି ଝିଟିପିଟିକୁ ଘରେ ପାଳିବାକୁ ମଧ୍ୟ ପସନ୍ଦ କରିଥାନ୍ତି । ତେଣୁ ଏହି ଝିଟିପିଟିର ମୂଲ୍ୟ ବହୁତ ଅଧିକ । ଏମାନେ ସାଧାରଣତଃ ସାଧାରଣତଃ ଚିରହରିତ ବନ ଅଞ୍ଚଳର ଗଛମାନଙ୍କରେ ଦେଖିବାକୁ ମିଳିଥାନ୍ତି । ଏମାନେ ନେପାଳ, ବାଂଲାଦେଶ, ଫିଲପାଇନ୍ସ, ନ୍ୟୁ ଗିନିଆ, ଇଣ୍ଡୋନେସିଆ ଏବଂ ଦକ୍ଷିଣ ଭାରତରେ ଦେଖାଯାଆନ୍ତି । ଏହି ଜାତିର ଝିଟିପିଟି ୭ରୁ ୧୦ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିଥାନ୍ତି । ଏହି ଝିଟିପିଟିଙ୍କ ମୂଲ୍ୟ ଅଧିକ ହୋଇଥିବାରୁ ଏମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାକୁ ଲାଗିଛି । ୱାଇଲ୍ଡଲାଇଫ୍ ଟ୍ରେଡ ବିଶେଷଜ୍ଞଙ୍କ ଅନୁସାରେ ଏହି ଜାତିର ଝିଟିପିଟି ଏବେ ବିଲୁପ୍ତ ପ୍ରାୟ । କାରଣ ଏହିଁ ଟିପିଟି ବହୁ ମାତ୍ରାରେ ଚୋରା ଚାଲାଣ କରାଯାଇଥାଏ । ଏମାନଙ୍କର ସଂରକ୍ଷଣ କରାନଗଲେ ଭବିଷ୍ୟତରେ ଏହି ପ୍ରଜାତି ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବେ ।

# ବ୍ରିଟେନବାସୀଙ୍କ ଭୟ ମ୍ୟାଗ୍‌ପି ଚଢ଼େଇ



ଅନେକ ଦେଶରେ ଏମିତି କିଛି ନିୟମ ଅଛି, ଯାହାକୁ ଆଜିର ଆଧୁନିକ ଯୁଗରେ ପାଦ ଥାପିଥିବା ମଣିଷ ବି ମାନିବାକୁ ପଛାଉ ନାହିଁ । ଏଇ ଏମିତି କୌଣସି ଶୁଭ କାମରେ ବାହାରୁଥିବା ବେଳେ ବିରାଡ଼ି ରାସ୍ତା କାଟିବା କିମ୍ବା କଳି ଲାଗିବା, ଶରୀରରେ ଝିଟିପିଟି ପଡ଼ିବା ଇତ୍ୟାଦି । ଏସବୁ ଦ୍ୱାରା କୁଆଡ଼େ କାମ ଖରାପ ହୋଇଥାଏ କିମ୍ବା ଦଶା ଖରାପ ପଡ଼େ ବୋଲି ବିଶ୍ୱାସ ରହିଛି । ଜାଣି ଆଶ୍ଚର୍ଯ୍ୟ ହେବେ, ଏଭଳି ଏକ ନିୟମ ବ୍ରିଟେନରେ ମଧ୍ୟ ପାଳନ କରାଯାଏ । ଏଠାକାର ବାସିନ୍ଦା ମ୍ୟାଗ୍‌ପି ନାମକ ଚଢ଼େଇକୁ ସେମାନେ କୌଣସି ସ୍ଥାନରେ ଏକୁଟିଆ ଦେଖିଦିଅନ୍ତି, ତେବେ ବହୁତ ଅଶୁଭ ହୋଇଥାଏ । ଯଦି କୌଣସି ଶୁଭ କାମ କରିବାକୁ ବାହାରିଥାନ୍ତି, ତେବେ ତାକୁ ବନ୍ଦ କରିଦିଅନ୍ତି । କାରଣ ବିଶ୍ୱାସ ରହିଛି, କୁଆଡ଼େ ମ୍ୟାଗ୍‌ପି ସବୁବେଳେ ଦଳବଦ୍ଧ ହୋଇ ରହିଥାନ୍ତି । ହେଲେ ଦଳରେ ଯଦି କାହାରି ଜଣଙ୍କର ମୃତ୍ୟୁ ହୁଏ, ତେବେ ଏମାନେ ଏକାକୀ ବୁଲନ୍ତି । ଏଭଳି ସମୟରେ ;ସେମାନେ ଅତ୍ୟନ୍ତ ଦୁଃଖ ଏବଂ ଯନ୍ତ୍ରଣା ସମୟ ଦେଇ ଗତି କରୁଥାନ୍ତି । ତେଣୁ ଏକୁଟିଆ ଅବସ୍ଥାରେ ଏହି ଚଢ଼େଇକୁ ଦେଖିବାର ଅର୍ଥ ତା'ର ସମସ୍ତ ସମସ୍ୟା ମଣିଷ ଉପରକୁ ଚାଲିଯାଏ । ଯଦି ଏମାନଙ୍କ ଦଳବଦ୍ଧ ଦେଖାଯାଏ, ତେବେ ନହେଉଥିବା କାମ ବି ପୂରା ହୋଇଯାଏ ।

# କୁକୁର କରୁଛି ରୋଗୀ ଚିକିତ୍ସା

ଆଜିକାଲି ଦୁନିଆରେ କିଛି ବି ଘଟିବା ଅସମ୍ଭବ ନୁହେଁ । ଆପଣମାନେ ଜାଣିଥିବେ ରୋଗୀମାନଙ୍କୁ ଡାକ୍ତର ଚିକିତ୍ସା କରୁଥିବାର ଶୁଣିଛନ୍ତି କି? ଆଜି ଆମେ ଆପଣଙ୍କୁ ଏକ ଏପରି ଡାକ୍ତରଖାନା ସମ୍ପର୍କରେ ଜଣାଇବୁ ଯେଉଁଠି ମଣିଷ ନୁହେଁ ବରଂ କୁକୁର ରୋଗୀମାନଙ୍କ ଚିକିତ୍ସା କରିଥାଏ । ଖବର ମୁତାବକ ବିଟ୍ରେନର ଏକ ଡାକ୍ତରଖାନାରେ ସୈଲି ,ବଂ ଲେକ୍ସି ନାମକ ଦୁଇଟି କୁକୁର ଅଛନ୍ତି । ଯେଉଁମାନେ "ହେମଲେରିଆ" ନାମକ ରୋଗକୁ ଚିହ୍ନି ରୋଗୀମାନଙ୍କୁ ଭଲ କରିବାରେ ସହାୟକ ହେଉଛନ୍ତି । ତେବେ ହେମେଲରିଆ ଏକ ଏମିତି ରୋଗ ଯାହାର ଲକ୍ଷଣ ଆରମ୍ଭରୁ ଜଣାପଡ଼ିନଥାଏ । ଏହାର ଚିକିତ୍ସା ୨୪ଘଣ୍ଟା ମଧ୍ୟରେ ନକରାଗଲେ ରୋଗୀର ମୃତ୍ୟୁ ହୋଇଥାଏ । ଯେଉଁ ରୋଗକୁ ଜାଣିବା ପାଇଁ ଡାକ୍ତରଙ୍କ ପାଇଁ କଷ୍ଟସାଧ ହୋଇଥାଏ । ତେଣୁ କୁକୁର ନାକରେ ଆଘ୍ରାଣ କରି ରୋଗ ବିଷୟରେ ଜାଣିବାର ଯେଉଁ ଶକ୍ତି ଥାଏ ତାହା ମନୁଷ୍ୟ ପାଖରେ ନଥାଏ । ଯେଉଁଥିପାଇଁ ଏହି ଡାକ୍ତରଖାନାରେ ସୈଲି ଏବଂ ଲେକ୍ସି ନାମକ ଏହି ଦୁଇ କୁକୁର ରୋଗ ବିଷୟରେ ଜାଣିବା ସହ ଏହାର ଚିକିତ୍ସା ବିଷୟରେ ଡାକ୍ତରଙ୍କୁ ଜଣାଇଥାନ୍ତି । ସେମାନଙ୍କୁ ଏନେଇ ପ୍ରଶିକ୍ଷଣ ଦିଆଯାଇଥିବା ଜଣାପଡ଼ିଥିବା ବେଳେ ଲେକ୍ସି ଏବଂ ସୈଲିଙ୍କ ପାଇଁ ଅନେକଙ୍କ ଜୀବନ ବଞ୍ଚିଥିବା ସୂଚନା ମିଳିଛି ।

# ସୁଲଭ ନର୍ଦ୍ଦମା ଜଳବିଶୋଧନ କାରଖାନା



କଲପକ୍କମସ୍ଥିତ 'ଭାଭା ଆଣବିକ ଗବେଷଣା କେନ୍ଦ୍ର'ର ବିଜ୍ଞାନୀମାନେ ନର୍ଦ୍ଦମା ଜଳ ବିଶୋଧନ ପାଇଁ କମ ବ୍ୟୟରେ କାରଖାନା ବା ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ତିଆରି କରିଛନ୍ତି । ପାରଂପରିକ କାରଖାନା ତୁଳନାରେ ଏହାର ନିର୍ମାଣ ଖର୍ଚ୍ଚ ଯଥେଷ୍ଟ କମ । ପାରଂପାରିକ କାରଖାନା ନିର୍ମାଣରେ ସାଧାରଣତଃ ଯେତିକି ବ୍ୟୟ ହୁଏ, ଏଥିରେ ତାହାର ଏକ -ଚତୁର୍ଥାଂଶ ଖର୍ଚ୍ଚ ହୋଇଥିବା ପ୍ରକାଶ । କମ ଖର୍ଚ୍ଚରେ ନିର୍ମିତ ଏହି କାରଖାନାର କାର୍ଯ୍ୟ କ୍ଷମତା, ପାରଂପରିକ ତୁଳନାରେ ଢ଼େର ଅଧିକ । ଅଳ୍ପ ଜାଗାରେ ଏ ଭଳି ଖାରଖାନା ଗଢ଼ାଯାଇପାରିବ । ନର୍ଦ୍ଦମା ପାଣି କମ ସମୟ ଭିତରେ ସଫାହୋଇପାରିବ । କଲପକ୍କମ ଜଳ ବିଶୋଧନାଗାରରେ ଅଣୁଜୀବ ଦ୍ୱାରା ନର୍ଦ୍ଦମା ପାଣି ସଫା କରାଯାଉଛି । ଏହି ପାଣିକୁ ସିଧା-ସଳଖ କୃଷି-କାର୍ଯ୍ୟରେ ବ୍ୟବହାର କରାଯାଇପାରିବ । ବିଶୋଧନ ପ୍ରକ୍ରିୟାରେ ଯବକ୍ଷାରଜାନ ଓ ଫସଫରସ ବାହାରିଯାଉଛି; ଯାହାକୁ ଅନ୍ୟ କାମରେ ଲଗାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ବିଜ୍ଞାନୀମାନେ ଅବସର ସମୟରେ କାରଖାନାଟି ଗଢ଼ିଛନ୍ତି । ଅର୍ଥାତ, ଏହା ଦ୍ୱାରା ସେମାନଙ୍କ ମୁଖ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇନାହିଁ । ଦେଶର ବିଭିନ୍ନ ଅଞ୍ଚଳରେ ଥିବା ନଗରପାଳିକା କର୍ତ୍ତୃପକ୍ଷ ଚାହିଁଲେ, ଏଭଳି କାରଖାନା ତିଆରିକରିବା ପାଇଁ ବୈଷୟିକ ସହାୟତା ପାଇପାରିବେ ବୋଲି 'ଭାଭା ଆଣବିକ ଗବେଷଣା କେନ୍ଦ୍ର' ପକ୍ଷରୁ ଗଣମାଧ୍ୟମକୁ କୁହାଯାଇଛି ।

# ଏଣିକି ଖାଇହେବ ତୁଳା !



ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ; ମାତ୍ର ଏହା ସମ୍ପୂର୍ଣ୍ଣ ସତ । ଏପର୍ଯ୍ୟନ୍ତ ତୁଳାକୁ କେବଳ କପଡ଼ା ତିଆରି କରି ପିନ୍ଧିବା ପାଇଁ ବ୍ୟବହାର କରାଯାଉଥିଲା । କିନ୍ତୁ ଆଗକୁ ଏହାକୁ ଖାଇବା ପାଇଁ ମଧ୍ୟ ବ୍ୟବହାର କରିପାରିବେ । ଆମେରିକାରେ ଏଭଳି ଏକ ତୁଳା ଫସଲ ଉତ୍ପାଦନ କରାଯାଉଛି, ଯାହା ପିନ୍ଧିବା ସହ ଖାଇହେବ । ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଆଗ୍ରିକାଲଚରର କଟନ୍ ପ୍ଲାଣ୍ଟର ବାୟୋଟିକ୍ ଭର୍ସନକୁ କମର୍ଶିଆଲାଇଜ୍ କରିବାକୁ ସବୁଜ ସଙ୍କେତ ମିଳିଯାଇଛି । ଟେକ୍ସାସ୍ ୟୁନିଭର୍ସିଟି ମୁତାବକ, ଏହି ପ୍ଲାଣ୍ଟର ବିଶେଷତ୍ୱ ହେଉଛି, ଏହାର ବୀଜକୁ ଖାଇହେବ । ଖାଇବା ଯୋଗ୍ୟ ତୁଳାକୁ ଗତ ଦୁଇ ଦଶକ ପୂର୍ବେ ଉତ୍ପାଦନ କରାଯାଇଥିଲା । କିନ୍ତୁ ୟୁଏସର ଫୁଡ୍ ଆଣ୍ଡ ଡ୍ରଗ୍ ଅର୍ଗାନାଇଜେସନ ଏହାକୁ ମାର୍କେଟକୁ ଛାଡ଼ିବାର ଅନୁମତି ପ୍ରଦାନ କରିନଥିଲା । ଏବେ କିନ୍ତୁ ସବୁ ସମସ୍ୟା ଦୂର ହୋଇଛି । ଅନୁମତି ମିଳିବା ପରେ କୃଷକ ନିଜ କ୍ଷେତରେ ଖାଇବା ଏବଂ ପିନ୍ଧିବା ଯୋଗ୍ୟ ତୁଳାକୁ ସହଜରେ ଉତ୍ପାଦନ କରିପାରିବ । ଟେକ୍ସାସ୍ ୟୁନିଭରର୍ସିଟିର ପ୍ରଫେସର କୀର୍ତ୍ତି ରାଠୋରଙ୍କ ମତରେ ୨୩ବର୍ଷ ପୂର୍ବେ ଜଣାପଡ଼ିଥିଲା ଯେ ଏହି ପ୍ଲାଣ୍ଟରେ ଟକ୍ସିସ ଉତ୍ପନ୍ନ କରୁଥିବା ଜିନକୁ ଗିଭଳି ଭାବେ ରୋକାଯାଇପାରିବ । ଏହି ଜିନ୍ ଗଛକୁ ପୋକ ଦାଉରୁ ରକ୍ଷାକରିଥାଏ । କେବଳ ସେତିକି ନୁହେଁ, ଖାଇବା ଯୋଗ୍ୟ ତୁଳାର ବୀଜ ବେଶ୍ ସ୍ୱାଦିଷ୍ଟ ଏବଂ ଏଥିରେ ପ୍ରୋଟିନ୍ ଭରପୂର ମାତ୍ରାରେ ରହିଛି ।

# ଶ୍ୱାସନଳି ସଂକ୍ରମଣ କମାଏ 'ଭିଟାମିନ ଡି'

ଶ୍ୱାସନଳି ରୋଗୀଙ୍କ ପାଇଁ ଭିଟାମିନ୍ ଡି ଲାଭଦାୟକ । ନିୟମିତ ଭିଟାମିନ୍ ଡିଯୁକ୍ତ ଖାଦ୍ୟ କିଂବା ଔଷଧ ସେବନ ଦ୍ୱାରା ଶ୍ୱାସନଳି ସଂକ୍ରମଣ ଏବଂ ତତଜନିତ ରୋଗ ଚାଳିଶ ପ୍ରତିଶତ ହ୍ରାସ ପାଉଥିବା ଏକ ନୂତନ ଅଦ୍ୟୟନରୁ ଜଣାପଡ଼ିଛି । ଭିଟାମିନ୍ ଡି ରୋଗ ପ୍ରତିରୋଧ କ୍ଷମତା ବଢ଼ାଏ । ବୟସ୍କଙ୍କ ପାଇଁ ଏହା ଅଧିକ ଉପାଦେୟ । ନିମୁନିଆ, ଇନଫ୍ଲୁଏଞ୍ଜା, ବ୍ରୋଙ୍କାଇଟିସ୍ ଭଳି ଯନ୍ତ୍ରଣାଦାୟକ ରୋଗକୁ ଭିଟାମିନ୍ ଡି ଉପଶମ କରାଉଥିବା ଅଧ୍ୟୟନରୁ ସ୍ପଷ୍ଟ ହୋଇଛି । କଲରାଡୋ ବିଶ୍ୱବିଦ୍ୟାଳୟର ଦଳେ ସ୍ୱାସ୍ଥ୍ୟବିଜ୍ଞାନୀ ଶତାଧିକ ରୋଗୀଙ୍କ ଉପରେ ଅଧ୍ୟୟନ କରି ଏ ବାବଦରେ ନିଶ୍ଚିତ ହୋଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୂଲ୍ୟବୋଧ

ଗଣତନ୍ତ୍ର ଶାସନ ଅଭ୍ୟୁଦୟ ହେବାକାଳରୁ ଲୋକପ୍ରିୟ ହେବାରେ ଲାଗିଛି। ଏହାର ପ୍ରଧାନ କାରଣ ହେଉଛି ଯେ ଗଣତନ୍ତ୍ରରେ ଆଇନର ଶାସନ ଅର୍ଥାତ ଆଇନ ଆଗରେ ସମସ୍ତେ ସମାନ ବିବେଚିତ ହୁଅନ୍ତି। ଗରିବ କୋଟିପତି ମଧ୍ୟରେ ବା କ୍ଷମତାଶୀଳ ଓ କ୍ଷମତା ନଥିବା ବ୍ୟକ୍ତି ମଧ୍ୟରେ ଆଇନ ଆଗରେ ସମସ୍ତେ ସମାନ। ଆମ ଦେଶରେ ଲୋକସଂଖ୍ୟା ୧୩୦କୋଟି ପାଖାପାଖି ହେଲାଣି ଏବଂ ଲୋକସଂଖ୍ୟା ଯେପରି ଗତିରେ ବଢୁଛି ତାହାହେଲେ ୨୦୩୦ ବେଳକୁ ଆହୁରି ବଢ଼ିଥିବ ଏଥିରେ ସନ୍ଦେହ ନାହିଁ। ଭାରତ ପରି ଏକ ବିରାଟ ପ୍ରାଚୀନ ଦେଶ ହଜାର ବର୍ଷ ଧରି ଆକ୍ରମଣକାରୀମାନଙ୍କ ଅଧୀନରେ ରହିଥିଲା। କିନ୍ତୁ ବ୍ରିଟିଶ ଶାସନରୁ ସ୍ୱଦେଶୀ ସରକାରର ଶାସନ ଯେ ଅଧିକ ହିତକର ଏବଂ ସ୍ୱାଭିମାନୀ ଏହା ନିଶ୍ଚିତ। ପୃଥିବୀରେ ପ୍ରାୟ ୧୦୦ପାଖାପାଖି ଦେଶରେ ଗଣତନ୍ତ୍ର ଶାସନ ଚାଲିଛି। ଏଇ ସଂଖ୍ୟା କ୍ରମଶଃ ବଢୁଥିଲେ ମଧ୍ୟ କେତେକ ପ୍ରତିକୂଳ ସାମାଜିକ ପରିବର୍ତ୍ତନ ଓ ଧର୍ମାନ୍ଧତା ଗଣତନ୍ତ୍ର ପ୍ରସାରକୁ ଅଟକାଇ ଦେଇଛି। ଗଣତନ୍ତ୍ରର ପ୍ରଧାନ ମୂଲ୍ୟବୋଧ ହେଉଛି ରାଜନୈତିକ, ସାମାଜିକ କ୍ଷେତ୍ରରେ ସମାନତା। ଆମ ସମ୍ବିଧାନ ଏଇ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକୁ ସ୍ୱୀକାର କରିଥିବାରୁ ସମ୍ବିଧାନ ପ୍ରଣୟନ ହେଲା ପରେ ୧୯୫୦ଠାରୁ ଏ ପର୍ଯ୍ୟନ୍ତ ଗଣତନ୍ତ୍ର ଭାରତୀୟମାନଙ୍କର ଲୋକତନ୍ତ୍ରକୁ ପ୍ରଭାବିତ କରି ଆସୁଛି। କିନ୍ତୁ ଦୀର୍ଘ ହଜାରହଜାର ବର୍ଷର ପରାଧୀନତା ଏ ଦେଶର ପ୍ରଥା, ପରମ୍ପରା ଓ ବ୍ୟବହାରିକ ଜୀବନଧାରାକୁ ଏଭଳି ବିକୃତ କରିଦେଇଛି ଯେ ବିବିଧତା ମଧ୍ୟରେ ଧର୍ମ, ସଂସ୍କୃତି, ଭାଷା ଲୋକମାନଙ୍କୁ ବାନ୍ଧି ରଖିଛି। କିନ୍ତୁ ଗଣତନ୍ତ୍ରର ଯେଉଁ ସର୍ବାତ୍ମକ ବିକାଶ ଘଟେ ଜନ ଜୀବନରେ ତାହା ଏ ପର୍ଯ୍ୟନ୍ତ ହୋଇନାହିଁ କାରଣ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକ ସବୁ କ୍ଷେତ୍ରରେ ଜନଜୀବନକୁ କ୍ରିୟାଶୀଳ ଓ ଶକ୍ତିଶାଳୀ କରେ। ଆମ ସମ୍ବିଧାନରେ ବିବିଧତା ସମନ୍ୱୟ ଓ ଏକତାକୁ ଏତେ ସମ୍ମାନ ଦିଆଯାଇଛି ଯେ ସେଥିରେ ଧର୍ମାନ୍ଧତା, ମତାନ୍ଧତାର ସ୍ଥାନ ନାହିଁ। ପ୍ରାଚୀନ ଭାରତର ୫୦୦୦ ବର୍ଷର ବିକାଶ ଏପରି ଭାବରେ ଘଟିଛି ଯେ ବେଦଠାରୁ ପୁରାଣ ଓ ଆଇନର ଶାସନ ପର୍ଯ୍ୟନ୍ତ ସବୁଠାରେ ବ୍ୟକ୍ତି ସ୍ୱାର୍ଥକୁ ପ୍ରାଧାନ୍ୟ ନଦେଇ ଗଣସ୍ୱାର୍ଥକୁ ହିଁ ପ୍ରାଧାନ୍ୟ ଦିଆଯାଇଛି। ସେଥିପାଇଁ ଋଷି ଉଚ୍ଚ କଣ୍ଠରେ କହିଛନ୍ତି ଯେ 'ସର୍ବେ ଭବନ୍ତୁ ସୁଖିନଃ...''। ଅର୍ଥାତ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସୁଖୀ ହୁଅନ୍ତୁ,ନିରାମୟ ହୁଅନ୍ତୁ, ଶୁଭବୁଦ୍ଧି ସମ୍ପର୍ନ୍ନ ହୁଅନ୍ତୁ ଏବଂ କେହି ଦୁଃଖ ନ ପାଆନ୍ତୁ। ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ଶିଷ୍ୟମାନେ ଯେତେବେଳେ ଗୁରୁଙ୍କର ଆଶ୍ରୟ ନେଉଥିଲେ ମଣିଷତ୍ୱର ବିକାଶ ପାଇଁ ସେତେବେଳେ ସେମାନେ ଗୁରୁଙ୍କର ଆଶୀର୍ବାଦ ସହିତ ସମସ୍ତଙ୍କୁ ସମାନ ସଫଳତା ଦବାପାଇଁ ପ୍ରାର୍ଥନା କରନ୍ତି। ସେଥିପାଇଁ ଛାତ୍ରମାନେ ନିଜ ନିଜର ସ୍ୱାର୍ଥକୁ ପ୍ରାଧାନ୍ୟ ନଦେଇ ଗୁରୁଙ୍କୁ ନିବେଦନ କରନ୍ତି, "ସମାନୋ ମନ୍ତ୍ର ସମତି ସମାନି"। ଅର୍ଥାତ ଆମ ସମସ୍ତଙ୍କ ପାଇଁ ଏକ ମନ୍ତ୍ର ସମାନତା ଆଣୁ, ଭେଦଭାବ ନରହୁ, ସମସ୍ତଙ୍କର ବିକାଶ ସମାନ ଗତିରେ ହେଉ। ଏଭଳି ଏକ ଜାତିର ପ୍ରାଣସ୍ପନ୍ଦନରେ ସହଜରେ ପ୍ରତିକ୍ରିୟାଶୀଳତା କୁସଂସ୍କାର ପରିବର୍ତ୍ତନ ନାମରେ ନୀଚତା ଓ ଆତ୍ମବଳିତାର ପ୍ରବେଶ କରିଥିବାରୁ ଏବେ ସମାନତା, ସମନ୍ୱୟ, ସହନଶୀଳତା ଏସବୁ ମୂଲ୍ୟବୋଧଗୁଡ଼ିକ ଆଚରଣରେ ପ୍ରକାଶ ନପାଇ ଧର୍ମ ଓ ଜାତିବାଦୀ ମନସ୍ତା ମୁଢ଼ତା ଓ କୁସଂସ୍କାର ପ୍ରବେଶ କରିଥିବାରୁ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକ ଶକ୍ତିଶାଳୀ ହେବା ପରିବର୍ତ୍ତେ ଦୁର୍ବଳ ହେଉଛି। ନିକଟରେ ଆନ୍ତର୍ଜାତିକ ସ୍ତରରେ ଗଣତନ୍ତ୍ରର ବିକାଶ ନେଇ ଯେଉଁ ପ୍ରତିକୂଳ ପ୍ରକଟିତ ହେଉଛି ସେଥିରୁ ଜଣାପଡୁଛି ଯେ ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ଋଷିଆ ପ୍ରଭୃତି କେତେକ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅବକ୍ଷୟ ଘଟୁଛି। ଗଣତନ୍ତ୍ରରେ ବ୍ୟକ୍ତିବାଦର ସ୍ଥାନ ନାହିଁ। ତେଣୁ ଚୀନର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଆଜୀବନ ସେହି ପଦବୀରେ ରହିବା ଏକ ଗଣତାନ୍ତ୍ରିକ ପରମ୍ପରା ନହେଲେ ମଧ୍ୟ ଚୀନର ଲୋକମାନେ ତାହା ମାନି ନେଇଛନ୍ତି। ସେହିପରି ଆମେରିକା, ଋଷିଆ ଓ ଭାରତରେ ଗଣତନ୍ତ୍ର ନାମରେ ଯେଉଁ କେତେଗୁଡ଼ିଏ ମୂଲ୍ୟବୋଧ ପ୍ରଚ୍ଛନ୍ନରେ ହେଉ ବା ପ୍ରକାଶରେ ହେଉ ପ୍ରସାରିତ ହେଉଛି ସେଇ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକ ଶକ୍ତିହୀନ ହୋଇଯିବ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଶାସନ ଅଳଙ୍କୃତ କରିବା ପରେ ତାଙ୍କର ଘନଘନ ନୀତି ପରିବର୍ତ୍ତନ ଏବଂ ଗରିବମାନଙ୍କ ପ୍ରତି ଅନୁଦାରତା ଯେପରି ଗ୍ରହଣୀୟ ନୁହେଁ ସେହିପରି ଧର୍ମ ଓ ଜାତିବାଦ ନାମରେ ଭାରତର ଶାସକଗଣ କେତେପ୍ରଥା ଓ ପରମ୍ପରା ସୃଷ୍ଟି କରିବା ପାଇଁ ଚାହୁଁଥିବାରୁ ତାହା ଭାରତୀୟ ଗଣତନ୍ତ୍ରର ମୂଲ୍ୟବୋଧକୁ ପ୍ରତିକ୍ରିୟାଶୀଳ କରିବ। ଅବଶ୍ୟ ଋଷରେ ସଂସଦୀୟ ଗଣତନ୍ତ୍ର ନାହିଁ କିମ୍ବା ସାମ୍ବିଧାନିକ ଗଣତନ୍ତ୍ରର ବି ନାହିଁ। ଚାରି ବର୍ଷର ବ୍ୟବଧାନରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ହୁଏ। କିନ୍ତୁ ଥରେ ରାଷ୍ଟ୍ରପତି ନିର୍ବାଚିତ ହେଲେ ଆଇନ ଓ ସାମ୍ବିଧାନିକ ବ୍ୟବସ୍ଥା ମାନି ରାଷ୍ଟ୍ରପତିଙ୍କୁ କାମ କରିବାକୁ ହୁଏ। ତାହା ନକଲେ ସାମ୍ବିଧାନିକ ଶାସନ କ୍ଷତିଗ୍ରସ୍ତ ହେବ। ଗୋଟିକ ପରେ ଗୋଟିଏ ନିର୍ବାଚନ ପ୍ରମାଣ କରୁଛି ଯେ ଗଣମାନଙ୍କୁ ଆଗରେ ନରଖି ପଛରେ ରଖିବା ପାଇଁ ପ୍ରାୟ ସବୁ ଦଳ ସ୍ଥାନ ଦେଉଥିବାରୁ "ଜନଗଣମନ ଅଧିନାୟକ ଜୟ ହେ"ର ତାତ୍ପର୍ଯ୍ୟ ମଳିନ ପଡ଼ିଯାଇଛି।




## କୁଡିଆ ମୋର ସରଗପୁର

### ପ୍ରଶାନ୍ତ କୁମାର ନାଥ

ଜିଇଁଛି ଜିଇଁବି କୁଡିଆ ଘରେ ମୋ
ଆସୁକି ବରଷା ଶୀତ
ବତାଶ ପବନ କରି ପାରିବନି
ମୋତେ ଜମା ଭୟଭିତ ।

କୁଡିଆଟି ମୋର ସରଗରପୁର
ବଡ କୋଠା ଲୋଡା ନାହିଁ
ଶାନ୍ତିରେ ଖାଇକି ଆରାମେ ଶୋଉଛି
ସେହି କୁଡିଆଟି ପାଇଁ ।

ଏସି କି କୁଲର ଲୋଡା ପଡୁ ନାହିଁ
ଗ୍ରୀଷ୍ମ ଆସିଲା ପରେ
ଚାଦର ଘୋଡେଇ ଶୋଉଛି ଶାନ୍ତିରେ
ଶୀତରେ କୁଡିଆ ଘରେ ।

ଚୋର ଖଣ୍ଟ ଡର ନାହିଁ ଜମା ମୋର
ସଂଚିନି ଅମାପ ଧନ
କୁଡିଆ ଘରେମୁଁ ଯେତିକି ରଖିଛି
ଆନନ୍ଦେ ନାଚୁଛି ମନ ।

ମାଟିର କାନ୍ଥରେ ଝୋଟି ପଡୁଅଛି
ଆସୁଛି ଯେବେ ପରବ
ସେହି କୁଡିଆରେ ରହିଛି ବୋଲିକି
ଲାଗୁଛି ମୋତେ ଗରବ ।

ଲକ୍ଷ୍ମୀ ପାଦ ପଦ୍ମ ଅଗଣାରେ ପଡେ
ମଗୁଶୁର ଯେବେ ଆସେ
ଝୁଣା ଦୀପ ନିତି କୁଡିଆରୁ ମୋର
ମହ ମହ ହୋଇ ବାସେ ।

କୁଡିଆଟି ମୋର ଆନନ୍ଦ ଭଣ୍ଡାର
ଦେଉଛି ଜିଇଁବା ରାହା
ବିପଦେ ଆପଦେ ସବୁ ସମୟରେ
ହୋଇଛି ମୋତେସେ ସାହା ।

*ସୁନ୍ଦରପୁର, ଉତ୍ତରକୂଳହାଟ୍,*
*ପ୍ରୀତିପୁର, ଯାଜପୁର*
*ମୋ-୦୮୮୯୨୩୦୧୧୪୩*

## ନୂଆଖାଇ

### ବିଦ୍ୟୁତ ଲତା ପଣ୍ଡା

ଓଡିଶାର ବିଭିନ୍ନ ଅଞ୍ଚଳରେ ବହୁ ପର୍ବ ପାଳିତ ହୁଏ । କିଛି ଆଞ୍ଚଳିକ ସ୍ତରର ପର୍ବପର୍ବାଣି, ସାସଂସ୍କୃତିକ ପରଂପରାକୁ ଉଜ୍ଜୀବିତ କରିଛି । ଓଡିଶାର ସବୁ ସ୍ଥାନରେ ଏଗୁଡିକ ପାଳିତ ନହେଲେ ମଧ ଧର୍ମଭାବନା, ସାମାଜିକ ଭାତୃଭାବ ସୃଷ୍ଟିକରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏଥି ମଧରୁ ଏକ ପ୍ରମୁଖ ପର୍ବ ହେଉଛି ନୂଆଖାଇ ବା ନବାନ୍ନ । ବିଶେଷତଃ ପଶ୍ଚିମ ଓଡିଶାରେ ଏହା ଖୁବ୍ ଜାକଜମକରେ ପାଳିତ ହୋଇଥାଏ । ପଶ୍ଚିମ ଓଡିଶାର ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ, କଳାହାଣ୍ଡି, ବୌଦ୍ଧ ଜିଲ୍ଲାରେ ଏହି ପର୍ବ ବେଶ ସମାରୋହରେ ଅନୁଷ୍ଠିତ ହୋଇଥାଏ । ଭାଦ୍ରବମାସ ଶୁକ୍ଳ ପଞ୍ଚମୀ ଦିନ ନବାନ୍ନ ପର୍ବ ପାଳିତ ହୁଏ । ଏହି ଦିନ ପବିତ୍ର ମନରେ ଭଗବାନଙ୍କୁ ବର୍ଷର ପ୍ରଥମ ଫସଲ ସମର୍ପଣ କଲେ ଜମି ଫସଲରେ ଭରିଉଠେ ଏବଂ ଘର ଧନଧାନ୍ୟରେ ପରିପୂର୍ଣ୍ଣ ହୁଏ ବୋଲି ଲୋକବିଶ୍ୱାସ । ପ୍ରାଣଧାରଣ ପାଇଁ ଶସ୍ୟ ଉପରେ ନିର୍ଭରଶୀଳ ହେବା ପରେ ସଭ୍ୟତାର ସେହି ଆଦ୍ୟ ଉଷାର ଅରୁଣ ଛିଟାରେ ମଣିଷ ମନରେ ସୃଷ୍ଟିକର୍ତ୍ତାଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ ପାଇଥିଲା । ତେଣୁ ପ୍ରାଣ ଧାରଣ ପାଇଁ ଯିଏ ଅସରନ୍ତି ଭାବେ ଖାଦ୍ୟ ସମ୍ଭାରର ସନ୍ଧାନ ଦିଅନ୍ତି, ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଉଦ୍ଦେଶ୍ୟରେ ଏହି ପର୍ବର ସୃଷ୍ଟି । ବେଦରେ ମଧ ନବ ଶସ୍ୟକୁ ଇଷ୍ଟଙ୍କୁ ସମର୍ପଣ କରିବାର ବିଧାନ ଅଛି । ନବାନ୍ନ ପୂଜାର ଏକ ବିଶେଷ ମହତ୍ତ୍ୱ ରହିଛି ଭାରତ ବର୍ଷରେ । ଏଇଠି କଳ୍ପନାର ସୂକ୍ଷ୍ମଜାଲରେ ଅନ୍ନ, ଆନନ୍ଦ ଓ ଆତ୍ମାକୁ ଛନ୍ଦିଦେଇ ତୈତ୍ତିରୀୟ ଉପନିଷଦରେ ମହର୍ଷି ଗାଇଥିଲେ,

"ଅନ୍ନଂ ବ୍ରହ୍ମେତି ବ୍ୟଜନାତ୍
ଅନ୍ନାଦେବ ଖଲ୍ୱିମାନି ଭୂତାନି ଜାୟନ୍ତେ
ଅନ୍ନେନ ଜାତାନି ଜୀବନ୍ତି
ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି ।"

ଅର୍ଥାତ୍ ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ, ଈଶ୍ୱର । ପ୍ରତ୍ୟେକ ଏହି ଅନ୍ନରୁ ଜାତ ହୁଅନ୍ତି । ଅନ୍ନ ଯୋଗୁଁ ଜୀବନ ଧାରଣ କରନ୍ତି ଏବଂ ମୃତ୍ୟୁପରେ ଅନ୍ୟମାନଙ୍କ ପାଇଁ ସେମାନେ ଅନ୍ନ ହୋଇଯାଆନ୍ତି । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ତାହା ଭୌତିକ ହେଉ ବା ଅଭୌତିକ ହେଉ, ଅନ୍ନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଜୀବନଧାରଣର ମାଧ୍ୟମ, ଆନନ୍ଦର ଉତ୍ସ ଏବଂ ଆତ୍ମାର ଅଙ୍ଗ । ଅନ୍ନହିଁ ଆତ୍ମାର ପ୍ରତୀକ । ଏହା ପିଣ୍ଡକୁ ପରିଚାଳିତ କରେ । ଉପନିଷଦରେ ବର୍ଣ୍ଣନା ଦେଖିବାକୁ ମିଳେ, ଅହମନ୍ନମହମନ୍ନମହମ୍ନମମ...... ଅହମନ୍ନ।ଦେ।.... ଅହମନ୍ନ।ଦେ।...ଅହମନ୍ନ।ଦେ।, ଅହମନ୍ନମନମଦନ୍ତମା...ଦ୍ମିଏ ଅର୍ଥାତ୍ ସ୍ୱୟଂ ପରଂବ୍ରହ୍ମ କହୁଛନ୍ତି ମୁହିଁ ଅନ୍ନ...ମୁ ହିଁ ଅନ୍ନ...ସେହି ଅନ୍ନର ମୁଁ ଉପଭୋକ୍ତା... ମୁହିଁ ଉପଭୋକ୍ତା । ଯିଏ ନିଜ ଶରୀରରେ ଅନ୍ନ ଗ୍ରହଣ କରେ, ମୁଁ ମଧ ସେହି ଅନ୍ନ ଗ୍ରହଣ କରିଥାଏ । ତେଣୁ ଖୁବ୍ ପ୍ରାଚୀନ କାଳରୁ ଅନ୍ନକୁ ଭଗବାନଙ୍କର ଅନ୍ୟରୂପ ଓ ତାଙ୍କ ଦାନର ସ୍ୱରୂପ ରୂପରେ ବିବେଚନା କରାଯାଇଛି । ଏଣୁ କୃଷକ ବର୍ଷକ ପାଇଁ ଯେଉଁ ଅନ୍ନର ଯୋଗାଡ କରିଥାଏ ତାହା ପ୍ରଥମେ ନିଜର ଇଷ୍ଟଙ୍କୁ ପ୍ରଦାନ କରି ନିଜର ଆନୁଗତ୍ୟ ପ୍ରଦର୍ଶନ କରିଥାଏ । ଉତ୍ତର ଓ ଦକ୍ଷିଣ ଓଡିଶାରେ ଦଶହରା ଦିନ ନୂଆଖାଇ କରିଥାନ୍ତି । ଅନ୍ୟ କିଛି ଅଞ୍ଚଳରେ ମକରସଂକ୍ରାନ୍ତି ଦିନ । ପୂର୍ବେ ପଶ୍ଚିମ ଓଡିଶାରେ ନିଜ ନିଜର ପୁରୋହିତଙ୍କ ପରାମର୍ଶରେ ଭିନ୍ନ ଭିନ୍ନ ସମୟରେ ଏହା ପାଳିତ ହେଉଥିଲା ମାତ୍ର ୧୯୯୨ ମସିହାଠାରୁ ଏହା ସର୍ବତ୍ର ଗୋଟିଏ ଦିନ ଭାଦ୍ରବ ଶୁକ୍ଳ ପଞ୍ଚମୀ ଦିନ ପାଳିତ ହୋଇଆସୁଛି । ଅବଶ୍ୟ ଏହା ବିଚାର୍ଯ୍ୟ ଯେ ଏହି ସମୟରେ ଧାନ କଟା ଯାଇନଥାଏ ଗଛରେ ଫଳ ଆସିଥାଏ ମାତ୍ର । ଏହାର କାରଣ ହୋଇପାରେ କୃଷକ ତାର ଶ୍ରମାର୍ଜ୍ଜିତ ଫଳକୁ କୌଣସି ପଶୁ-ପକ୍ଷୀଙ୍କର ଉଚ୍ଛିଷ୍ଟ ହେବା ପୂର୍ବରୁ ନିଜର ଇଷ୍ଟକୁ ପ୍ରଦାନ କରିବାର ଦୁର୍ବାର ମୋହ । କିମ୍ବା ଭିନ୍ନ ଏକ କାରଣ, ଏ ଅଞ୍ଚଳରେ ମାଟିର ଉର୍ବରତା ପାଇଁ ମାଲଧାନ ଅମଳ ହୋଇଥାଏ । ଏହାକୁ ବିଶ୍ୱନିୟନ୍ତାଙ୍କୁ ସମର୍ପଣ କରି ସେ ପାଇଥାଏ ପରମତୃପ୍ତି ।

ପୂର୍ବେ ଗୋଟିଏ ଦିବସରେ ନବାନ୍ନର ମୁହୂର୍ତ୍ତ ବାହାର କରିବା ପାଇଁ ଭିନ୍ନ ଭିନ୍ନ ପଦ୍ଧତି ଅନୁସରଣ କରାଯାଉଥିଲେ ହେଁ ଏବେ ଇଷ୍ଟଦେବୀଙ୍କ ନାମରେ ମୁହୂର୍ତ୍ତର ସିଦ୍ଧାନ୍ତ ନିଆଯାଉଛି । ଏକତା, ମୈତ୍ରୀ ଓ ଭାତୃଭାବର ପର୍ବ ଏହି ନୂଆଖାଇ । ଘରେ ଘରେ ଆନନ୍ଦ, ଉଲ୍ଲାସର ମହୋତ୍ସବ ଚାଲେ ଉକ୍ତ ଦିନରେ । ଗାଁ, ଗଣ୍ଡା, ସହର, ବଜାର ସବୁଠି ନୂଆଖାଇ ଭେଟଭାଟ । ମା'ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗିହୁଏ, ପୂଜାର୍ଚ୍ଚନା ଚାଲେ । ନୂଆ ହାଣ୍ଡିରେ ନୂଆ ଅନ୍ନ ରନ୍ଧାଯାଏ । ଘରକୁ ଘରର ସମସ୍ତ ସଦସ୍ୟ ସହ ବନ୍ଧୁବାନ୍ଧବଙ୍କ ଆଗମନୀ ଘଟିଥାଏ । ସମସ୍ତେ ଏକତ୍ର ହୋଇ ନୂଆଖାଇରେ ନବାନ୍ନ ଭୋଜନ କରିଥାନ୍ତି । ସ୍ନେହ ଶ୍ରଦ୍ଧା, କୋଳାହଳରେ ଘର ଫାଟିପଡେ ।

ସମସ୍ତେ ନୂଆ ବସ୍ତ୍ର ପରିଧାନ କରବା ସହ ନୁଆଖାଇ ସକାଳେ ପୁରୁଷ ଲୋକମାନେ ସକାଳୁ ପୂଜାସାମଗ୍ରୀ ଧରି ଜମିକୁ ଯାଆନ୍ତି । ସେଠାରେ କ୍ଷୀର ଢାଳି ମା'ଙ୍କୁ ଭଲ ଅମଳ ପାଇଁ ପୂଜା କରନ୍ତି । ଗଛରେ ରାକ୍ଷୀ ବାନ୍ଧି ଭଲ ଶସ୍ୟ ପାଇଁ କାମନା କରନ୍ତି । ଘରେ ମା' ଲକ୍ଷ୍ମୀଙ୍କୁ ନୂଆ ଲୁଗା, କ୍ଷୀରି, ପିଠା, ମଣ୍ଡା, କାକରା ଭୋଗ ଲଗାଇ ପୂଜା କରାଯାଏ । ପିଠା, ପନା, ଭୋଜି ଭାତ ପରେ ଗାଁରେ ଆରମ୍ଭ ହୁଏ ଭେଟଭାଟ, ଜୁହାର ଭେଟ ପର୍ବ । ପରସ୍ପର ପରସ୍ପରକୁ କୋଳେଇ ନିଅନ୍ତି । ବଡ଼ମାନେ ସାନମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି । ସାନମାନେ ବୟସ୍କ ଲୋକଙ୍କୁ ସମ୍ମାନ ଜଣାନ୍ତି 'ନୂଆଖାଇ ଜୁହାର'ମାଧ୍ୟମରେ । ଭାଇଭାଇର ତିକ୍ତତା ଥିଲେ ମଧ ଭାଇ ଯାଏ ଭାଇର ଘରକୁ । ସତେ ଯେପରି ସବୁ ଦ୍ୱେଷକୁ ପଦନତ କରି ନିଜର ଦାୟିତ୍ୱରେ ସଭିଏଁ ଚେତନାସିକ୍ତ ହୋଇ ପାରିବାରିକ ସମ୍ବନ୍ଧର ଦୃଢ ଭିତ୍ତିଭୂମି ନିର୍ମାଣ କରନ୍ତି । ଏହା ଯେ ଏକ ଦେଖାଣିଆ ପର୍ବ, ପରମ୍ପରା ତା ନୁହେଁ ବରଂ ଭାରତୀୟ ସଭ୍ୟତା ଓ ସଂସ୍କୃ ର୍ତି ଏହା ହେଉଛି ସାଧାରଣ ମଣିଷର ଏକ ଅଚେତନ ମନର ସ୍ୱୀକାର । ଅଥର୍ବବେଦର ସେହି ନିର୍ଘୋଷିକୁ ଯଥାର୍ଥ କରୁଥିବା ବାଣୀକୁ । 'ଭାଇ ଭାଇକୁ ଦ୍ୱେଷ ନକରୁ । ଭଉଣୀ, ଭଉଣୀକୁ ଘୃଣା ନକରୁ । ସମସ୍ତେ ନିର୍ମଳଚିତ୍ତ, ଏକବ୍ରତ ହୋଇ ଭଦ୍ରବାଣୀ ଉଚ୍ଚାରଣ କର । ସବୁ ମଣିଷର ମନରେ ସଦ୍ ଜ୍ଞାନ ଜାତ ହେଉ । ଅନ୍ନ ଓ ଜଳର ସାମଗ୍ରୀ ସମାନ ହେଉ ।'

ସନ୍ଧ୍ୟା ସମୟରେ ଚାଲେ ନାଚଗୀତ ଓସାଂସ୍କୃତିକ କାର୍ଯ୍ୟକ୍ରମ । ସମସ୍ତେ ଏହାକୁ ମନପ୍ରାଣ ଦେଇ ଉପଭୋଗ କରନ୍ତି । ସମସ୍ତେ ଖୁସିରେ ନାଚନ୍ତି- ଆଜି ନୂଆ ବରଷ, ନୂଆ ଜନମ । ଧାର୍ମିକ-ସାମାଜିକ ତଥା ସାଂସ୍କୃତିକ ଭାବଧାରରା ଏ ପର୍ବ ବର୍ଷବର୍ଷ ଧରି ଜନସାଧାରଣଙ୍କୁ ଏକତା ଓ ମମତାର ମନ୍ତ୍ରରେ ବାନ୍ଧି ରଖିଛି । ନୂଆଁ ଖାଇ ଜୁହାର, ନୂଆ ଧାନର ଚୁରା, ନୂଆ ବତରା । ବାସ୍ତବରେ ନୂଆଖାଇ ପର୍ବ ଜନସାଧାରଣଙ୍କ ପାଇଁ ନୂଆ ଆନନ୍ଦ, ଉତ୍ସାହ ଓ ପ୍ରେରଣାର ଉତ୍ସ- ଏବଂ ଆଗାମୀ ବର୍ଷପାଇଁ ସଂକଳ୍ପର ଦିନ ।

॥ ଜୟ ଜଗନ୍ନାଥ ॥

ମୟୂରଭଞ୍ଜ, ମୋ.୯୯୩୮୧୨୨୮୨୬

## ଋଷିପଞ୍ଚମୀ

### ଡକ୍ଟର ଶ୍ରୀହରି ପଣ୍ଡା

ସୌଭାଗ୍ୟଲାଭ, ପୁଣ୍ୟଅର୍ଜନ, ସୁଖମୟ ଦାମ୍ପତ୍ୟ ଜୀବନ ଲାଭ ନିମନ୍ତେ ପରିବାରର ଗୃହସ୍ଥ ଓ ପତ୍ନୀ ଉଭୟ ଏହି ବ୍ରତ ଆଚରଣ କରିଥାନ୍ତି । ଏଥିରେ ସପ୍ତର୍ଷିଙ୍କ ସହିତ ଅରୁନ୍ଧତୀଙ୍କୁ ଉପାସନା କରାଯାଏ । ଋଷି ଶବ୍ଦ ଋଷ୍ ଧାତୁରୁ ଇଗୁପଧାତ୍ କିତ୍ ଉଣାଦି ସୂତ୍ରରେ ଇନ୍ ପ୍ରତ୍ୟୟ ଯୋଗହୋଇ ଋଷି ଶବ୍ଦ ହୋଇଛି । ଏହାର ବ୍ୟୁତପତ୍ତି ଗତ ଅର୍ଥ ଯଥା- ଋଷନ୍ତି ଅବଗଛନ୍ତି ଇତି ଋଷୟଃ । ଅର୍ଥାତ୍ ଜ୍ଞାନସମ୍ପନ୍ନ ବ୍ୟକ୍ତିଙ୍କୁ ଋଷି କୁହାଯାଏ । କେତେକଙ୍କ ମତରେ ଦୃଷିର୍ ପ୍ରେକ୍ଷଣେ ଧାତୁରୁ ଦକାର ଲୋପ ହୋଇ ଋଷି ଶବ୍ଦ ନିଷ୍ପନ୍ନ ହୋଇଛି । ଅର୍ଥାତ୍ ଅତୀନ୍ଦ୍ରୀୟ ଜ୍ଞାନ ଦ୍ୱାରା ବା ତପସ୍ୟା ଦ୍ୱାରା ଯେଉଁ ତତ୍ତ୍ୱମାନ ସବୁ ଦୃଶ୍ୟ ହୋଇଥାନ୍ତି । ଏପରି ଦୃଷ୍ଟି ଯେଉଁମାନଙ୍କର ଥାଏ ସେମାନଙ୍କୁ ଋଷି କୁହାଯାଏ । ଆଉ ଏକ ଅର୍ଥରେ ଋଷୟଃ ସତ୍ୟବଚସଃ ଅନୁସାରେ ସତ୍ୟକୁ ବ୍ୟକ୍ତ କରିବା ସାମର୍ଥ୍ୟ ବଚନ ମାଧରେ ସେମାନେ ମଧ ଋଷି ପଦବାଚ୍ୟ । ସାଧାରଣତଃ ଦୁଇ ଭାଗରେ ଋଷିମାନେ ବିଭକ୍ତ । ଐକ୍ୟ ଓ ପାରିବାରିକ । ମନ୍ତ୍ର ଆବିଷ୍କାରକ ଋଷିମାନେ ଐକ୍ୟ ଏବଂ ପାରିବାରିକ ଋଷିମାନଙ୍କ ମଧରେ ସପ୍ତଋଷି ଅନ୍ତର୍ଗତ । ବିଭିନ୍ନ ମନ୍ୱନ୍ତରରେ ଏହି ଋଷିମାନେ ପରିବର୍ତ୍ତନ ହେଉଥିଲେ ମଧ ସେମାନଙ୍କର ସଂଖ୍ୟା ସର୍ବଦା ସାତ ହିଁ ରହିଥାଏ । ଏହି ସାତ ସଂଖ୍ୟା ବୋଧହୁଏ ନିଆ ଯାଇଛି କାରଣ ଆମର ସମସ୍ତ ବସ୍ତୁକୁ ସାତରେ ହିଁ ଗଣନା କରାଯାଇଥାଏ ଯେପରିକି ସପ୍ତସ୍ୱର୍ଗ, ସପ୍ତ ପାତାଳ, ସପ୍ତ ସାଗର, ସପ୍ତପର୍ବତ, ସପ୍ତାବରଣ, ସପ୍ତଲୋକ ଇତ୍ୟାଦି । ଏଣୁ ଏହି ସପ୍ତର୍ଷିଙ୍କୁ ଭାଦ୍ରବମାସ ଶୁକ୍ଳପଞ୍ଚମୀ ଦିନ ଅପରାହ୍ନ ସମୟରେ ସ୍ତ୍ରୀମାନେ ସନ୍ତାନବୃଦ୍ଧିନିମନ୍ତେ ପୂଜା, ଆରାଧନା କରୁଥିବାରୁ ଏହାକୁ ଋଷିପଞ୍ଚମୀ କୁହାଯାଏ । "ଭାଦ୍ରେ ସିତେଜ୍ଞପରାହ୍ନେ ତୁ ପଞ୍ଚମୀ ଯତ୍ର ତିଷ୍ଠତି ବିଶ୍ୱାମିତ୍ର ଋଷିଃ ସ୍ତ୍ରୀଭିଃ ପୂଜ୍ୟଃ ସନ୍ତାନ ବୃଦ୍ଧୟେ । "

ଯଦି ପଞ୍ଚମୀ ସହିତ ଷଷ୍ଠୀ ଯୁକ୍ତ ହୋଇଯାଏ ତାହାଲେ ଏହି ବ୍ରତ ପାଳନ କରିବା ଅନୁଚିତ । ପ୍ରାତଃ କାଳରୁ ସ୍ନାନକରି ସୁନାରେ ବା ରୂପାରେ ସପ୍ତଋଷିଙ୍କ ପ୍ରତିମା ସ୍ଥାପନ କରି ତମ୍ବା ପାତ୍ରରେ ରଖିବେ । ତା'ପରେ ବ୍ରାହ୍ମଣଙ୍କୁ ବସ୍ତ୍ର, ଅଳଙ୍କାର ଦେଇ ବରଣ ଓ ସଂକଳ୍ପ କରିବେ । ବ୍ରତର ହୋମ ହେବ । ବ୍ରତୀ ଉପବାସ ରହି ନିଷ୍ଠାର ସହିତ ବ୍ରତ ସମାପନ କଲେ ବ୍ରତୀର ସର୍ବପାପ ଦୂର ହୁଏ ବୋଲି ଶାସ୍ତ୍ର ମତ । ଏହି ବ୍ରତର ଉପକାରିତା ସମ୍ପର୍କରେ ଭଗବାନ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ବୁଝାଇଛନ୍ତି । ଏହାର କଥାନୁସାରେ- ସତ୍ୟ ଯୁଗରେ ବିଦର୍ଭ ରାଜ୍ୟରେ ଶ୍ୱେନଜିତ ନାମକ ରାଜା ରାଜୁତି କରୁଥିଲେ । ତାଙ୍କର ସୁମିତ୍ର ନାମକ ଜଣେ ବିଦ୍ୱାନ ପଣ୍ଡିତ ପଣ୍ଡିତ ତାଙ୍କ ରାଜ୍ୟରେ ବାସ କରୁଥିଲେ । ଏକଦା ପଞ୍ଚମୀ ତିଥିରେ ବ୍ରାହ୍ମଣଙ୍କ ପିତୃଶ୍ରାଦ୍ଧ ପଡିବାରୁ ସେ ଋଷିଙ୍କୁ ନିମନ୍ତ୍ରଣ କରିଆଣିଲେ । ଶ୍ରାଦ୍ଧ ପାଇଁ ରନ୍ଧନ କାର୍ଯ୍ୟ ଶେଷ ହୋଇଯିବା ପରେ ଗୋଟିଏ ଅଘଟଣ ଘଟିଲା । ବ୍ରାହ୍ମଣୀ ରଜସ୍ୱଳ ହେବାରୁ ସ୍ନାନକରି ଋଷିଙ୍କୁ ଅନ୍ନବ୍ୟଞ୍ଜନ ପରଷିଦେଲେ । ଋଷି ନିଜର ଧ୍ୟାନ ବଳରେ ଏକଥା ଜାଣି ସେହି ବ୍ରାହ୍ମଣୀଙ୍କୁ କୁକୁରୀ ହେବା ପାଇଁ ଅଭିଶାପ ଦେଲେ । ସେହି ବ୍ରାହ୍ମଣୀର ସୁମତି ନାମକ ଏକ ଧର୍ମପରାୟଣ ପୁତ୍ର ଥିଲା ।

କିଛି ଦିନ ପରେ ବ୍ରାହ୍ମଣର ମୃତ୍ୟୁହେଲା ଏବଂ ସେ ଏକ ବଳଦ ଜନ୍ମ ପାଇଲା । ପିତୃଶ୍ରାଦ୍ଧ ପଡିବାରୁ ସୁମତି ନିଜ ସ୍ତ୍ରୀ ଚନ୍ଦ୍ରବତୀଙ୍କୁ ଅନ୍ନ ରନ୍ଧନ ପାଇଁ ନିର୍ଦ୍ଦେଶ ଦେଇ ଋଷିଙ୍କୁ ନିମନ୍ତ୍ରଣ କରିଆଣିଲା । ଠିକ ଏହି ସମୟରେ ଗୋଟିଏ ବିଷଧର ସର୍ପ ସେହି ଅନ୍ନରେ ନିଜର ଗରଳ ପକାଇ ଦେବାରୁ ଦେଖୁଥିବା କୁକୁରୀ ଭାବିଲା ଯଦି ଏହି ଅନ୍ନକୁ ଅନ୍ୟମାନେ ଭୋଜନ କରିବେ ସେମାନେ ନିଶ୍ଚିତ ମରିଯିବେ ; ଏଣୁ ସେହି ଅନ୍ନକୁ ମାର କରିଦେବା ନିମନ୍ତେ ସେ ଯାଇ ତାକୁ ଛୁଇଁ ଦେଲା । ବୋହୂ ଏଥିରେ ଉତକ୍ଷିପ୍ତ ହୋଇ କୁକୁରୀଟିକୁ ଖୁଣ୍ଟରେ ବାନ୍ଧି ଇଟାପଥରରେ ମାଡ ଦେଲା । କୁକୁରୀଟି ଏହି କଥା ନିଜ ସ୍ୱାମୀ ବଳଦକୁ କହିବାରୁ ଦୁହେଁ ବହୁତ ମନଦୁଃଖ କଲେ । ଏହିକଥା ଋଷି ଧ୍ୟାନରୁ ଜାଣିବାରୁ ସୁମତିକୁ ଋଷିପଞ୍ଚମୀ ବ୍ରତ କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ବ୍ରତ ବିଧାନ ସଂପର୍କରେ କହିଦେଲେ । ପୁତ୍ର ସୁମତି ଋଷିନିର୍ଦ୍ଦେଶ ମୁତାବକ ନିଷ୍ଠାର ସହିତ ବ୍ରତ ପାଳନ କରିବାରୁ ପିତାମାତାଙ୍କ ମୋକ୍ଷ ହେଲା । ବ୍ରତ ପାଳନ ବେଳେ ବ୍ରାହ୍ମଣ ବିଭିନ୍ନ ଧୂପ, ଦୀପ, ପୁଷ୍ପପ୍ରଦାନ କରି ମନ୍ତ୍ରପାଠ କରିବେ । ବ୍ରତୀମାନେ ମନ୍ତ୍ରପାଠ ପୂର୍ବକ ବ୍ରତ କରିବେ । ପୁଷ୍ପପ୍ରଦାନ ବେଳେ ମଧ ମନ୍ତ୍ରପାଠର ବିଧି ଅଛି । ଠିକ ସେହିଭଳି ଅର୍ଘ୍ୟ ପ୍ରଦାନବେଳେ ମଧ ମନ୍ତ୍ରୋଚ୍ଚାରଣ ହେବ । ଏହାପରେ ଭକ୍ତିଚିତ୍ତରେ ପ୍ରଣାମ, ଦକ୍ଷିଣାପ୍ରଦାନ, ବ୍ରାହ୍ମଣ ଭୋଜନ ପ୍ରଦାନ କରିବା ବିଧି ରହିଛି । ଓଡିଶାର ପୁରପଲ୍ଲୀରେ ପିତାମାତାଙ୍କ ମୋକ୍ଷପାଇଁ ବହୁ ଲୋକ ଏହି ବ୍ରତ ପାଳନ କରିଥାନ୍ତି । ଏହି ବ୍ରତ ଆଚରଣ କରିବାର ଭିନ୍ନ ବିଧି ଅନୁଯାୟୀ ଋଷିପଞ୍ଚମୀ ବ୍ରତକାରୀମାନେ ୫ମୀ ପ୍ରାତଃକାଳରେ ଅପାମର୍ଗ ଦାନ୍ତକାଠିରେ ଦନ୍ତମାର୍ଜନ ପୂର୍ବକ ଦେହରେ ମାଟିରେ ସ୍ନାନକରି ସମ୍ପୂର୍ଣ୍ଣ ଶୁଦ୍ଧ ହୋଇ ପ-୍ଚଗବ୍ୟ ସେବନ କରି ପୂଜାସ୍ଥାନରେ ଉପସ୍ଥିତ ହୁଅନ୍ତି । ସେଠାରେ ସର୍ବତୋଭଦ୍ରମଣ୍ଡଳ ମଧ୍ୟରେ କଳସ ସ୍ଥାପନ କରି ତା'ଉପରେ ବସ୍ତ୍ର ଆଛାଦନ କରି ପଞ୍ଚରତ୍ନ, ପୁଷ୍ପ, ଧୂପାଦି ଦ୍ୱାରା ପୂଜନ କରନ୍ତି । କଳସ ନିକଟରେ ଅଷ୍ଟଦଳ ପଦ୍ମ ମଧରେ ସପ୍ତର୍ଷି-କାଶ୍ୟପ, ଅତ୍ରି, ଭରଦ୍ୱାଜ, ବିଶ୍ୱାମିତ୍ର, ଗୌତମ, ଜମଦଗ୍ନି, ବଶିଷ୍ଠ ତଥା ବଶିଷ୍ଠଙ୍କ ପତ୍ନୀ ଅରୁନ୍ଧତୀଙ୍କୁ ପ୍ରତିଷ୍ଠା କରିଥାନ୍ତି । ଷୋଡଶ ଉପଚାରରେ ପୂଜା ସମ୍ପନ୍ନ କରି ବ୍ରତକଥା ପାଠ କରନ୍ତି ଏବଂ ପୂଜା ସମାପନ ପରେ ପୂଜନସାମଗ୍ରୀ ସବୁ ବ୍ରାହ୍ମଣୀ ହସ୍ତରେ ସମର୍ପଣ କରନ୍ତି । ବ୍ରାହ୍ମଣ ଭୋଜନ ସହିତ ନିଜେ ବ୍ରତୀ ପ୍ରସାଦ ପାଇବା ଉଚିତ । ଦିନରେ ମାତ୍ର ଥରେ ଭୋଜନ କରିବା ବିଧି । ବ୍ରତକଥା ପୂର୍ବ କଥା ସହିତ ସମାନ ।

ଶ୍ରୀମନ୍ଦିରରେ ଉକ୍ତ ଦନ ଏକ ବିଶେଷ ବିଧି ପାଳିତ ହୋଇଥାଏ ଯାହାକୁ ଋଷିପଞ୍ଚମୀ ବ୍ରତ ବୋଲି କୁହାଯାଏ । ଏହି ବ୍ରତ ପାଳନ ମା'ଲକ୍ଷ୍ମୀ ଠାକୁରାଣୀ ସ୍ୱୟଂ କରିଥାନ୍ତି । ଉପାଖ୍ୟାନରୁ ଜଣାଯାଏ ଯେ, ସ୍ତ୍ରୀମାନେ ରଜସ୍ୱଳା ସମୟରେ ନିଜର ଅଜ୍ଞତାରେ କିଛି ଦୋଷ କରିଥିଲେ ସେଥିରୁ ମୁକ୍ତି ନିମନ୍ତେ ସପ୍ତଋଷିଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଏଣୁ ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ପୂଜାପଣ୍ଡା ଆଜ୍ଞାମାଳ ଦେବାରେ ମହାଜନ ସେବକ ଶ୍ରୀଦେବୀଙ୍କୁ ସିଂହାସନରୁ ବିଜେ କରାଇ ମୁକ୍ତି ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାନ୍ତି ଏବଂ ତପ୍ପରେ ଶ୍ରୀଦେବୀ ମାର୍କଣ୍ଡେୟ ମହାଦେବଙ୍କ ନିକଟକୁ ଯାଇଥାନ୍ତି । ସେଠାରେ ଶ୍ରୀଦେବୀଙ୍କର ମାଜଣା କରାଯାଏ ଓ ପରେ ପୂଜାପଣ୍ଡା ମାର୍କଣ୍ଡେୟଙ୍କ ଉପସ୍ଥିତିରେ ସପ୍ତଋଷିଙ୍କୁ ଆବାହନ ପୂର୍ବକ ବରୁଣ ପୂଜା ଆଦି କରି ସପ୍ତଋଷିଙ୍କୁ ନୈବେଦ୍ୟ ସମର୍ପଣ କରନ୍ତି । ଏହାପରେ ପୂଜାପଣ୍ଡା ବ୍ରତକଥା ପଠନ କରନ୍ତି । ଏହି ବ୍ରତକଥା ପରେ ଆରତି କରାଯାଏ ଏବଂ ଲକ୍ଷ୍ମୀ ଠାକୁରାଣୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମଧାହ୍ନ ଧୂପ କରାଯାଏ । ଏହି ବ୍ରତରେ ଋଷିମାନଙ୍କୁ କ୍ଷୀର, କଦଳୀ ଓ ଅନ୍ୟାନ୍ୟ ଫଳ ଭୋଗ କରାଯାଏ । ଶ୍ରୀଦେବୀ ଏହି ଦିନ ତାଙ୍କର ବ୍ରତ ଉପଲକ୍ଷେ ମନ୍ଦିରରୁ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି ।

॥ ଜୟ ଜଗନ୍ନାଥ ॥

ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ,
ମୋ.୯୮୫୩୯୪୮୪୫୮

## ତୃପ୍ତି

### ପଙ୍କଜ କୁମାର ପାଣିଗ୍ରାହୀ

ତୃପ୍ତି, ଅନୁଭବୀର ବ୍ୟକ୍ତିଗତ ପରିସଂଖ୍ୟାନ ମଧରେ ସନ୍ନିବେଶିତ,
ଯାହା ଅନ୍ୟର ବୋଧଗମ୍ୟତାର ମାପକାଠି ମଧରେ ରହିବା ନିଶ୍ଚିତତା ନଥାଏ !
ତୃପ୍ତି ଏକ ବ୍ୟକ୍ତିଗତ ବିଗ୍ରହ ମଧରେ ସୀମିତ
ନିଜ ନିଜ ମାନସିକ ଭାବଧାରାକୁ ନେଇ
ଯାହା ସଂପୃକ୍ତଙ୍କ ଜ୍ଞାନର ପରିସୀମା ଅନ୍ତର୍ଭୁକ୍ତ ହୋଇଥାଏ !!

ତୃପ୍ତିର ବିପରୀତାର୍ଥ ଅବସାଦ । ଅବସାଦଗ୍ରସ୍ତ ନାହିଁ, ଅର୍ଥାତ ତୃପ୍ତିରେ ରହିଥିବା ନିଶ୍ଚିତତା ନଥାଏ ! କାରଣ ତୃପ୍ତି ଏକ ଅନୁଭବ ଯାହା କୌଣସି କାରଣରୁ ଜଣେ ବ୍ୟକ୍ତି ବିଶେଷଙ୍କ ବିଗ୍ରହଧାରକୁ ନେଇ ଯୋଡିହୋଇଥାଏ ତାହା ହୁଏତ ଅନ୍ୟଜଣଙ୍କ ପାଇଁ ଦୁଃଖର କାରଣ ହୋଇପାରେ ! କିନ୍ତୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାହା ତୃପ୍ତି ପ୍ରଦାନ କରୁଥିବା ବେଳେ ଅନ୍ୟକୁ ଦୁଃଖ ଦେଇଥାଏ କାହିଁକି ଓ କିପରି, ବିସ୍ଲେସଣ କରିବା ଗୋଟିଏ ଜଟିଳ ବିଷୟ ! ତୃପ୍ତି ଏବଂ ଅବସାଦ ମଧରେ ଜଡିତ ଆମ ଜୀବନରେଖାରେ ପର୍ଯ୍ୟାପ୍ତ ବିଷୟ ସଂଶ୍ଳିଷ୍ଟ, ଯାହା ସବୁ ଆମେ ସମସ୍ତେ ଆମ ଦୈନନ୍ଦିନ ଜୀବନରେ ଅନୁଭବ କରୁଅଛେ । କେତେକ ଜ୍ଞାତ ଏବଂ ଅଜ୍ଞାତ ଘଟଣା ଆମ ଜୀବନରେ ଆସିଥାଏ ଯାହାସବୁ କେଉଁ କାରଣରୁ ଆମକୁ ତୃପ୍ତ କିମ୍ବା ଅବସାଦଗ୍ରସ୍ତ କରିଥାଏ ସେଗୁଡିକୁ ବୁଝିବା କ୍ଷମତା ନଥାଇ କେବଳ ଅନୁଭବ ହେଉଥିବା ମଧ ଏକ ଅଲୌକିକ ବିଷୟ ଯାହା ଉପରେ ଆମେ ତୀକ୍ଷ୍ଣ ଦୃଷ୍ଟି ରଖିନଥାଉ କିମ୍ବା ବିଶ୍ଲେଷଣ କରିନଥାଉ ! କିନ୍ତୁ ନିଜ ଜ୍ଞାନ ବହିର୍ଭୁତ ଅସଂଖ୍ୟକ ବିଷୟକୁ ନେଇ ଆମେ କେତେବେଳେ ତୃପ୍ତ ହୋଇଥାଉତ ଆଉ କେତେବେଳେ ଅତୃପ୍ତ !

ଏମିତି ଅନେକ ପରିସ୍ଥିତି ଆସିଥାଏ ଆମ ଜୀବନ ମଧରେ ଯାହାଦ୍ୱାରା କେତେକ ସମୟରେ ଅବସାଦର ଜ୍ୱାଳା ମଧରେ ମଣିଷ କିଛି ତୃପ୍ତି ଅନୁଭବ କରିଥାଏ ତ ଆଉ କେତେବେଳେ ତୃପ୍ତିରେ ବିଭୋର ଅବସାଦଗ୍ରସ୍ତ ପରିସ୍ଥିତି ସୃଷ୍ଟି ହେଉଥିବା ଦେଖିବାକୁ ମିଳେ ! ଉଦାହରଣ ସ୍ୱରୂପ ପୁଅକୁ ଆପ୍ରାଣ ଚେଷ୍ଟା କରି ଉଚ୍ଚ ଶିକ୍ଷିତ କରାଇ, ଦୂରସ୍ଥାନରେ ଚାକିରି କରିବା ପରେ ଘରେ ବୃଦ୍ଧ ପିତା ମାତାଙ୍କ ଅବସ୍ଥା ସଙ୍କଟାପନ୍ନ ହେଉଥିଲେ ମଧ ପୁଅର ରୋଜଗାର କିମ୍ବା ନୈତିକ ସେବାରୁ ବଂଚିତ ଥାଇ କୌଣସି ସଂଯୋଗକୁ ନେଇ ମନରେ ତୃପ୍ତି ଅନୁଭବ କରିଥା'ନ୍ତି ଅନେକେ ! ଅନ୍ୟ ପକ୍ଷରେ କେତେକ ପୁଅର ଅନେକ କୁକର୍ମ, ଭ୍ରଷ୍ଟାଚାର ଅର୍ଜିତ ଧନ ସମ୍ପତ୍ତିରେ ଅନ୍ଧ ପିତା ମାତା ତୃପ୍ତିରେ ବିଭୋର ହୋଇ କଳ୍ପନା ବହିର୍ଭୁତ ଅକ୍ଷମଣୀୟ ଦଣ୍ଡବିଧାନ ହେବାର ସମ୍ଭାବନାକୁ ଆଖିଆଗରେ ରଖି ଅଦୃଶ୍ୟ ମାନସିକ ଅବସାଦଗ୍ରସ୍ତ ରହୁଥିବା ମଧ ଦେଖିବାକୁ ମିଳେ ! ଅତଏବ ଏମିତି ଅନେକ ବିଷୟକୁ ନେଇ ତୃପ୍ତି ଏବଂ ଅବସାଦର ଅପୂର୍ବ ମିଶ୍ରଣ ମାନସିକତା ମଧରେ ଜୀବନ ବଂଚିବାକୁ ପଡିଥାଏ ମଣିଷକୁ ଯାହାର କୌଣସି ଉପଯୁକ୍ତ ସମାଧାନ ପାଇପାରେନାହିଁ, ସେସବୁକୁ ସନ୍ତୁଳିତ କରି ଉପଭୋଗ କରିବା ପାଇଁ !

ଶିକ୍ଷା ମଣିଷକୁ ଗୋଟିଏ ବିଷୟରେ ବିଶେଷଜ୍ଞ କରି ତାକୁ ବ୍ୟବହାର କରି ଧନ ଉପାର୍ଜନ କରିବା ଏବଂ ବଂଚିବା ସୁଯୋଗ ଦେଇଥାଏ । ମାନବିକତା ଏବଂ ସାମାଜିକ କର୍ତ୍ତବ୍ୟବୋଧତା ସାଙ୍ଗକୁ ଜୀବନ ସାର୍ଥକ କରିବାରେ ସହାୟକ କେବଳ ନିଜସ୍ୱ ଅନ୍ତର୍ଜ୍ଞାନ ଯାହା ଶିକ୍ଷାରୁ ମିଳିବା କମ୍ ଏବଂ ଦୈନନ୍ଦିନ ଜୀବନରେ ପାରିପାର୍ଶ୍ୱିକ ଅବସ୍ଥିତି, ପରିସ୍ଥିତିକୁ ନିରୀକ୍ଷଣ, ଚିନ୍ତନ ଓ ଧ୍ୟାନ କରିବାରୁହିଁ ମିଳିଥାଏ ! ତୃପ୍ତି ମଣିଷ ମନର ଏକ ଆନୁମାନିକ ଅନୁଭବ ଯାହା ବିଭିନ୍ନ ରୂପରେ ମିଳିଥାଏ । ମଣିଷକୁ ମୁଖ୍ୟତଃ ଶାରୀରିକ ଏବଂ ମାନସିକ ଅନୁଭବ ତୃପ୍ତି ପ୍ରଦାନ କରିଥାଏ । ବିଭିନ୍ନ ପଦାର୍ଥର ଉପଭୋଗ ଶରୀରର ଭିନ୍ନ ଭିନ୍ନ ଇନ୍ଦ୍ରିୟ ଗୁଡିକ ମାଧମରେ ଅନୁଭୂତ ହେଉଥିବା ବେଳେ କେତେକ ମାନସିକ ଚିଂତନରୁ ତୃପ୍ତି ମିଳିଥାଏ । ତୃପ୍ତି ଦେଉଥିବା ବସ୍ତୁବାଚକ ହେଉକି ମାନସିକ ଅନୁଭବ, ସମସ୍ତଙ୍କୁ ସବୁ ଏକା ପ୍ରକାର ରୁଚି ବା ତୃପ୍ତି ପ୍ରଦାନ କରିନଥାଏ । ମଣିଷ ନିଜର ଜନ୍ମ ଚରିତ୍ର, ଶାରୀରିକ ଗଠନ ଏବଂ ମାନସିକ ବିଗ୍ରହଧାରକୁ ନେଇ ତୃପ୍ତି ଅନୁଭବ କରିଥାଏ ଯାହା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ପାଖରେ ଭିନ୍ନ ରୂପରେ ଦେଖିବାକୁ ମିଳେ । ତୃପ୍ତିର ସଜ୍ଞା ନିରୁଦ୍ଧିଷ୍ଟ ଯାହା କେବଳ ବ୍ୟକ୍ତିଗତ ହୋଇଥାଏ । ଅର୍ଥାତ ତୃପ୍ତିର ସଜ୍ଞାକୁ ନେଇ ଅନୁଭୂତି ହେଉଥିବା ନିଶ୍ଚିତତା ନଥାଏ । କିନ୍ତୁ ଅନେକ ସମୟରେ ମଣିଷ ନିର୍ବୋଧ ଭାବେ କୌଣସି ବିଷୟକୁ ତର୍ଜମା କରି ଜାଣିନଥିଲେ ମଧ କାହାକୁ ଅନାୟାସ ଅନୁକରଣ କରି ଅହେତୁକ ତୃପ୍ତି **(କ୍ରମଶଃ)**

# ରୋବଟ୍ କରୁଛି ପାର୍ସଲ ଡେଲିଭରୀ




ଅନ୍ ଲାଇନ୍ କମ୍ପାନୀଗୁଡ଼ିକର ଲୋକପ୍ରିୟତା ଦିନକୁଦିନ ବଢ଼ିବାରେ ଲାଗିଛି। ଲୋକେ ଦୋକାନ ବଜାରକୁ ନ ଯାଇ ସୁଲଭ ମୂଲ୍ୟରେ ଏସବୁ ସଂସ୍ଥାରୁ ପୋଷାକ ପରିଚ୍ଛଦ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ କିଣିପାରୁଛନ୍ତି । ଚୀନରେ ମଧ୍ୟ ଏହି ଅନଲାଇନ୍ କିଣାବିକାର ଚାହିଦା ବଢୁଥିବା ପ୍ରକାଶ । ସାମଗ୍ରୀ ବିତରଣ ପାଇଁ କର୍ମଚାରୀ ନିଯୁକ୍ତି ବଦଳରେ ସେଠାକାର ଏକ କମ୍ପାନୀ ରୋବୋଟ ଗାଡ଼ି ଏଥି ନିମନ୍ତେ ତିଆରି କରିଛନ୍ତି । କମ୍ପାନୀ ଜେଡିଡଟକମ୍‌ର ମୁଖ୍ୟଙ୍କ କହିବାନୁସାରେ, କର୍ମଚାରୀଙ୍କୁ ପ୍ରତି ମାସରେ ବେତନ ଦେବା ପରିବର୍ତ୍ତେ ଏହି ରୋବଟ୍ ଗାଡ଼ି ସହାୟତାରେ ସେ ବର୍ଷବର୍ଷ ଧରି ସାମଗ୍ରୀ ଡେଲିଭରୀ କରିପାରିବେ । ଅବଶ୍ୟ ଏକ କାମ ପାଇଁ ତାଙ୍କୁ ଏକକାଳୀନ ଅର୍ଥ ବିନଯୋଗ କରିବାକୁ ପଡ଼ିଛି । ଏହାର ଅନେକ ସୁବିଧା ମଧ୍ୟ ସେ ପାଇଥିବାର କହିଛନ୍ତି । ରୋବଟ୍ ଗାଡ଼ି ଯଥା ସମୟରେ ଗ୍ରାହକଙ୍କ ନିକଟରେ ସାମଗ୍ରୀ ପହଞ୍ଚାଇବା ସହ ଟ୍ରାଫିକ୍ ନିୟମକୁ ମାନି ହିଁ ଗାଡ଼ି ନିୟନ୍ତ୍ରଣ କରିବାରେ ଧୁରନ୍ଧର । ଥରକେରେ ୩୦-୪୦ଟି ଛୋଟବଡ଼ ପାର୍ସଲ ଏହି ଗାଡ଼ି ନେଇପାରିବା ସହ ଘଣ୍ଟା ପ୍ରତି ୧୫ କିଲୋମିଟର ଗତି କରିଥାଏ । ବୋଲି କମ୍ପାନୀ ମୁଖ୍ୟ କହିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଭଳି ଦୁଇଟି ଗାଡ଼ି ପାର୍ସଲ ବିତରଣ କରିବ ବୋଲି ଜଣାପଡ଼ିଛି ।

# ଉପଯୋଗୀ ରସୁଣ ଚା



ରସୁଣ ଏମିତି ଏକ ଖାଦ୍ୟ ଯାହାର ବ୍ୟବହାର ନା କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେ ବରଂ ଶରୀରରେ ବିଭିନ୍ନ ରୋଗ ସହ ଲଢ଼ିବାରେସହାୟକ ହୋଇଥାଏ । ଆୟୁର୍ବେଦରେ ରସୁଣକୁ ମହୌଷଧି ଭାବେ ଗ୍ରହଣ କରାଯାଇଛି । ଯାହାକୁ ପୃଥିବୀ ପୃଷ୍ଠରେ ଏକ ବରଦାନ ଭାବେ ବିବେଚିତ କରାଯାଇଛି । ଏଥିରେ ପ୍ରସ୍ତୁତି ଚା' ଯେତିକି ସୁଆଦିଆ ସେତିକି ରୋଗ ପ୍ରତିରୋଧକ । ପ୍ରତିଦିନ ଖାଲିପେଟରେ ରସୁଣ ଚା' ପିଇବା ଦ୍ୱାରା ଶରୀରରେ ମେଟାବଲିଜିମ୍ ଠିକ୍ ରହିଥାଏ। ପାଚନ ତନ୍ତ୍ର ମଧ୍ୟ ମଜବୁତ୍ ରହିଥାଏ । ହୃତପିଣ୍ଡ ସହ ଜଡ଼ିତ ରୋଗରୁ ମଧ୍ୟ ଏହି ଚା' ଉପଶମ ଦେଇଥାଏ । ରକ୍ତ ସଞ୍ଚାଳନ କ୍ଷେତ୍ରରେ ରସୁଣ ଚା' ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଛି । ରସୁଣ ଚା' ସେବନ ଦ୍ୱାରା ଶରୀରରେ ମହଜୁଦ୍ ଟକ୍ସିକ୍ ପଦାର୍ଥ ବ୍ୟହାରକୁ ଚାଲିଯାଏ । ଏହାସହ ଶରୀରରେ ଥିବା ଏକ୍ସଟ୍ରା ଫ୍ୟାଟ୍ ମଧ୍ୟ ବର୍ଣ୍ଣ ହେଶଇଥାଏ । ରସୁଣ ଚା' ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରେ: ଯଦ୍ୱାରା ଶରୀର ବିଭିନ୍ନ ରୋଗ ସହ ଲଢ଼ିପାରେ । ଯେଉଁମାନଙ୍କର କୋଲେଷ୍ଟ୍ରଲ ସ୍ତର ସବୁବେଳେ ବୃଦ୍ଧିପାଉଥାଏ, ସେମାନଙ୍କ ପାଇଁ ଏହି ଚା' ଅମୃତ ସମାନ । ରସୁଣ ଚା'ରେ ଥିବା ଆଣ୍ଟିବାୟୋଟିକ୍ ଥଣ୍ଡା, କାଶ, ଜ୍ୱର ଏମିତିକମ ମଧୁମେହକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ । କହିବାକୁ ଗଲେ, ରସୁଣ ଚା' ଦୁନିଆର ଯେତେ ପ୍ରକାର ରୋଗ ଅଛି ସବୁଥିପାଇଁ ସ୍ୱାସ୍ଥ୍ୟପ୍ରଦ ମହୌଷଧି ।

# ଗାଁରେ ବାଜିନି ପାଞ୍ଚ ବର୍ଷ ହେଲା ଶୁଭଶଙ୍ଖ

ଭାରତର ଏମିତି ଏକ ଗାଁ ଅଛି, ଯେଉଁଠାରେ ପାଞ୍ଚ ବର୍ଷ ହେଲା ବାହାଘର ହୋଇନି । ନା କେହି ଏହି ଗାଁକୁ ଝିଅ ଦେଉଛନ୍ତି, ନାହିଁ କେହି ଏହି ଗାଁରୁ ଝିଅ ନେଉଛନ୍ତି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ରାୟପୁରରେ ଥିବା ସୁପେବେଡ଼ା ଗାଁ ଠାରେ । ଏହାରର କାରଣ ହେଉଛି ଯକୃତ ରୋଗ। ସେଠାକାର ପାଣିରେ ବହୁ ମାତ୍ରାରେ ଫ୍ଲୋରିଡ, ଆଇରନ ଏବଂ ଅନ୍ୟ କେତେକ ବିଷାକ୍ତ ଧାତୁ ରହିଛି, ଯାହା ଯକୃତ ରୋଗ ସହ ହାଡ ଦୁର୍ବଳ ଓ ଦାନ୍ତ ହଲଦିଆ କରିଥାଏ। ଏଥିସହ ସେହି ଗାଁରେ ଥିବା ଲୋକ ବୟସ ଅଧିକ ହେବା ପରେ ସିଧା ଠିଆ ମଧ୍ୟ ହୋଇପାରନ୍ତି ନାହିଁ । ନିକଟରେ କଂଗ୍ରେସ ଅଧ୍ୟକ୍ଷ ଭୂପେଶ ବାଘେଲ, ଚିକିତ୍ସା ବିଭାଗର ଅଧ୍ୟକ୍ଷ ଡ. ରାକେଶ ଗୁପ୍ତାଙ୍କ ସହ ଅନ୍ୟ କେତେକ ଲୋକ ସେହି ଗାଁକୁ ପରିଦର୍ଶନରେ ଯାଇଥିଲେ । ଗାଁରେ ଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୨୦୦ ଲୋକ ଯକୃତ ରୋଗରେ ଆକ୍ରାନ୍ତ ବୋଲି ଜାଣିପାରିଥିଲେ । ଏହି ରୋଗ ହେବା ପରେ ସେଠାକାର ଲୋକଙ୍କ ପାଖରେ ଯାହା ସବୁ ମୂଲ୍ୟବାନ୍ ଜିନିଷ ଥିଲା ସେସବୁକୁ ବିକ୍ରି କରି ସେଠାକାର ସରକାରୀ ଡାକ୍ତରଖାନାରେ ଥିବା ଡାକ୍ତରମାନେ ରୋଗ ଭୟରେ ସେହି ସ୍ଥାନ ଛାଡ଼ି ପଳାଉଛନ୍ତି । ଗ୍ରାମବାସୀ ସରକାରଙ୍କୁ ସହୟତା ମାଗିଲେ ମଧ୍ୟ ରୋଗ ଭୟରେ ସେଠାକୁ କେହି ଯାଉନାହାନ୍ତି । ଏହାର ଆଖପାଖରେ ଥିବା ଗାଁ ଲୋକଙ୍କ କହିବା କଥା ସୁପେବେଡ଼ା ଗାଁ ହେଉଛି ଏକ ଅଭିଶପ୍ତ ଗ୍ରାମ । ସେଥିପାଇଁ ସେହି ଗ୍ରାମରେ କେହି ବନ୍ଧୁ ବାନ୍ଧିବାକୁ ଚାହାଁନ୍ତି ନାହିଁ ।

# ମଶାଙ୍କଠୁ ରକ୍ଷା କରିବେ ମାଛ !



ବୈଜ୍ଞାନିକମାନେ ମଶାଙ୍କ ସଂଖ୍ୟା ହ୍ରାସ କରିବାକୁ ଏକ ନୂଆ କୀଟନାଶକ ମୁକ୍ତ ଉପାୟ ସନ୍ଧାନ କରିଛନ୍ତି । ଏହି ଉପାୟ ଆଧାରରେ ଭୋକିଲା ମାଛଙ୍କୁ ଏଭଳି ଜଳରାଶିରେ ଛାଡ଼ି ଦିଆଯାଏ, ଯେଉଁଠାରେ ମଶାମାନେ ଅଧିକ ଅଣ୍ଡା ଦେଇ ନିଜ ବଂଶ ବିସ୍ତାର କରିଥାନ୍ତି । କାନାଡ଼ାର ୱାଟରଲୁ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି, ଭୋକିଲା ମାଛମାନେ ମଶାଙ୍କ ଲାର୍ଭା ଖାଇଥାନ୍ତି । ତେଣୁ ଏହାଦ୍ୱାରା ମଶାଙ୍କ ବଂଶବୃଦ୍ଧି ହ୍ରାସ କରିବାରେ ସାହାଯ୍ୟ ମିଳିପାରିବ ବୋଲି ବୈଜ୍ଞାନିକମାନେ ଆଶାପୋଷଣ କରିଛନ୍ତି। ଗବେଷଣାର ମୁଖ୍ୟ ବ୍ରାଡ୍ ଫେଡି କହିଛନ୍ତି, ମଶା ସଂଖ୍ୟା ଉପରେ ନିୟନ୍ତ୍ରଣ କରିବାକୁ ସବୁଠୁ ଉତ୍ତମ ଉପାୟ ହେଉଛି ସେମାନଙ୍କ ଲାର୍ଭା ସ୍ତର ଶେଷ କରିବା । ଆଜିଯାଏ ଏଥିପାଇଁ ଲାର୍ଭାସାଇଡର ବ୍ୟବହାର ହେଉଥିଲା । ଏହି କୀଟନାଶକ ମଶାଙ୍କ ପ୍ରାଦୁର୍ଭାବ ହ୍ରାସ କରିବା ସହିତ ପାରିପାର୍ଶ୍ୱିକ ପରିବେଶ ଉପରେ ମଧ କୁପ୍ରଭାବ ପକାଉଥିଲା । ତେଣୁ ଏଥିରୁ ବର୍ତ୍ତିବାକୁ ବୈଜ୍ଞାନିକମାନେ ଏବେ ମାଛଙ୍କ ସାହାରା ନେଇଛନ୍ତି । ମାଛମାନେ ହିଁ ମଶାଙ୍କ ସଂଖ୍ୟା ହ୍ରାସ କରିବାରେ ବିଶେଷ ଲାଭ ପ୍ରଦାନ କରିବେ ବୋଲି ବୈଜ୍ଞାନିକମାନେ ଗବେଷଣାରେ ସ୍ପଷ୍ଟ କରିଛନ୍ତି । ଏହା ମଧ ପକେଟକୁ ସୁହାଇବା ଭଳି ଖର୍ଚ୍ଚରେ ସମ୍ଭବ ହେବା ସହ ପରିବେଶ ପାଇଁ ଅନୁକୂଳ । ବର୍ତ୍ତମାନ ସମୟରେ ଡେଙ୍ଗୁ ଜ୍ୱର ଯେଭଳି ଭାବେ ମହାମାରୀର ରୂପ ନେବା ଆରମ୍ଭ କଲାଣି, ଏଥିରୁ ରକ୍ଷା ପାଇବାକୁ ଯେକେହି ବି ଚାହିଁଲେ ସ୍ୱଳ୍ପ ଖର୍ଚ୍ଚରେ ଏହି ଉପାୟ ଅବଲମ୍ବନ କରିପାରିବେ ।

# ଶେଡ୍‌ସ ଅଫ୍ ରେଡ୍



ଫ୍ୟାଶନ୍‌ରେ ସବୁବେଳେ ଭିନ୍ନ ଭିନ୍ନ ରଂଗକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପିଣିଥରେ ଆସିଛି ଚମକଦାର ପରିବର୍ତ୍ତନ । ବିଶେଷ କରି ଲାଲ୍ ରଙ୍ଗକୁ ଦିଆଯାଇଛି ଗୁରୁତ୍ୱ । କାରଣ ଏ ରଙ୍ଗ ପ୍ରେମର । ନିଭ ପ୍ରେମକୁ ଆଉ ଟିକେ ରଂଗୀନ କରିବା ପାଇଁ ସମସ୍ତଙ୍କର ଇଚ୍ଛା ।

ଗାଉନ୍:- ପାର୍ଟି ପାଇଁ ଯୁବତୀଙ୍କର ପ୍ରଥମ ପସନ୍ଦ ଥାଏ ଗାଉନ୍ । ଏହାର ବିଶେଷତା ହେଉଛି, ଏହା ପ୍ରତ୍ୟେକ ଫିଗରକୁ ମ୍ୟାଚିଂ କରିଥାଏ । ଖାଲି କିଣିଲା ବେଳେ ଏହାର କଟିଙ୍ଗ ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ । ଏଥର ଲାଲ୍ ରଙ୍ଗର ଗାଉନ୍ ଝିଅମାନଙ୍କ ପାଇଁ ବେଶ୍ ସୁଇଟେବଲ୍ ମନେ ହୋଇଛି ।

ଶର୍ଟଡ୍ରେସ୍:- ଶର୍ଟ ଡ୍ରେସ୍ ଏବେ ମାର୍କେଟରେ ଟ୍ରେଣ୍ଡରେ ରହିଛି । ୱାନ୍ ଶୋଲ୍ଡର୍ ରହିଛି । ୱାନ୍ ଶୋଲ୍ଡର୍ ନେକ୍ଲାଇନ୍ ସହ ଲାଲ୍ ରଙ୍ଗରେ ଆଚ୍ଛାଦିତ ଏହି ପୋଷାକ ବେଶ୍ ଆକର୍ଷଣୀୟ ଦିଶିବ ।

ହାଇ ସ୍ଲିଟ୍:- ଏପ୍ରକାରର ଡ୍ରେସ୍ ଡେଙ୍ଗୀ ମହିଳାଙ୍କୁ ଖୁବ୍ ସୁନ୍ଦର ଦିଶିବ । ଏଥରର ରେଡ୍ ଶେଡ୍‌ର ହାଇ ସ୍ଲିଟ ମଧ୍ୟ ଫ୍ୟାସନ ଟ୍ରେଣ୍ଡରେ ରହିଛି ।



# ସୁଖୀ ରହିବାର ସୂତ୍ର



- ସାପ୍ତାହିକ ଛୁଟିଦିନକୁ ଭଲ ବହି ପଢ଼ି କିମ୍ବା ସମ୍ମାନଜନକ ବ୍ୟକ୍ତିଙ୍କ ଗହଣରେ କଟାନ୍ତୁ।
- କିଛି ସମୟ ପ୍ରାକୃତିକ ପରିବେଶରେ ବୁଲନ୍ତୁ। ଯୋଗ, ଧ୍ୟାନ, ପ୍ରାଣାୟମ କରି ଦିନଟି ଅତିବାହିତ କରନ୍ତୁ।
- ନିୟମିତ ପ୍ରାର୍ଥନା କରନ୍ତୁ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼େ।
-ବଦଭ୍ୟାସ ଠାରୁ ଦୂରେଇ ରହନ୍ତୁ। ବିଳମ୍ବରେ ଶଯ୍ୟାତ୍ୟାଗ, ଅତ୍ୟଧିକ ଚାହା, କଫି, ଧୂମପାନ ବର୍ଜନ କରନ୍ତୁ।
- ପରିବାର, ପରିବେଶ ଓ ସମାଜ ପ୍ରତି ଦାୟିତ୍ୱ ସଂପନ୍ନ ହୁଅନ୍ତୁ। କର୍ମ ପ୍ରତି ସାଧୁତା ଅବଲମ୍ବନ କରନ୍ତୁ।
- ଭୟାନକ ଚଳଚ୍ଚିତ୍ର ଦେଖନ୍ତୁ ନାହିଁ। ଅଧିକ ଧ୍ୱନିର ଗୀତ ଶୁଣନ୍ତୁ ନାହିଁ। ଇୟରଫୋନ କିମ୍ବା ଇଣ୍ଟରନେଟ୍ କିମ୍ବା ଇଣ୍ଟରନେଟ ବ୍ୟବହାର କମାନ୍ତୁ।
- ସର୍ବଦା ସକାରାତ୍ମକ ଚିନ୍ତା କରନ୍ତୁ। କ୍ରୋଧ, ଈର୍ଷା, ଲୋଭ, କାମନା ଓ ଲାଳସା ଠାରୁ ଦୂରେଇ ରୁହନ୍ତୁ।

# ଏଣିକି ପକେଟ୍‌ରେ ରହିବ କି' ବୋର୍ଡ



ଏଣିକି କି' ବୋର୍ଡକୁ କେଉଁଆଡ଼େ ବୋହି ନେବାକୁ କୌଣସି ବ୍ୟାଗର ଆବଶ୍ୟକତା ପଡ଼ିବନି । ଏହାକୁ ମନ ମୁତାବକ ଯେକୌଣସି ସ୍ଥାନକୁ ସହଜରେ ନେଇପାରିବେ । କାରଣ ବୈଜ୍ଞାନିକମାନେ ଏଭଳି ଏକ କି' ବୋର୍ଡର ଉଦ୍ଭାବନ କରିଛନ୍ତି, ଯାହାକୁ ସହଜରେ ପକେଟରେ ରଖିପାରିବେ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସମ୍ପୂର୍ଣ୍ଣ ସତ । କି' ବୋର୍ଡଟି ଖୁବ୍ ନମନୀୟ ସାଙ୍ଗକୁ ଶସ୍ତା ମଧ । କମ୍ପ୍ୟୁଟର ଏବଂ ଅନ୍ୟ ବୈଦ୍ୟୁତିକ ଡିଭାଇସ୍ ସହ ବ୍ୟବହୃତ ହେଉଥିବା କି' ବୋର୍ଡ ବଜାରରେ ପୂର୍ବରୁ ଉପଲବ୍ଧ ହେଉଛି । ତେବେ ଏହି କି' ବୋର୍ଡ ସବୁ ନିଶ୍ଚିତ ସୀମା ପର୍ଯ୍ୟନ୍ତ ବ୍ୟବହାର କରିହେଉଛି । ଏହାର ଆକାର ବଡ଼ ଥିବାରୁ ସାଙ୍ଗରେ ନେଇ କେଉଁଆଡ଼େ ଯିବାକୁ ହେଲେ କଷ୍ଟ ଉଠାଇବାକୁ ପଡୁଛି । କିନ୍ତୁ ଦକ୍ଷିଣ କୋରିଆର ସିଜୋଙ୍ଗ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏଭଳି ଏକ କି' ବୋର୍ଡ ବିକଶିତ କରିବା ପରେ ଏହାକୁ ପକେଟରେ ନେଇହେଉଛି । ଏହି କି'ବୋର୍ଡ କେବଳ ଆଙ୍ଗୁଳିର ସ୍ପର୍ଶ ମାତ୍ରରେ ନିଜର କାମ କରିଥାଏ । ଏଥିରେ ଥିବା କାର୍ବନ୍ ନାନୋଟ୍ୟୁବ୍ ଏଥିପାଇଁ ବିଶେଷ ସହାୟକ ହୋଇଥାଏ ।

# ୧୪ ବର୍ଷୀୟ ଯୋଗଗୁରୁ ଋଷଭ୍



ଯୋଗ ଏକ ପ୍ରକାର ସାଧନା । ସମସ୍ତେ ଏହା କରିପାରନ୍ତି ନାହିଁ । ଅନେକ ଲଗାତର ଚେଷ୍ଟା କରିବା ପରେ ମଧ ଯୋଗକୁ ଏକାଗ୍ର ଚିତ୍ତରେ କରିପାରୁନଥିବାର ଦେଖାଯାଇଛି । ଏପରିସ୍ଥଳେ ୧୪ ବର୍ଷୀୟ ଋଷଭ୍ ଝା ସମସ୍ତଙ୍କ ନିମନ୍ତେ ସୁନ୍ଦର ଉଦାହରଣ ହୋଇପାରିଛନ୍ତି । କନିଷ୍ଠ ଯୋଗଗୁରୁ ଭାବେ ବିଭିନ୍ନ ଗଣମାଧ୍ୟମରେ ତାଙ୍କୁ ନେଇ ଚର୍ଚ୍ଚା ଚାଲିଛି । ଗୁରୁଗ୍ରାମର ସେକ୍ଟର ୧୪ ନିବାସୀ ଋଷଭଙ୍କ ବାପା ଏକ କମ୍ପାନୀର ସୁରକ୍ଷା କର୍ମୀ ଭାବେ କାମ କରୁଥିବାବେଳେ ତାଙ୍କ ମା' ଏକ ବିଦ୍ୟାଳୟରେ କାମ କରନ୍ତି । ୯ବର୍ଷ ବୟସରେ ସେ ଯୋଗଗୁରୁ ଦେବେନ୍ଦ୍ର ଭରଦ୍ୱାଜଙ୍କ ନିକଟରୁ ଯୋଗ ଶିଖାଇବା ଆରମ୍ଭ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ତାଙ୍କୁ 'ରବର ବୟ' ନାମରେ ଡକାଯାଏ । କାରଣ ଋଷଭଙ୍କ ଶରୀରରେ ନମନୀୟତା କାରଣରୁ ତାହା ବିଭିନ୍ନ ଦିଗକୁ ମୋଡ଼ି ହୋଇଯାଏ । ଏକ୍ରୋ ଯୋଗରେ ସିଦ୍ଧହସ୍ତ ଏ କୁନି ଯୋଗଗୁରୁଙ୍କ ନିକଟରେ ଏବେ ୫୫ଜଣରୁ ଅଧିକ ଲୋକ ଯୋଗ ଶିକ୍ଷା କରୁଛନ୍ତି। ଋଷଭଙ୍କର ଏକ ଦଳ ମଧ ଅଛି, ସେଥିରେ ୬ଜଣ ପିଲା ଅଛନ୍ତି । ସମସ୍ତେ ଯୋଗଶିକ୍ଷାର ଧୁରୀଣ ବୋଲି ଜଣାପଡ଼ିଛି ।

# ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରର ଇ-ଲର୍ନିଂ ପ୍ରଶିକ୍ଷଣ

ଭଦ୍ରକ,୨୨।୮ (ନି.ପ୍ର): ଗତ କିଛି ମାସ ମଧ୍ୟରେ କରୋନା ମହାମାରୀ ବିଶ୍ୱସ୍ତରୀୟ ଅଧିକାଂଶ କ୍ଷେତ୍ରକୁ ପ୍ରଭାବିତ କରିଛି । ସେଥିମଧ୍ୟରୁ ଶିକ୍ଷା କ୍ଷେତ୍ର ଅନ୍ୟତମ । ମହାମାରୀର ମୁକାବିଲା ପାଇଁ ଜାରି କରାଯାଇଥିବା ଲକ୍‌ଡାଉନ ପରିସ୍ଥିତିରେ ଛାତ୍ରଛାତ୍ରରେ ଶିକ୍ଷାରେ ଅନେକ ବ୍ୟାଘାତ ସୃଷ୍ଟି ହେଉଛି । ସମସ୍ତ ବିଦ୍ୟାଳୟ, କଲେଜ, କୋଚିଂ ଓ ତାଲିମ କେନ୍ଦ୍ର ବନ୍ଦ ରହିବା 'ଲରେ ଛାତ୍ରଛାତ୍ରୀ ଘରେ ରହିବା ସହ ସେମାନଙ୍କ ଶିକ୍ଷା କ୍ଷେତ୍ରରେ ମୂଲ୍ୟବାନ ସମୟ ହରାଉଛନ୍ତି । ଏହି ସମୟରେ ଶିକ୍ଷା କ୍ଷେତ୍ରକୁ ଆଗକୁ ବଢାଇବା ସହ ପିଲାମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦେଇ ଅନଲାଇନ୍ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରାଯାଇଛି। ବିଦ୍ୟାଳୟ ଖୋଲିବାରେ ବିଳମ୍ବ ହେତୁ ସମୟ ନଷ୍ଟ କରିବା ପରିବର୍ତ୍ତେ ଛାତ୍ରଛାତ୍ରୀମାନେ ନିଜ ନିଜ ଶିକ୍ଷାବର୍ଷ ଆରମ୍ଭ କରିବା ପାଇଁ ଅନଲାଇନ୍ କ୍ଲାସ କରୁଛନ୍ତି ।ଏହାକୁ ଦୃଷ୍ଟିରେ ରଖି ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର ସାରା ରାଜ୍ୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନ୍ ଦକ୍ଷତା ସମ୍ବନ୍ଧୀୟ ପାଠ୍ୟକ୍ରମ, ଧନ୍ଦାମୂଳକ ତାଲିମ ଆୟୋଜନ କରିବାର ଅଭିନବ ଚିନ୍ତାଧାରା ଆଣିଛି । ଲକ୍‌ଡାଉନ ପରଠାରୁ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର ଦୂରଦୂରାନ୍ତରେ ଅଧ୍ୟୟନ କରୁଥିବା ସେମାନଙ୍କ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଅନଲାଇନ୍ ଦକ୍ଷତା କ୍ଲାସ କରୁଛି । ଅନଲାଇନ୍ କ୍ଲାସର ଏହି ପରିବର୍ତ୍ତିତ ଧାରାକୁ ସାମ୍ନା କରିବା ପାଇଁ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରର ପ୍ରଶିକ୍ଷକଙ୍କୁ ସମ୍ପୂର୍ଣ୍ଣ ତାଲିମ ଦିଆଯାଇଛି ଏବଂ ଏହି ଭର୍ଚୁଆଲ ପ୍ଲାଟଫର୍ମରେ ଅଂଶୀଦାର କରିବାକୁ ଅନେକ ଅଭିନବ ଶ୍ରେଣୀ ଶିକ୍ଷାଦାନ ଅଭିଜ୍ଞତା ମଧ୍ୟ ରଖିଛନ୍ତି । ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୧୧୫ରୁ ଉର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ଏହାର ବିଭିନ୍ନ ଅନଲାଇନ୍ ପାଠ୍ୟକ୍ରମରେ ମୌଳିକ ଇଂରାଜୀ ଶିକ୍ଷା, ଡିଜିଟାଲ ସାକ୍ଷରତା, ଜିଏସ୍‌ଟି ଏବଂ ଟାଲୀ, ମୌଳିକ ଗୃହ ସ୍ୱାସ୍ଥ୍ୟ ସେବା ଏବଂ ସହକାରୀ ବୈଦ୍ୟୁତିକ ତତ୍ତ୍ୱ ଆଧାରିତ ଶିକ୍ଷଣରେ ନାମ ଲେଖାଇଛି । ଭିଡିଓ ଭିତିକ ଶିକ୍ଷା, ପିପିଟି ପ୍ରସ୍ତୁତି, ଅନଲାଇନ୍ ପ୍ରୋଜେକ୍ଟ ଓ ସୃଜନାତ୍ମକ କାର୍ଯ୍ୟକଳାପ ପରି ଅନେକ କ୍ଷେତ୍ରରେ ଆଲୋଚନାତ୍ମକ ଅଧିବେଶନ ମାଧ୍ୟମରେ ଗୁଣାତ୍ମକ ତାଲିମ ପ୍ରଦାନ ଉପରେ ଧ୍ୟାନ ଦିଆଯାଇଛି ।ମହାମାରୀ ସମୟରେ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରର ଏହି ପ୍ରୟାସ ସମାଜକୁ ମଜବୁତ କରିବା ସହ ଲୋକଙ୍କୁ ସୂଚନା ଦେବା ତଥା ଶିକ୍ଷା ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି, ଯାହା ପରବର୍ତ୍ତୀ ସମୟରେ ସମାଜର ବଂଚିତ ଶ୍ରେଣୀର ଲୋକଙ୍କ ଜୀବନରେ ଏକ ଦୃଢ ସାମାଜିକ ତଥା ସାଂସ୍କୃତିକ ପ୍ରଭାବ ସୃଷ୍ଟି କରିବ ।

# ଭି ଏସ୍ ଏସ୍ ନଗର ପ୍ରତି ଅବହେଳା ନହେଉ

ଭୁବନେଶ୍ୱର,୨୨।୮ (ନି.ପ୍ର): ବର୍ତ୍ତମାନର କରୋନା ସ୍ଥିତିରେ ରାଜ୍ୟର ଅନ୍ୟ ଅଂଚଳ ଅପେକ୍ଷା ଖୋର୍ଦ୍ଧା ଜିଲ୍ଲାରେ ସ୍ଥିତି ଗମ୍ଭୀର ହୋଇଛି । ଭୁବନେଶ୍ୱର ସ୍ଥିତ ଭଲ ନଥିଲେ ମଧ୍ୟ ବହୁ ଦିନ ହେଲା ବୀର ସୁରେନ୍ଦ୍ର ସାଏ ନଗରକୁ କରୋନା ଛୁଇଁ ପାରି ନଥିଲା । ଗତ ତିନି ଦିନର କରୋନା ସ୍ଥିତି ଦେଖିଲେ ସ୍ଥିତି ଅଣାୟତ ହେଲା ଭଳି ଲାଗୁଛି । ଆମ ଚାରି ପାଖରେ ଥିବା ମଂଚେଶ୍ୱର ଓ ପଥରବନ୍ଧ ଭଳି ଅଂଚଳରେ ବହୁତ ଅଧିକ ସଂକ୍ରମଣ ହୋଇଛି । ଏହି ସ୍ଥିତିରେ ଭି ଏସ୍ ଏସ୍ ନଗରରେ କରୋନା ସଂକ୍ରମଣ ହେବା ଆଶଙ୍କା ଅଧିକ । ଗତ ତିନି ଦିନରେ କିଛିଟା ଦେଖା ଦେଲାଣି । ମଂଚେଶ୍ୱର ଓ ପଥରବନ୍ଧ ଭଳି ବହୁ ଅଂଚଳ ଭି ଏସ୍ ଏସ୍ ନଗର ହାଟ ଓ ବଜାର ଉପରେ ନିର୍ଭର କରନ୍ତି । ଏଣୁ ମହାନଗର ନିଗମ ପକ୍ଷରୁ ଅଧିକ ସକ୍ରିୟ ହୋଇ ସାନିଟାଇଜେସନ ଓ ଅନ୍ୟାନ୍ୟ କାମ ଯାହା ହୋଇ ନାହିଁ କରିବା ଆବଶ୍ୟକ । ଏଣୁ ଆଜି ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ବରିଷ୍ଠ ନାଗରିକ କମିଟି ସାଧାରଣ ସମ୍ପାଦକ ସୁରେଶ କର ଓ ଦୁର୍ଗା ପୂଜା କମିଟି ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି ଏକ ମିଳିତ ବୈଠକରେ ସହମତି ହେଲେ ଯେ, କରୋନା ସ୍ଥିତିରେ ମହାନଗର ନିଗମର ଅଧିକ ସହଯୋଗ ପାଇଁ ମିଳିତ ଭାବେ ମହାନଗର ନିଗମର କମିସନର ଓ ବିଧାୟକଙ୍କ ସହଯୋଗ ନିଆଯିବ ।

## ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଦୂତୀ ଚାନ୍ଦଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୨୨।୮ (ନି.ପ୍ର): କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଅର୍ଜୁନ କ୍ରୀଡ଼ା ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଦ୍ରୁତତମ ଧାବିକା ଦୂତୀ ଚାନ୍ଦଙ୍କୁ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ନିଜର ଅଦମ୍ୟ ଇଚ୍ଛାଶକ୍ତି ଓ ପ୍ରଚେଷ୍ଟା ବଳରେ ସଫଳତାର ପାହାଚ ଚଢ଼ି ଚାଲିଥିବା ଦୂତୀ ଆଜି ଅର୍ଜୁନ ପୁରସ୍କାର ବିଜୟୀ ହୋଇ ସମଗ୍ର ଓଡ଼ିଶା ପାଇଁ ଯଥେଷ୍ଟ ଗୌରବ ଆଣି ପାରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ଆଗାମୀ ଅଲମ୍ପିକ ପାଇଁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଦୂତୀ କ୍ରୀଡ଼ା କ୍ଷେତ୍ରରେ ଆହୁରି ସଫଳତା ଆଣି ଓଡ଼ିଶା ତଥା ଆମ ଦେଶ ଭାରତକୁ ଗୌରବାନ୍ୱିତ କରିବେ ବୋଲି ମନ୍ତ୍ରୀ ଶ୍ରୀ ବେହେରା ନିଜର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଏରିଏର ବିଲ କରାଇଦେବାକୁ ୩ ହଜାର ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ହାବୁଡରେ ପଡିଲେ ଟ୍ରେଜେରୀ କିରାଣୀ

କନ୍ଧମାଳ,୨୨।୮ (ନି.ପ୍ର): ଆଜି ଫୁଲବାଣୀ ଟ୍ରେଜେରୀର ଜଣେ ସିନିୟର ଆସିଷ୍ଟାଣ୍ଟ ଅରୁପ କୁମାର ମିଶ୍ର ଜଣେ ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀଙ୍କଠାରୁ ତାଙ୍କର ଏରିଏର ବିଲ କରାଇଦେବବାପାଇଁ ତାଙ୍କଠାରୁ ୩ ହଜାର ଟଙ୍କା ଫୁଲବାଣୀ ଟ୍ରେଜେରୀ ଅଫିସ ଭିତରେ ଲାଂଚ ନେଉଥିବାବେଳେ ସକାଳ ୧୧.୫୦ ମିନିଟ ସମୟରେ ଭିଜିଲାନ୍ସ ବିଭାଗ ହାବୁଡରେ ପଡିଛନ୍ତି । ସୂଚନା ଅନୁସାରେ ଫୁଲବାଣୀ ମତ୍ସ୍ୟ ବିଭାଗରେ ଟିକାବାଲିର ପ୍ରମୋଦ କୁମାର ପାଣିଗ୍ରାହୀ ଗତ ୨୦୧୪ ମସିହାରେ ଚାକିରିରୁ ଅବସର ନେଇଥିଲେ । ତାଙ୍କର ସମସ୍ତ ସରକାରୀ ପ୍ରାପ୍ୟ ସେ ନେଇଥିବାବେଳେ ଚାକିରି କାଳରେ ବୃଦ୍ଧି ପାଇଥିବା ଦରମାର ଡିଫେରେନ୍ସିଆଲ ଟଙ୍କା ସବୁ ରହି ଯାଇଥିଲା । ଏହାର ଏରିଅର ଭାବରେ ଥିବା ୨ଲକ୍ଷ ୧୮ ହଜାର ୭୯୫ ଟଙ୍କା ତାଙ୍କର ପାଇବାର ଥିଲା । ସେହି ଟଙ୍କାର ବିଲ ଦାୟୀତ୍ୱରେ ଫୁଲବାଣୀ ଟ୍ରେଜେରୀରେ ସିନିୟର ଆସିଷ୍ଟାଣ୍ଟ ଅରୁପ କୁମାର ମିଶ୍ର ଥିଲେ । ସେଥିପାଇଁ ପ୍ରମୋଦ ପାଣିଗ୍ରାହୀ ତାଙ୍କୁ ଏହି ବିଲ କରିଦେବାକୁ କହିଥିଲେ କିନ୍ତୁ ଏହି କାମ କରିଦେବାପାଇଁ ସିନିୟର ଆସିଷ୍ଟାଣ୍ଟ ମିଶ୍ର ତାଙ୍କୁ ୩ ହଜାର ଟଙ୍କା ଲାଂଚ ମାଗିଥିଲେ । ଫଳରେ ନିରୁପାୟ ହୋଇ ପ୍ରମୋଦ ପାଣିଗ୍ରାହୀ ଫୁଲବାଣୀ ଭିଜିଲାନ୍ସ ବିଭାଗର ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ଭିଜିଲାନ୍ସ ବିଭାଗ ଏକ ମାମଲା ୧୦/୨୦୨୦ ରୁଜୁ କରିଥିଲା । ଆଜି ଭିଜିଲାନ୍ସର ଯୋଜନା ଅନୁସାରେ ପ୍ରମୋଦ ପାଣିଗ୍ରାହୀ ଫୁଲବାଣୀ ଟ୍ରେଜେରୀ କାର୍ଯ୍ୟାଳୟ ଭିତରେ ସିନିୟର ଆସିଷ୍ଟାଣ୍ଟ ଅରୁପ ମିଶ୍ରଙ୍କୁ ୩ ହଜାର ଟଙ୍କା ଦେଇଥିଲେ ଭିଜିଲାନ୍ସ ବିଭାଗ ତକ୍ଷଣାତ ସେଠାରେ ପହଂଚି ଅରୁପ ମିଶ୍ରଙ୍କଠାରୁ ସେହି ଟଙ୍କା ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲେ । ଏହାସହିତ ସିନିୟର ଆସିଷ୍ଟାଣ୍ଟଙ୍କର ଫୁଲବାଣୀ ପିଅନପଡାରେ ଥିବା ଘରକୁ ମଧ୍ୟ ସର୍ଚ୍ଚ କରିଥିଲା ଭିଜିଲାନ୍ସ । ସୂଚନା ଯୋଗ୍ୟ ଅରୁପ କୁମାର ମିଶ୍ର ୨୦୧୬ ମସିହାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳରେ କାର୍ଯ୍ୟରତ ଥିବାବେଳେ ୭ ହଜାର ଟଙ୍କା ଲାଂଚ ନେଉଥିବାବେଳେ ମଧ୍ୟ ଧରାପଡିଥିଲେ ଭିଜିଲାନ୍ସ ବିଭାଗ ହାତରେ । ଆଜିର ଏହି ଚଢାଉ ଭିଜିଲାନ୍ସ ଡିଏସପି ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ଇନିସପେକ୍ଟର ପୁଲସ୍ତି ଛତ୍ରିଆ,ଶରତଚନ୍ଦ୍ର ସାହୁଙ୍କ ସମେତ ଅନ୍ୟକର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ଫନ୍ ଆଣ୍ଡ ଫିଟ୍‌ନେସ୍ କ୍ଲବ୍ ପକ୍ଷରୁ ଆଇଏଏସ୍ ସଞ୍ଜିତା ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୨।୮ (ନି.ପ୍ର): ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ୧୦ମ ସ୍ଥାନ ଅଧିକାର କରିଥିବା ଓଡ଼ିଶାର ସଞ୍ଜିତା ମହାପାତ୍ରଙ୍କୁ ଭୁବନେଶ୍ୱର ଫନ୍ ଆଣ୍ଡ ଫିଟ୍‌ନେସ କ୍ଲବ ଏବଂ ବିଜେବି କଲେଜ-୭୪ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କ ତରଫରୁ ସ୍ଥାନୀୟ ଏନ୍-୩ ପାର୍କ ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଏଠାରେ ଆୟୋଜିତ ଏକ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା , ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଯୁବ ସମାଜସେବୀ ବିବେକାନନ୍ଦ ବାରିକ ଓ ଦୁର୍ଗା ସାମନ୍ତରାୟ ଶ୍ରମତୀ ମହାପାତ୍ରଙ୍କଚ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀମତୀ ସଞ୍ଜିତା ମହାପାତ୍ର ନିଜର ଅସମ୍ଭବ ଚେଷ୍ଟା ଓ ମାନସିକ ଦୃଢତା ଦ୍ୱାରାଏହି ବିରାଟ ସଫଳତାର ଅଧିକାରିଣୀ ଯାହାକି ଆଗାମୀ ଦିନରେ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଯୋଗାଇବ । ମନ୍ତ୍ରୀ ଶ୍ରୀ ପଣ୍ଡା ସଞ୍ଜିତାଙ୍କୁ ଆଶୀର୍ବାଦ କରିବା ସଙ୍ଗେ ସଙ୍ଗେ କିଭଳି ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ହୁଏ ପରାମର୍ଶ ଦେଇଥିଲେ । ବିଶ୍ୱ ମହାମାରୀ ସମୟରେ ସମସ୍ତ ସରକାରୀ ନିୟମ ଅନୁଯାୟୀ ମାସ୍କ ଓ ସାମାଜିକ ଦୂରତା ପାଳନ କରଯିବା ଏବଂ ସ୍ୱେଚ୍ଛାକୃତ ପ୍ଲାଜମା ଦାନ କରିବାକୁ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଫନ୍ ଆଣ୍ଡ ଫିଟ୍‌ନେସ୍ କ୍ଲବର ସଦସ୍ୟମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଅଜିତ ପ୍ରସାଦ ସାହୁ, ଉପସଭାପତି ସୁଧାକର ଷଡ଼ଙ୍ଗୀ, ପ୍ରଫୁଲ୍ଲ ବେହେରା, ଅଜୟ ଦାସ,ମାନସୀ ସୁନ୍ଦରାୟ, କୌସ୍ତଭ ଦାସ ଏବଂ ସଭାପତି କେଦାରା ପଟ୍ଟନାୟକ ପରିଚାଳନା କରିଥିଲେ ।

## ପ୍ରଦେଶ କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ୭୬ ତମ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୨।୮ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ, ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ୭୬ତମ ଜନ୍ମ ଜୟନ୍ତୀ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତୃବୃନ୍ଦ ରାଜୀବ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସମସ୍ତ ନେତୃବୃନ୍ଦ ସ୍ୱର୍ଗତଃ ଗାନ୍ଧୀଙ୍କୁ ଏକ ମହାମାନବୀୟ ଚିନ୍ତାଧାରାର ଜ୍ୱଳନ୍ତ ଉଦାହରଣ କହି ନିଜ ନିଜର ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ହେମାନନ୍ଦ ବିଶ୍ୱାଳ, ରାମଚନ୍ଦ୍ର ଖୁଂଟିଆ, ଜୟଦେବ ଜେନା, ଶରତ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, କିଶୋର ଜେନା, ମନୋରଞ୍ଜନ ଦାଶ, ରଶ୍ମି ମହାପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶ୍ୱଜିତ୍ ଦାସ, ବିପିନ୍ ଦାସ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ଲିଙ୍ଗରାଜ ସାହୁ, ଦୀପକ ସାହୁ, ଜ୍ୟୋତିଷ ସାହୁ, ପ୍ରଣତି ମିଶ୍ର, ପ୍ରକାଶ ମିଶ୍ର, ଦୀପକ ମହାପାତ୍ର, ସୁଶାନ୍ତ ତ୍ରିପାଠୀ, ଜୟକୃଷ୍ଣ ମଲିଆ, ମନୋଜ କୁମାର ସାହୁ, ସୁବାସ ପ୍ରଧାନ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କିଷାନ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ କଂଗ୍ରେସ ଭବନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମହିଳା ଉତ୍ପାଦକ ଗୋଷ୍ଠୀର ଗଠନ ଏବଂ କାର୍ଯ୍ୟକାରିତା ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ ଶିବିର

ଭଦ୍ରକ, ୨୨ ଅଗଷ୍ଟ (ହି.ସ.)- କୋଭିଡ-୧୯ ଘରୋଇ ତଥା ଗ୍ରାମୀଣ ଭାରତର ଆର୍ଥିକ ଜୀବନକୁ ବହୁତ ପ୍ରଭାବିତ କରିଛି । ସମଗ୍ର ଭାରତରେ ସ୍ୱୟଂ ସହାୟକ ଗୋଷ୍ଠୀ, ଯେଉଁମାନେ ନିଜ ପରିବାର ଏବଂ ସମାଜର କଲ୍ୟାଣ ପାଇଁ ଅତିରିକ୍ତ ରୋଜଗାର କରିବାକୁ ସଂଘର୍ଷ କରୁଛନ୍ତି, ସେମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି । ପ୍ରତ୍ୟେକ କାର୍ଯ୍ୟକଳାପ ଯେପରିକି; ନିକଟସ୍ଥ ବଜାରରୁ କଂଚାମାଲ ସଂଗ୍ରହ, ଉତ୍ପାଦନ ଏବଂ ମାର୍କେଟିଂ ପାଇଁ ସଦସ୍ୟଙ୍କ ଯୋଗଦାନ ମହାମାରୀ ହେତୁ ବାଧାପ୍ରାପ୍ତ ହୋଇଛି । ଆଦାନୀ ଧାମରା ବନ୍ଦରର ନିକଟବର୍ତ୍ତୀ ଅଂଚଳରେ ଆଦାନୀ ଫାଉଣ୍ଡେସନ୍ ଦ୍ୱାରା ୨୦୧୯-୨୦ ମସିହାରେ ସଂଗଠିତ ହୋଇଥିବା ଦୁଇଟି ମହିଳା ଉତ୍ପାଦକ ଗୋଷ୍ଠୀ ମଧ୍ୟ ଏହି ମହାମାରୀର ପ୍ରଭାବ ହେତୁ ମୁଖ୍ୟ ସ୍ରୋତରୁ ବିଚ୍ଛିନ୍ନ ହୋଇଛନ୍ତି । ଏହି ଗୋଷ୍ଠୀର ଉତ୍ସାହ, ବିଶ୍ୱାସ ଏବଂ ଶକ୍ତିକୁ ପୁନଃଜୀବିତ କରିବା ପାଇଁ ଗତ ଅଗଷ୍ଟ ୧୯ ତାରିଖରେ ଆଦାନୀ ଫାଉଣ୍ଡେସନ୍‌ର ସହଯୋଗରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଶାଖା ଓଡ଼ିଶା ଜୀବିକା ମିଶନ ପକ୍ଷରୁ କୋଇଥଖୋଲା ଗ୍ରାମ ପଂଚାୟତର ଗୌରପ୍ରସାଦ ଗ୍ରାମରେ ମହିଳା ଉତ୍ପାଦକ ଗୋଷ୍ଠୀର ଗଠନ ଏବଂ କାର୍ଯ୍ୟକାରିତା ଉପରେ ଏକ ଦିନିକିଆ ପ୍ରାରମ୍ଭିକ ତାମିଲ ଶିବିର ଆୟୋଜନ କରାଯାଇଥିଲା । ଗୌରପ୍ରସାଦ ଏବଂ ପୂର୍ଣ୍ଣପ୍ରସାଦ ଗ୍ରାମରୁ ଛତୁ ଉତ୍ପାଦନରେ ନିୟୋଜିତ ମହିଳା ଉତ୍ପାଦକ ଗୋଷ୍ଠୀର ୬୦ ସଦସ୍ୟା ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ ଏବଂ ଏହି କରୋନା ସମୟରେ ସମ୍ମୁଖୀନ ହୋଇଥିବା ଆହ୍ୱାନଗୁଡିକର ଅଭିଜ୍ଞତା ପ୍ରକାଶ କରିଥିଲେ । ଏହି ପ୍ରଶିକ୍ଷଣରେ ଉତ୍ପାଦକ ଗୋଷ୍ଠୀର ଗଠନ ଏବଂ କାର୍ଯ୍ୟକାରିତା, କାର୍ଯ୍ୟନିର୍ବାହୀ ସଦସ୍ୟ ଓ ଉତ୍ପାଦକ ଗୋଷ୍ଠୀ ସଦସ୍ୟାମାନଙ୍କ ଭୂମିକା ଏବଂ ଦାୟିତ୍ୱ, ବ୍ୟବସାୟ ମୌଳିକତା, ଯୋଜନା, ପୁସ୍ତକ ଏବଂ ରେକର୍ଡ ରଖିବା ଆଦି ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ୨୦୧୯ରେ ଆଦାନୀ ଫାଉଣ୍ଡେସନ୍ ଦ୍ୱାରା ଗଠିତ ଏହି ମହିଳା ଉତ୍ପାଦକ ଗୋଷ୍ଠୀ ୩୪ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ଛତୁ ଚାଷ କରି ପରିବାର ପିଛା ୩,୦୦୦ ଟଙ୍କା ଆୟ କରିବାରେ ସକ୍ଷମ କରିଛି ।

## ମହାତ୍ମା ଗାନ୍ଧୀ ନିଯୁକ୍ତି ଯୋଜନାରେ ଶ୍ରମିକଙ୍କୁ ମିଳୁନି ମଜୁରି: ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା, ୨୨ ଅଗଷ୍ଟ (ହି.ସ.)- ମହାତ୍ମାଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ କାମ କରୁଥିବା ଶ୍ରମିକ ମାନଙ୍କୁ ପାରିଶ୍ରମିକ ମିଳି ନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ବ୍ଲକ ଅଧିନ ସାନମାଣତିଆ ଗ୍ରାମ ପଂଚାୟତର ଶ୍ରମିକ ମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ସେହି ଗ୍ରାମ ପଂଚାୟତରେ ପ୍ରାୟ ୬୯ ଜଣ ଶ୍ରମିକ ଗତ ଜୁନ ୪ ତାରିଖ ଠାରୁ ଜୁଲାଇ ୨୨ ତାରିଖ ପର୍ଯ୍ୟନ୍ତ କାଚରାପଡିଆ ଗଙ୍ଗା ଠାରୁ ଚୁଳିଆ ହୁଙ୍କା ପର୍ଯ୍ୟନ୍ତ ମାଟିବନ୍ଧ ତିଆରି କାମରେ ନିଯୁକ୍ତ ହୋଇଥିଲେ । ଦୀର୍ଘଦିନ ବିତିଥିଲେ ମଧ ଏହି ଶ୍ରମିକ ମାନଙ୍କୁ କାମ କରିଥିବା ଦିନ ଗୁଡିକର ପ୍ରାପ୍ୟ ମିଳିନାହିଁ ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଗ୍ରାମର ଅଶୋକ ଖଟୁଆ, ବିଚିତ୍ରାନନ୍ଦ ଖଟୁଆ, ବାବାଜୀ ଚରଣ ସାମଲ, ପବିତ୍ର ଖଟୁଆ ଓ ପ୍ରଶାନ୍ତ ସେଠୀ ପ୍ରମୁଖ ଅଭିଯୋଗ କରିଛନ୍ତି ।

## ମେଧାବୀ ଛାତ୍ରଙ୍କୁ ସହାୟତାର ହାତ ବଢାଇଲା କାଂଚନ ଫାଉଣ୍ଡେସନ

ଭୁବନେଶ୍ୱର,୨୨।୮ (ନି.ପ୍ର): ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଶ୍ରୀ ବକେଶ୍ୱର ଉଚ୍ଚ ବିଦ୍ୟାଳୟର ସୁନୀଲ ଖୁଂଟିଆ ଜଣେ ଗରିବ ମେଧାବୀ ଛାତ୍ର । ଚଳିତବର୍ଷ ମେଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡ୍‌ରେ ଉତୀର୍ଣ୍ଣ ହେବା ସହ ବିଦ୍ୟାଳୟରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି । ଉଚ୍ଚଶିକ୍ଷା ପରେ ଭବିଷ୍ୟତରେ ବ୍ୟାଙ୍କ ପରିଚାଳକ ହେବେ ବୋଲି ଆଶା ରଖିଛନ୍ତି ସୁନୀଲ । ହେଲେ ଗରୀବ ପଣିଆ ଦାଉ ସାଜିଛି ସନୀଲଙ୍କ ଉପରେ । ପିତା ପ୍ରାଣକୃଷ୍ଣ ଜଣେ ଗରିବ କୃଷକ । ଘରଡ଼ିହକୁ ବାଦ ଦେଲେ ଅଧିକ ସମ୍ବଳ ତାଙ୍କ ପାଖରେ ନାହିଁ । ଏପରି ପରିସ୍ଥିତିରେ ପୁଅକୁ ଉଚ୍ଚଶିକ୍ଷା ପଢାଇବାକୁ ପ୍ରାଣକୃଷ୍ଣଙ୍କ ପକ୍ଷେ ସାତ ସପନ । ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସୁନୀଲଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସହଯୋଗର ହାତ ବଢାଇଛି ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାଂଚନ ଫାଉଣ୍ଡେସନ ଟ୍ରଷ୍ଟ । ଫାଉଣ୍ଡେସନର ପ୍ରମୁଖ ଉପଦେଷ୍ଟା ତଥା ସମାଜସେବୀ ଶୁଭ୍ରଜିତ ଜେନା ଏବଂ ଆଦର୍ଶ ଶିକ୍ଷକ ନାରାୟଣ ବେହେରା ସୁନୀଲଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ଏହି ସମୟରେ ଫାଉଣ୍ଡେସନର ସଭାପତି ରଞ୍ଜନ କୁମାର ମହାପାତ୍ର, ଉପସଭାପତି ବିଶ୍ୱଜିତ ସାମନ୍ତରାୟ ଏବଂ ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜଗତସିଂହପୁର ବିଲୁଆଖାଇ ସେତୁ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୮ (ନି.ପ୍ର): ଜଗତସିଂହପୁରର ବିଲୁଆଖାଇ ନଦୀ ଉପରେ ଏକ ବୃହତ ସେତୁ କୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି । ଏହାସହ ଜିଲ୍ଲାରେ ଏକ ମାତୃ ଓ ଶିଶୁ ଚିକିତ୍ସାଳୟ ପାଇଁ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ କୋଭିଡ ଯୁଦ୍ଧରେ ଜୀବନ ପାଇଁ ଚାଲିଥିବା ଲଢେଇ ସହିତ ଲୋକଙ୍କ ଜୀବିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ରାଜ୍ୟରେ ସବୁ କ୍ଷେତ୍ରରେ ବିକାଶ ପ୍ରକ୍ରିୟାକୁ ଜୋରଦାର କରାଯିବ । ସଡକ, ସେତୁ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ଲୋକଙ୍କ ପାଇଁ ଜୀବିକା ସୃଷ୍ଟି କରାଯିବ ।

ଜଗତସିଂହପୁରର ଶଂଖାରୀ ସାହି ନିକଟରେ ବିଲୁଆଖାଇ ନଦୀ ଉପରେ ୬୧.୪୨ କୋଟି ଟଙ୍କା ବ୍ୟୟରେ ଏକ ବୃହତ ସେତୁ ନିର୍ମାଣ କରାଯାଇଛି । ୨୦୧୬ ଅକ୍ଟୋବରରେ ଏହାର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ସେତୁ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟକୁ କଟକ ବାଇଶମୌଜା ସହିତ ସିଧାସଳଖ ଯୋଡିବା ସହିତ ଜଗତସିଂହପୁରରୁ ଭୁବନେଶ୍ୱରର ଦୂରତ୍ୱ ବହୁତ ପରିମାଣରେ କମିଯିବ । ସେହିପରି ଶିଳାନ୍ୟାସ କରାଯାଇଥିବା ୧୦୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ଚିକିତ୍ସାଳୟରେ ପାଇଁ ୧୬.୨୮ କୋଟି ଟଙ୍କା ବିନିଯୋଗ କରାଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ନିର୍ମାଣ ହେବାକୁ ଥିବା ଆଇସିୟୁରେ ୧୦ଟି ଶଯ୍ୟା ରହିବ । ଏଥିପାଇଁ ୨.୨୯ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଜିଲ୍ଲାର ମା ଓ ଶିଶୁ ମାନଙ୍କ ଚିକିତ୍ସା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜଗତସିଂହପୁର ଜିଲ୍ଲା ରାଜ୍ୟର ଏକ ଆଗୁଆ ଜିଲ୍ଲା ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଏହାର ସୁନାମ ରହିଛି । ବିଜୁବାବୁ ଏଠାରେ ପାରାଦୀପ ବନ୍ଦର ନିର୍ମାଣ କରି ବିକାଶ ଧାରା ଆରମ୍ଭ କରିଥିଲେ । ଆଜିର ଏହି ଦୁଇଟି ପ୍ରକଳ୍ପ ଜଗତସିଂହପୁରର ବିକାଶ କ୍ଷେତ୍ରରେ ଏକ ନୂଆ ଧାରା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରକୁ ସେ ସବୁବେଳେ ପ୍ରାଥମିକତା ଦେଇ ଆସିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୭୦ ଲକ୍ଷରୁ ଅଧିକ ପରିବାରକୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମିକୁ ଦୃଢ କରାଯାଉଛି । ଓଡିଶା ଖୁବ ଶୀଘ୍ର ପୂର୍ବ ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ପ୍ରତିଷ୍ଠା ଲାଭ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କୋଭିଡ ଯୁଦ୍ଧରେ ଓଡିଶା ବହୁତ ଭଲ ପ୍ରଦର୍ଶନ କରୁଛି ଏବଂ ଜଗତସିଂହପୁର ଜିଲ୍ଲା ମଧ ଏ କ୍ଷେତ୍ରରେ ଭଲ କାମ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜନସାଧାରଣଙ୍କ ସହଯୋଗ ଓ କରୋନା ଯୋଦ୍ଧାଙ୍କ ତ୍ୟାଗ ଯୋଗୁ ଏ ଯୁଦ୍ଧରେ ଓଡିଶା ନିଶ୍ଚିତ ବିଜୟ ଲାଭ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ । ଜିଲ୍ଲାର ସମସ୍ତ କୋଭିଡ ଯୋଦ୍ଧା, ନିର୍ବାଚିତ ପ୍ରତିନିଧି, ପଂଚାୟତିରାଜ ଅନୁଷ୍ଠାନ ଗୁଡିକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇସ୍ପାତ, ଖଣି ଓ ପୂର୍ତ୍ତମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଥିଲେ ଯେ ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ଜଗତସିଂହପୁର ଜିଲ୍ଲାରେ ବିକାଶ ପ୍ରକ୍ରିୟା ଆହୁରି ମଜବୁତ ହେବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ ଦାସ କହିଥିଲେ ଯେ ଓଡିଶାରେ ମା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମାତୃ ଓ ଶିଶୁ ମୃତ୍ୟୁ ହାର ମଧ ଅନେକ ପରିମାଣରେ ହ୍ରାସ ପାଇଛି । ଜଳସଂପଦ ତଥା ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଥିଲେ ଯେ ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ଜଗତସିଂହପୁର ବିକାଶ ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଛି । ଅନ୍ୟ ମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି ସେମାନଙ୍କର ବ୍ୟକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ ସଚିବ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

# ବର୍ଷାପାଣି ନିଷ୍କାସନରେ ବାଧକ : ୨ ବିଧାୟକଙ୍କ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର,୨୨।୮(ନିପ୍ର): ଜଳେଶ୍ୱରରୁ ଚନ୍ଦନେଶ୍ୱର ରାସ୍ତାକୁ ୫୭ ନଂ ରାଜ୍ୟ ରାଜପଥ ଘୋଷଣା ହୋଇଥିବା ବେଳେ ରାସ୍ତାର ୨ ପଟେ ସରକାରୀ ସ୍ଥାନ ଅବରୋଧ ଯୋଗୁଁ ଜଳ ନିଷ୍କାସନ ହୋଇପାରୁନଥିବାରୁ ନିକଟସ୍ଥ ଗ୍ରାମ ପାଣିରେ ବୁଡି ରହିଛି । ଜଳେଶ୍ୱର ତହସିଲଦାର ସଦଳବଳେ ନାମ୍ପୋ ଯାଇ ଉଚ୍ଛେଦ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ହୋଇପାରିନଥିଲା । ଅନ୍ୟପକ୍ଷରେ ଜଳେଶ୍ୱର ଓ ଭୋଗରାଇ ବିଧାୟକ ଜଳନିଷ୍କାସନ ଲାଗି ପଥ ପରିଷ୍କାର କରିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜଳେଶ୍ୱରରୁ ଚନ୍ଦନେଶ୍ୱରଯାଏ ମାତ୍ର ୩୭ କିମି. ରାସ୍ତା ପୂର୍ତ୍ତବିଭାଗ ଅଧିନରେ ରହିଛି । ଭୋଗରାଇର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ କୁମାର ଦାସ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଆଜି ବିଭିନ୍ନ ଅଂଚଳ ଗସ୍ତ କରି ୫୭ ତମ ରାଜ୍ୟରାଜପଥର ୨ କଡରେ ଅବରୋଧ ହୋଇଥିବା ଯୋଗୁଁ ବର୍ଷାପାଣି ନିକଟସ୍ଥ ଗ୍ରାମରେ ପଶିବା ଓ ବିସ୍ତିର୍ଣ୍ଣ ଅଂଚଳ ଜଳମଗ୍ନ ହୋଇଥିବା ଦେଖିଥିଲେ । ଏ ସଂପର୍କରେ ସେ ସ୍ଥାନୀୟ ତହସିଲଦାର, ପୂର୍ତ୍ତବିଭାଗ ଉଚ୍ଚ କର୍ମକର୍ତ୍ତା ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଶେଷ କରି ଜଳେଶ୍ୱର ହାଇୱେ ଅଣ୍ଡରପାସ୍ ବାର୍‌ହାଗଡିଆ ର ଅନତି ଦୂରରେ ପୂର୍ତ୍ତବିଭାଗ ସ୍ଥାନରେ ନିର୍ମାଣ ହୋଇଥିବା ବିରାଟ ପକ୍କାଗୃହ, ଭୁରୁକୁଣ୍ଡା ଠାରେ ନିର୍ମାଣ ଚାଲିଥିବା ଦୋକାନ ଘର, ସୁଗୋ ବଜାର, ନାମ୍ପୋ ବଜାର, କମର୍ଦ୍ଦା ବଜାର, ଥାନାଛକ ଇତ୍ୟାଦି ସ୍ଥାନରେ ଉଚ୍ଛେଦ କରିବାକୁ ସେମାନେ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଜଳେଶ୍ୱର ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ପଣ୍ଡା, ପୁଲିସ୍ ଇତ୍ୟାଦି ନାମ୍ପୋଠାରେ ହୋଇଥିବା ଅବରୋଧ ସ୍ଥାନକୁ ଯାଇଥିଲେ । କିନ୍ତୁ ବହୁ ଯୁକ୍ତି ତର୍କ ଓ ବାଦାନୁବାଦ ପରେ ଉଚ୍ଛେଦ ହୋଇନପାରିବାରୁ ପ୍ରଶାସନ ଫେରିଥିବା ଜଣାଯାଇଛି । ପ୍ରତିବର୍ଷ ବର୍ଷା ହେଲେ ଏପରି ରାସ୍ତାକଡ ଅବରୋଧ ଯୋଗୁଁ ଜନସାଧାରଣ ହିନସ୍ତା ହେଉଥିବା ବେଳେ ପ୍ରଶାସନ ନାମକୁମାତ୍ର ବର୍ଷାବେଳେ ଅସ୍ଥାୟୀ ଜଳନିଷ୍କାସନର ବ୍ୟବସ୍ଥା କରି ଚୁପ ରହୁଛନ୍ତି । ସ୍ଥାୟୀ ଜଳନିଷ୍କାନସ ଲାଗି ଦାବି ହୋଇ ଆସୁଛି ।

## ପାଠପଢିବାକୁ ଆର୍ଥିକ ସହାୟତା ଓ ମାନପତ୍ର ପ୍ରଦାନ

କନ୍ଧମାଳ,୨୨ ଅଗଷ୍ଟ (ହି.ସ.)- ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କନ୍ଧମାଳ ଜିଲ୍ଲାର ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ମିନାକ୍ଷୀ ମଲ୍ଲିକଙ୍କୁ ଓଡିଶା କୁଇ ଭାଷା ସାହିତ୍ୟ ସମିତି କନ୍ଧମାଳ ଶାଖାର ସଦସ୍ୟ ପ୍ରଦୀପ କହଁର କହଁର ଓ କୁଇ ସଂସ୍କୃତି ପରିସଦ ଭୁବନେଶ୍ୱର ସଭାପତି ପ୍ରତାପ କୁମାର ପ୍ରଧାନ ତାଙ୍କର ଗୋଇବନ୍ଧରେ ଥିବା ଘରେ ପହଂଚି ତାଙ୍କର ଶିକ୍ଷାରେ ସହାୟତା ପାଇଁ ଏକଲକ୍ଷ ଦସ ହଜାର ଏକ ଶହ ଏକ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି । ରାଜ୍ୟ କୁଇ ଭାଷା ସାହିତ୍ୟ ସମିତି କନ୍ଧମାଳ ଶାଖାର କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କହଁର ଓ ଭୁବନେଶ୍ୱର କୁଇ ଭାହା ସଂସ୍କୃତି ପରିଷଦର ସଭାପତି ପ୍ରତାପ କୁମାର ପ୍ରଧାନ ମିନାକ୍ଷୀଙ୍କ ଘରେ ପହଂଚି ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ୯୨.୬୬ ପ୍ରତିଶତ ୫୫୬ ମାର୍କ ରଖି ଜିଲ୍ଲାରେ ମାଟ୍ରିକ୍ ରିଜଲ୍ଟରେ ଟପ୍ପର ହୋଇଥିବାରୁ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିବା ସହିତ ମିନାକ୍ଷୀଙ୍କ ପରିବାରର ଅର୍ଥିକ ସ୍ୱଚ୍ଛଳତା ନଥିବାରୁ ଜିଲ୍ଲାର ଜଣେ ଆଦିବାସୀ ପ୍ରତିଭାକୁ ଆଗକୁ ଆଣିବାକୁ ଏବଂ ତାଙ୍କର ଉଚ୍ଚ ଶିକ୍ଷା ପାଇଁ ଉଭୟ ଅନୁଷ୍ଠାନ ପକ୍ଷରୁ ଏକ ଲକ୍ଷ ଦସ ହଜାର ଶହେ ଏଗାର ଟଙ୍କାର ଏକ ଚେକ୍ ପ୍ରଦାନ କରିବା ସହିତ ମିନାକ୍ଷୀଙ୍କୁ କନ୍ଧମାଳ ଜିଲ୍ଲାର କ.ନୁଆଗାଁ ବ୍ଲକ ଅନ୍ତର୍ଗତ ମହାସିଙ୍ଗି ପଂଚାୟତର ଗୋଇବନ୍ଧ ଭଳି ଏକ ଆଦିବାସୀ ଅଧ୍ୟୁସିତ ଗ୍ରାମରୁ ଯାଇ ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ଜାଲେସପଟାରେ ଥିବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଥିବା ସେବାଶ୍ରମରେ ରହି ପାଠ ପଢି ଏହି କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ପ୍ରଶଂସା କରିଛନ୍ତି । ତେବେ କରୋନା ସଂକ୍ରମଣକୁ ଯୋଗୁଁ କୁଇ ଭାଷା ସାହିବତ୍ୟ ସମିତି କନ୍ଧମାଳର ସଭାପତି ଦିନବନ୍ଧୁ କହଁର ଓ ସମ୍ପାଦକ ଡା.ନୀରଦ ଚନ୍ଦ୍ର କହଁରଙ୍କ ଅନୁପସ୍ଥିତିରେ ସଦସ୍ୟ ପ୍ରଦୀପ କୁମାର କହଁର ଯୋଗ ଦେଇ ଏହି କାର୍ଯ୍ୟକୁ ରାଜ୍ୟ ସମିତି ତରଫରୁ ସମ୍ପାଦନ କରିଥିଲେ । ତେବେ ଆଗକୁ ଏହି ଉଭୟ ଅନୁଷ୍ଠାନ ଜିଲ୍ଲାରେ ଥିବା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସହାୟତା କରିବା ସହିତ ସେମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ପ୍ରଦୀପ କୁମାର କହଁର କହିଛନ୍ତି ।

## କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ କୋଭିଡ୍ ସମୀକ୍ଷା

ପୁରୀ,୨୨।୮ (ନି.ପ୍ର): ପୁରୀ ଜିଲାରେ ଏବେ କରୋନା ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏବେ ଜିଲାର ଆକ୍ରାନ୍ତ ଙ୍କ ସଂଖ୍ୟା ପ୍ରାୟ ୨ ହଜାର ୩ ଶହ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧ ହଜାର ଆକ୍ଟିଭ୍ କେସ ରହିଛି । ଜିଲାରେ ୨୩୦୦ ଆକ୍ରାନ୍ତ ଙ୍କ ମଧ୍ୟରୁ ପୁରୀ ସହରରେ ପ୍ରାୟ ୮୦୦ ଆକ୍ରାନ୍ତ ରହିଥିବା ବେଳେ ୪୦୦ ଆକ୍ଟିଭ୍ କେସ ରହିଛି । ଗତକାଲି ପୁରୀର ସ୍ଥିତି ସମୀକ୍ଷା କରିଛନ୍ତି କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଅନିଲ୍ କୁମାର ସାମଲ । ପୁରୀ ଜିଲାପାଳ ରୋଗୀ ସଂକ୍ରମଣ ଓ ଏହାର ନିରାକରଣ ପଦକ୍ଷେପ ଉପରେ ଆରଡିସି ଙ୍କୁ ଅବଗତ କରାଇଥିଲେ । ତେବେ ସଂକ୍ରମଣ ସଂଖ୍ୟା କିପରି କମିପାରିବ ସେ ନେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ଆରଡିସି କହିବା ପରେ ଜିଲାପାଳ ଭିଡିଓ କନଫରେନ୍ସ ଜରିଆରେ ପୁରୀ ଜିଲାର ସମସ୍ତ ବିଡିଓ, ମେଡିକାଲ ଅଫିସର , ତହସିଲଦାର ଓ ଥାନା ଅଧିକାରୀ ଙ୍କ ସହ ଜିଲାର କୋଭଡ୍ ସ୍ଥିତି ମ୍ୟାନେଜମେଂଟ , ହୋମ ଆଇସୋଲେସନ , ଆରଆରଟି ଟିମ ପରିଦର୍ଶନ, କୋଭଡ୍ କେୟାର ହୋମ ଓ ସଂକ୍ରମଣ ପରିପେକ୍ଷୀରେ ଆଇନ ଶୃଙ୍ଖଳା ରଖିବା ଉପରେ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକ ରେ ଏଡିଏମ, ଡିଆରଡିଏ. ପ୍ରକଳ୍ପ ନଦେର୍ଶକ, ସିଡିଏମଓ ଓ ଅତିରିକ୍ତ ଏସପି ଉପସ୍ଥିତ ଥିଲେ ।

# ୭୭ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ସଂଖ୍ୟା ୨ ହଜାର ଟପିଲା

ଭଦ୍ରକ,୨୨।୮ (ନି.ପ୍ର): ଆଜି ଆଉ ୭୭ଜଣ କରୋନା ଆକ୍ରାନ୍ତ ସମଗ୍ର ଭଦ୍ରକ ଜିଲ୍ଲାରୁ ଚିହ୍ନଟ ହୋଇଛନ୍ତି। ଯାହା ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨ହଜାର ପାର ହୋଇ ୨୦୦୭ରେ ପହଞ୍ଚିଛି। ଇତି ମଧ୍ୟରେ ମୋଟ ୩୯ହଜାର ୫୧୬ଜଣଙ୍କ ନମୁନା ପରୀକ୍ଷା ପରେ ଏହି ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୋଟ ୧୦୮୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଏବେ ଆକ୍ଟିଭ ଆକ୍ରାନ୍ତ ଭାବେ ୯୧୭ଜଣ ଚିକିତ୍ସାଧିନ ରହିଛନ୍ତି। ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଜଣେ କ୍ୱାରେଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଛନ୍ତି ଏବଂ ବାକି ୭୬ଜଣ ଲୋକାଲ କଣ୍ଟାକ୍ଟ। ଚିହ୍ନଟମାନେ ବାସୁଦେବପୁର ବ୍ଲକ କମାରଗାଁ ୟୁ.ପି. ସ୍କୁଲ ଟିଏମ୍ସିର ଜଣେ, ଧାମନଗର ବ୍ଲକ କଟସାହି ପଞ୍ଚାୟତର ଜଣେ ବ୍ୟକ୍ତି କଟକ ମେଡିକାଲରେ ଚିକିତ୍ସା ହେଉଥିବା ବେଳେ ଚିହ୍ନଟ ହୋଇଛନ୍ତି, ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତର ଜଣେ ସାବରମତୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଚିହ୍ନଟ ହୋଇଛନ୍ତି, ବାସୁଦେବପୁର ଇରମ ପଞ୍ଚାୟତର ଜଣେ କଟକ ବଡ ମେଡିକାଲରେ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଭଦ୍ରକ ପୌରପାଳିକାର ୬ ନଂ ୱାର୍ଡରୁ ୧୧ଜଣ, ୧ନଂ ୱାର୍ଡରୁ ଜଣେ, ୧୦ ନଂ ୱାର୍ଡରୁ ଜଣେ, ୧୧ ନଂ ୱାର୍ଡରୁ ୩ଜଣ, ୧୫ନଂ ୱାର୍ଡରୁ ୨ଜଣ, ୨୪ ନଂ ୱାର୍ଡରୁ ଜଣେ, ୫ ନଂ ୱାର୍ଡରୁ ୨ଜଣ, ୭ ନଂ ୱାର୍ଡରୁ ୨ଜଣ, ୯ ନଂ ୱାର୍ଡରୁ ୨ଜଣ, ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତରୁ ୩ଜଣ, କୁବେରାରୁ ଜଣେ, ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତରୁ ୧୨, ବନ୍ତ ପଞ୍ଚାୟତରୁ ୨ଜଣ, ଚାନ୍ଦବାଲି ବ୍ଲକ ମତୋ ପଞ୍ଚାୟତରୁ ୭ଜଣ, ଚାନ୍ଦବାଲି ଏନ୍ଏସି ଏନ.ଏସ. କଲୋନୀରୁ ୨ଜଣ, ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତରୁ ଜଣେ, ଭଦ୍ରକ ବ୍ଲକର ବାଉଦପୁର ପଞ୍ଚାୟତରୁ ଜଣେ, ବେନ୍ତାଳରୁ ଜଣେ, ବର୍ଣିଆରୁ ଜଣେ, କେଦାରପୁରରୁ ୨ଜଣ, ଏରେଇଁରୁ ଜଣେ, ଆମ୍ବରୋଳିରୁ ଜଣେ, ନଳାଙ୍ଗରୁ ଜଣେ, ବାଣିତିଆରୁ ଜଣେ, ଆର୍.ଏନ. ବେତରାରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତରୁ ଜଣେ, ଚାନ୍ଦବାଲି ବ୍ଲକ ଓଳଗ ପଞ୍ଚାୟତରୁ ଜଣେ, ଘଟପୁର ପଞ୍ଚାୟତରୁ ଜଣେ, ଧାମରାରୁ ଜଣେ, ଭୁଇଁବୃତିରୁ ଜଣେ, ତୋଟାପଡାରୁ ଜଣେ, ଖାଦଗାରଡିରୁ ଜଣେ, ଚାନ୍ଦବାଲି ଏନ୍ଏସି ସୋମପୁରରୁ ଜଣେ, ଧାମନଗର କୋଠାରରୁ ଜଣେ, ଗୋବିନ୍ଦପୁରରୁ ଜଣେ ଚିହ୍ନଟ ହୋଇଛନ୍ତି। ସଂପୃକ୍ତ ଅଞ୍ଚଳକୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହିଳାଙ୍କୁ ସଶକ୍ତ କରିବା...

ଗ୍ରାମାଂଚଳରେ ବଡ ପରିବର୍ତନ ଆଣିପାରିଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି କାରଣରୁ ଆଜି ଦେଶର ମାଆ ଓ ଭଉଣୀମାନେ ଶୌଚ ଏବଂ ଜାଳେଣୀ କାଠ ପାଇଁ ଜଙ୍ଗଲ ଉପରେ ନିର୍ଭର କରୁନାହାନ୍ତି । ନାରୀ ତୁ ନାରାୟଣୀ ଦୂରଦୃଷ୍ଟି ମାଧ୍ୟମରେ ସରକାର ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଓ ସ୍ୱଚ୍ଛ ଭାରତ ଯୋଜନା ଆରମ୍ଭ କରି ମହିଳାଙ୍କ ଜୀବନଶୈଳିରେ ପରିବର୍ତନ ଆଣିବା ସହ ସମ୍ମାନ ରକ୍ଷା କରିଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

### ରାଜ୍ୟରେ ଆଉ ୯...

ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ଜଣେ ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ସେପସିସ ରୋଗରେ ପୀଡିତ ଥିଲେ । ମାଲକାନଗିରି ଜିଲ୍ଲାର ଜଣେ ୫୩ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ରାୟଗଡା ଜିଲ୍ଲାର ହିଁ ଜଣେ ୫୧ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାର ଅନ୍ୟ ଜଣେ ୫୪ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ ।

### ଯୁବଯାଦବ ଓ ଧାମନଗର ଯାଦବ ...

ସମାଜସେବୀ ବିଶ୍ୱମ୍ଭର ଜେନା, ସଂଗଠକ ସୁରଜ କୁମାର ସାହୁ, ଚିତ୍ରଶିଳ୍ପୀ ପ୍ରଭାତ କୁମାର ଜେନା,ବ୍ଲକ ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା,ଶିକ୍ଷାବିତ ରମେଶ ଚନ୍ଦ୍ର ଦତ୍ତ,ସାମ୍ବାଦିକ ପ୍ରଦୀପ ମହାପାତ୍ର,ସରୋଜ ସେଠି,ମାନଗୋବିନ୍ଦ ଜେନା,ତୃପ୍ତି ସାହୁ,ବିକାଶ ସାହୁ ପ୍ରମୁଖଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଯାଦବ ନେତା ସତ୍ୟମୂର୍ତ୍ତି ବେହେରା,ଗୌରାଂଗ ଖିଲାର,ଲଲାଟେନ୍ଦୁ ଦାସ,ନାରାୟଣ ପୁଣ୍ଟିଆ,ଅଭିଜିତ ପୁଣ୍ଟିଆ,ସ୍ୱପ୍ନାଶିଷ ବୋଇତି,ପାପୁନ ପୋଥାଳ,ଶଶ୍ୱଧର ଦାସ,ଜଗତଜିତ ପୁଣ୍ଟିଆଜଗବନ୍ଧୁସାଗର ପାଢୀ,ପ୍ରମୁଖଙ୍କ ପରିଚାଳନାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଯାଦବ ନେତା ଜଗବନ୍ଧୁ ପଲେଇ ଙ୍କ ସଂଯୋଜନାରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ରବି ନାରାୟଣ ଖିଲାରଙ୍କ ନେତୃତ୍ୱରେ ସୁଗୋ, ଏଡତାଳ, ପଦ୍ମପୁର ପଂଚାୟତରେ ବିଶ୍ୱର ମହାମାରୀ କରୋନା ସଚେତନତା କରାଯାଇ ମାସ୍କ,ସାବୁନ ବିସ୍କୁଟ ବଣ୍ଟନ କରାଯାଇଥିଲା । କୋଲକତା ଯାଦବ ସଭାପତି ହରେକୃଷ୍ଣ ପଲେଇ,ସଂପାଦକ ସନ୍ତୋଷ ଦାସ,ସଂଯୋଜକ ଛାୟାକାନ୍ତ ପୁଣ୍ଟିଆ, ସରପଂଚ ମାନସୀ ନାୟକ, ବିରିଷ୍ଠ ଆଇନଜିବୀ ରାଜା ନାୟକ ,ସମିତି ସଭ୍ୟ ବନୋଜା ମହାପାତ୍ର ,ପ୍ରାକ୍ତନ ସରପଂଚ ବସନ୍ତ ନାୟକ, ପ୍ରମୁଖ ଯୋଗଦେଇ କରୋନା ସଂପର୍କିତ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## କରୋନା ସମ୍ପର୍କରେ ଏସସିବି ଓ ଏମସ୍‌ର ୱେବିନାର

ଭୁବନେଶ୍ୱର,୨୨।୮ (ନି.ପ୍ର): ଏସ୍‌ସିବି ମେଡିକାଲ କଲେଜ୍ ଓ ହସ୍ପିଟାଲ୍, କ ଟକ ଓ ଏମସ୍, ଭୁବନେଶ୍ୱର ଆନୁକୂଲ୍ୟରେ ସ୍ୱାୟବିକ ଚିକିତ୍ସା, ହୋମ୍ ଆଇସୋଲେସନ୍, ସମସ୍ତ କୋଭିଡ୍ ଓ ଅଣକୋଭିଡ୍ ହସ୍ପିଟାଲ୍ ଗୁଡ଼ିକରେ କ୍ଲିନିକାଲ୍ କେଶ୍ ଗୁଡ଼ିକ ସମ୍ବନ୍ଧୀୟ ଉପସ୍ଥାପନ, କର୍ପୋରେଟ ହସ୍ପିଟାଲ୍, ଇଏସ୍ଆଇ ହସ୍ପିଟାଲ୍ , ନର୍ସିଂ ହୋମ୍, ଡାକ୍ତରଖାନା, କ୍ଲିନିକ୍ ଓ ଆୟୁଷ ଚିକିତ୍ସା ସମ୍ବନ୍ଧୀୟ ଏକ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି ।

## ଚଳିତଆର୍ଥିକ ବର୍ଷରେ ରାଜ୍ୟ ଜଙ୍ଗଲ ବିଭାଗ ୬୦୨ କୋଟି ଟଙ୍କାର ବନ ପ୍ରକଳ୍ପ କାର୍ଯ୍ୟକାରୀ କରିବ- ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ଭୁବନେଶ୍ୱର,୨୨।୮ (ନି.ପ୍ର): ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ୬୦୨ କୋଟି ଟଙ୍କାର ବନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବ। ମହାତ୍ମା ଗାନ୍ଧୀ ନରେଗା ସଂଯୋଜନ କମିଟି ଦ୍ୱାରା ଏସବୁ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିଛି। ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ନରେଗା ସଂଯୋଜନ କମିଟି ଦ୍ୱାରା ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ୭୦ କୋଟି ଟଙ୍କା ବିନିଯୋଗ କରାଯାଇଥିଲା। ଚାରା ରୋପଣ, ଚାରା ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଚାରା ଉତ୍ପାଦନ, ମୃତିକା ଆର୍ଦ୍ରତା ସଂରକ୍ଷଣ, ଜଙ୍ଗଲ ଚତୁଃପାର୍ଶ୍ୱରେ ଟ୍ରେଂଚ ଖନନ, ମୂଲ୍ୟବାନ କାଠ ଉଦ୍ଧାର, ଜଙ୍ଗଲ ରାସ୍ତା ନିର୍ମାଣ ଆଦି ବନ ପ୍ରକଳ୍ପଗୁଡ଼ିକୁ ମହାତ୍ମା ଗାନ୍ଧୀ ନରେଗା ସଂଯୋଜନ କମିଟି ମଞ୍ଜୁରୀ ପ୍ରଦାନ କରିଥାଏ। ଚଳିତବର୍ଷ ପ୍ରଥମ ଥର ପାଇଁ ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ଜଙ୍ଗଲ ରାସ୍ତା ମରାମତି କାର୍ଯ୍ୟ ହାତକୁ ନିଆଯାଉଛି। ଚଳିତ ବର୍ଷ ଏହି ଯୋଜନାରେ ରାଜ୍ୟର ୪୦ହଜାର ହେକ୍ଟର ପରିମିତ ଅଂଚଳରେ ଚାରାରୋପଣ ଓ ୫ ହଜାର ଧାଡ଼ି କିଲୋମିଟର ବୃକ୍ଷରୋପଣ କାର୍ଯ୍ୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ସମସ୍ତ ହିତାଧିକାରୀମାନଙ୍କୁ ୩କୋଟି ୫୦ଲକ୍ଷ ସଂଖ୍ୟକ ଚାରା ବଂଟନ କରାଯିବ। ଅଗଷ୍ଟ ୧୫, ୨୦୨୦ ସୁଦ୍ଧା ରାଜ୍ୟରେ ୧୭ହଜାର ୩୪୦ ହେକ୍ଟର ପରିମିତ ଅଂଚଳରେ ଚାରାରୋପଣ, ୨ହଜାର ୬୮୭ଧାଡ଼ି କିଲୋମିଟର ବୃକ୍ଷରୋପଣ ଏବଂ ୫୮ ଲକ୍ଷ ଚାରା ବଂଟନ କାର୍ଯ୍ୟ ସମାପ୍ତ ହୋଇସାରିଛି। ସେହିଭଳି ୨୦୨୦-୨୧ ଆର୍ଥିକ ବର୍ଷରେ ଅଗଷ୍ଟ ୧୫, ୨୦୨୦ ସୁଦ୍ଧା ୬୫ କୋଟି ଟଙ୍କା ବିନିଯୋଗ ହୋଇସାରିଛି ଓ ୩୫ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇପାରିଛି। ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ବନପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ଜଙ୍ଗଲ ବିଭାଗ ସମୁଦାୟ ୮୬ କୋଟି ଟଙ୍କା ବିନିଯୋଗ କରିଥିଲା। ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ଜଙ୍ଗଲ ପରିସୀମା ବୃଦ୍ଧି, ଜୈବବିବିଧତା ଓ ଜୈବମଣ୍ଡଳର ସୁରକ୍ଷା ପାଇଁ ପଦକ୍ଷେପ ବ୍ୟତୀତ ଚଳିତ ବର୍ଷ କୋଭିଡ୍ ମହାମାରୀ ସମୟରେ ବିପୁଳ ସଂଖ୍ୟକ ପ୍ରବାସୀ ଶ୍ରମିକମାନଙ୍କୁ କାମଧନ୍ଦା ଓ ଜୀବିକା ଯୋଗାଇଦେବା ଦିଗରେ ରାଜ୍ୟ ଜଙ୍ଗଲ ବିଭାଗର ଅବଦାନ ବେଶ୍ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ ଆରୁଖ କହିଛନ୍ତି।

## ଭଦ୍ରକ ସାଂସଦ କରୋନା ପଜିଟିଭ୍

ଭଦ୍ରକ/ଭୁବନେଶ୍ୱର,୨୨।୮ (ନି.ପ୍ର): ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଟୁଇଟ୍ କରି ସେ ନିଜେ ଏହି ସୂଚନା ଦେଇଛନ୍ତି। ସେ ଟୁଇଟ୍ କରି ଲେଖିଛନ୍ତି, କରୋନାର ପ୍ରାରମ୍ଭିକ ଲକ୍ଷଣ ପ୍ରକାଶ ପାଇବା ପରେ,ମୁଁ ନିଜର ପରୀକ୍ଷା କରାଇଲି ଏବଂ ରିପୋର୍ଟ ପଜିଟିଭ୍ ଆସିଲା ।ମୋ ସ୍ୱାସ୍ଥ୍ୟ ଭଲ ଏବଂ ସ୍ଥିର ଅଛି ଏବଂ ମୁଁ ହୋମ୍ କ୍ୱାରେଂଟାଇନରେ ଅଛି। ମୁଁ ଅନୁରୋଧ କରୁଛି, ଯେଉଁମାନେ ଗତ କିଛି ଦିନ ମଧ୍ୟରେ ମୋ ସହିତ ଯୋଗାଯୋଗ ଏବଂ ସଂସ୍ପର୍ଶରେ ଆସିଛନ୍ତି ସେମାନେ ଦୟାକରି ନିଜକୁ ଅଲଗା ରଖନ୍ତୁ ଓ ନିଜର ପରୀକ୍ଷା କରାଇ ନିଅନ୍ତୁ।

## ରାଜଘାଟଠାରେ ସୁବର୍ଣ୍ଣରେଖା ସତର୍କସ୍ତର ନିକଟସ୍ତର : ଉପର ମୁଣ୍ଡରେ ବର୍ଷା, ବନ୍ୟା ସମ୍ଭାବନା

ଜଳେଶ୍ୱର,୨୨।୮(ନିପ୍ର) : ଲଘୁଚାପ ଜନିତ ବର୍ଷାଯୋଗୁଁ ବହୁ ବିଳମ୍ବରେ ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ଦେଖା ଦେଇଛି ପ୍ରଥମ ବନ୍ୟା । ସତର୍କସ୍ତରର ନିକଟତର ହୋଇଛି ରାଜଘାଟଠାରେ ନଦୀର ଜଳପତ୍ତନ । ଅନ୍ୟପକ୍ଷରେ ସୁବର୍ଣ୍ଣରେଖାରେ ବନ୍ୟା ଆସିବାପୂର୍ବରୁ ବିଭିନ୍ନ ଅଂଚଳ ଉଦ୍‌ବୃତ୍ତ ବର୍ଷାପାଣିଯୋଗୁଁ ବୁଡି ରହିଛି । ଆଜି ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ୯.୧୫ ମିଟର ଥିବା ବେଳେ ଏଠାରେ ସତର୍କସ୍ତର ୯.୪୫ ଓ ବିପଦ ସଂକେ ୧୦.୩୬ ମିଟର ଅଟେ । ଆଜି ଦିନରେ ନଦୀ ପ୍ରାୟ ୨ ମିଟର ଉଚ୍ଚତାରେ ବଢିଥିବା ବେଳେ ଏବେ ବଢିବାହାର କମିଛି । କିନ୍ତୁ ଉପର ମୁଣ୍ଡର କେତେକ ସ୍ଥାନରେ ବର୍ଷା ଲାଗିଥିବାରୁ ଆସନ୍ତାକାଲି ନଦୀରେ ବନ୍ୟା ସମ୍ଭାବନା ରହିଛି । ଗତ ୩ ଦିନ ଧରି ଘାଟଶିଳାରେ ୬୩ ମିମି, ଚାନ୍ଦିଲିରେ ୧୧୨ ମିମି, କରକାଇରେ ୮୫ ମିମି, ଜାମସେଦପୁରରେ ୧୫୯, ଆଦିତ୍ୟପୁରରେ ୯୧ ମିମି, ମୁରୀରେ ୩୮ ମିମି, ଫେକଘାଟରେ ୫୧ ମିମି, ଜାମଶୋଳାରେ ୬୭ ମିମି, ଗୋପିବଲ୍ଲଭପୁରରେ ୭୬ ମିମି ଓ ରାଜଘାଟରେ ୭୬.୫ ମିମି ବର୍ଷା ହୋଇଥିବା ସରକାରୀଭାବେ ଜଣାଯାଇଛି । ବର୍ଷାପାଣି ଏଠାରେ ପହଞ୍ଚିବାକୁ ଅନ୍ୟୁନ ୩୦ ଘଣ୍ଟା ଲାଗିଥାଏ । ତେଣୁ ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟା ଦେଖା ଦେଇଥିବାରୁ ଏବଂ ବିଭିନ୍ନ ତଳିଆ ଅଂଚଳ ବର୍ଷା ପାଣିରେ ବୁଡି ରହିଥିବାରୁ ପରିସ୍ଥିତି ଗମ୍ଭୀର ରହିଛି । ଏବେ ନଦୀକୁ ଲାଗିଥିବା ଖାଳ, ନାଳରେ ପାଣି ସମତଳ ଅଂଚଳକୁ ପ୍ରବାହିତ ହେଉଛି । ପୂର୍ବରୁ ବର୍ଷା ହେଉଥିଲେ ମଧ୍ୟ ନଦୀରେ ବନ୍ୟାପାଣି ନଥିବାରୁ ପର୍ଶ୍ଚିମବଂଗ ସହିତ ଉତ୍ତର ବାଲେଶ୍ୱରରେ ହୋଇଥିବା ବର୍ଷାପାଣି ସୁବର୍ଣ୍ଣରେଖାକୁ ଗଡି ଯାଉଥିଲା । ଆଜି ସକାଳଠାରୁ ନଦୀର ପାଣି ସମତଳ ଅଂଚଳକୁ ବହିଯାଉଥିବାରୁ ଧୋୟା ଅଂଚଳରେ ପାଣିସ୍ତର ବୃଦ୍ଧିପାଇବାରେ ଲାଗିଛି । ଏ ସବୁ ଘଟଣା ମୁଣ୍ଡ ବ୍ୟଥାର କାରଣ ହୋଇଛି ।

### ବଗଲା ଧର୍ମଶାଳା ବିକ୍ରି ପ୍ରସଙ୍ଗ

## ରାଜ୍ୟସରକାର ସାଜିଛନ୍ତି ପ୍ରପର୍ଟି ଡିଲର : ସମ୍ବିତ ପାତ୍ର

ଭୁବନେଶ୍ୱର, ୨୨ ଅଗଷ୍ଟ - ପୁରୀରେ ଥିବା ବଗଲା ଧର୍ମଶାଳାକୁ ରାଜ୍ୟସରକାର ଓ ଜିଲ୍ଲାପ୍ରଶାସନ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରିବା ଆରମ୍ଭ କରିଛନ୍ତି । କିନ୍ତୁ ଧର୍ମଶାଳା ଜମି ବିକ୍ରି ହୋଇପାରିବ ନାହିଁ ବୋଲି ଆଇନ ରହିଛି । ବିଶେଷ କରି ଦାନରେ ମିଳିଥିବା ସଂପତିକୁ ବିକ୍ରି କରାଯାଇ ପାରିବ ନାହିଁ । କିନ୍ତୁ ରାଜ୍ୟସରକାର ଗରିବ ତୀର୍ଥଯାତ୍ରୀଙ୍କ ଉଦ୍ଦେଶ୍ୟରେ ହୋଇଥିବା ଧର୍ମଶାଳାକୁ ଭାଙ୍ଗି ତୁଙ୍ଗ ନେତା ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ଖୁସ୍ କରିବା ପାଇଁ ମସୁଧା ଚଳାଇଛନ୍ତି ଏବଂ ଖୋଦ୍ ରାଜ୍ୟସରକାର ସାଜିଛନ୍ତି ପ୍ରପର୍ଟି ଡିଲର । ବେଆଇନ ଭାବେ କେଉଁ ଉଦ୍ଦେଶ୍ୟରେ ଏବଂ କାହା ସ୍ୱାର୍ଥରେ ଏଭଳି ଏକ ଐତିହାସିକ ଧର୍ମଶାଳାକୁବିକ୍ରିକରିବା ପାଇଁଷଡଯନ୍ତ୍ର ଚାଲିଛି ବୋଲି ରାଷ୍ଟ୍ରୀୟ ମୁଖପାତ୍ର ଶ୍ରୀ ସମ୍ବିତ ପାତ୍ର ରାଜ୍ୟସରକାରଙ୍କୁ ପ୍ରଶ୍ନ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଛନ୍ତି ଯେ, ୧୯୦୫ ମସିହାରେ ଗରିବ ଲୋକ ଏବଂ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀରେ ବଗଲା ଧର୍ମଶାଳା ନିର୍ମାଣ ହୋଇଥିଲା । କହ୍ନେଇ ଲାଲ ବଗଲା ଏହାକୁ ଦାନରେ ଦେଇଥିଲେ । ଏହି ଧର୍ମଶାଳାରେ ତୀର୍ଥଯାତ୍ରୀମାନେ ଅତି କମ୍ ଖର୍ଚ୍ଚରେ ରହଣୀ କରନ୍ତି। ପୁରୀ ବାସୀ ବିବାହ, ବ୍ରତ, ଶୁଦ୍ଧକ୍ରିୟା ଆଦି କାର୍ଯ୍ୟକ୍ରମ ଏହି ଧର୍ମଶାଳାରେ କରୁଥିଲେ । କିନ୍ତୁ ଏତେ ବଡ ଐତିହାସିକ ସ୍ଥାନକୁ ରାଜ୍ୟସରକାର ମାଟିରେ ମିଶାଇବା ପାଇଁ ଯେଉଁ ପ୍ରୟାସ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ । ବଗଲା ଧର୍ମଶାଳା ପୁରୀ ମ୍ୟୁନିସିପାଲିଟି ଅଧୀନରେ ଥିଲା କିନ୍ତୁ ରାତାରାତି ତାକୁ ରାଜସ୍ୱ ବିଭାଗକୁ ଅଣାଯାଇ ତାକୁ ୨୬ଟି ପ୍ଲଟିଂ କରାଯାଇଛି । ଯାହାକି ସଂପୂର୍ଣ୍ଣଭାବେ ବେଆଇନ । କାହା ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ ହୋଇଛି ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି । ପ୍ରସାଦ ଯୋଜନା ଅନୁଯାୟୀ ପୁରୀ ତୀର୍ଥସ୍ଥାନର ବିକାଶ ଏବଂ ତୀର୍ଥଯାତ୍ରୀ ମାନେ ରହିବା ପାଇଁ ବଗଲା ଧର୍ମଶାଳାକୁ ୨୦ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା । ଏନେଇ ଶ୍ରୀମନ୍ଦିର ପ୍ରଶାସନ, ଅଗ୍ନିଶମ ବିଭାଗ ଓ ପୁରୀ କୋଣାର୍କ ବିକାଶ ପରିଷଦ ଏନଓସି ପ୍ରଦାନ କରିଥିଲା । ଏହା ପରେ ବଗଲା ଧର୍ମଶାଳାରେ ଜଗନ୍ନାଥ ତୀର୍ଥନିବାସ ନିର୍ମାଣ ପାଇଁ ଆଇ.ଟି.ଡିସି ଟେଣ୍ଡର ନେଇ କାର୍ଯ୍ୟ ଆରମ୍ଭ କରିଥିଲା । ୩ କୋଟି ଟଙ୍କା ଖର୍ଚ୍ଚ ହେବା ପରେ କାହା ସ୍ୱାର୍ଥରେ ସେଠାରେ କାର୍ଯ୍ୟ ବନ୍ଦ କରାଯାଇ ପ୍ଲଟିଂ କରି ଜମି ବିକ୍ରି କରାଯାଉଛି । ଐତିହାସିକ ସ୍ଥଳକୁ ରାତାରାତି ପ୍ରପର୍ଟି ଡିଲିଙ୍ଗ କରି ବିକ୍ରି କରିବାର ଉଦ୍ଦେଶ୍ୟ କ'ଣ ? ୧୧୫ ବର୍ଷର ଧର୍ମଶାଳାକୁ ପ୍ଲଟିଙ୍ଗ କରି ଏଯାବତ୍ ୬ ଜଣ ଲୋକଙ୍କୁ ବିକା ସରିଲାଣି । ବଗଲା ଧର୍ମଶାଳାକୁ ନେଇ ଜଗନ୍ନାଥ ବସ୍ତିଆ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଗତ ବର୍ଷ ହାଇକୋର୍ଟ ଏନେଇ ସରକାରଙ୍କୁ ଜବାବତଲବ କରିବା ପରେ ରାଜ୍ୟସରକାର କୌଣସି ଉତର ରଖିନାହାଁନ୍ତି । ହାଇକୋର୍ଟକୁ ଅଣଦେଖା କରି ଜମି ପ୍ଲଟିଂ କରିବା ଏକ ଧର୍ତବ୍ୟ ଅପରାଧ । ପୁରୀ ଏକ ତୀର୍ଥସ୍ଥଳ ହୋଇଥିବାରୁ ୬୦ ହଜାର ଭକ୍ତ ରହିବା ପାଇଁ ବ୍ୟବସ୍ଥା କରିବାକୁ ମାନ୍ୟବର ସୁପ୍ରିମକୋର୍ଟ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟସରକାର ଏହା ନକରି ଯେଉଁ ଗୋଟିଏ ଧର୍ମଶାଳା ଥିଲା ତାକୁ ଭାଙ୍ଗି ବିକିବା ଆରମ୍ଭ କରିଛନ୍ତି ।

## କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଜଳେଶ୍ୱରରେ

### ବିକାଶଲାଗି ପ୍ରଶାସନୀକ ଆଲୋଚନା : ମୃତ ମାନସ ପାଠୀ ପରିବାରକୁ ସାନ୍ତ୍ୱନା

ଜଳେଶ୍ୱର,୨୨।୮(ନିପ୍ର) : ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଆଜି ଜଳେଶ୍ୱର ଗସ୍ତ କରି ବିଭିନ୍ନ ସମସ୍ୟା ସଂପର୍କରେ ପ୍ରଶାସନୀକ ସ୍ତରରେ ଆଲୋଚନା କରିଛନ୍ତି । ଡାକବଂଗଳା ପରିସରରେ ସେ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ବିଡିଓ ଦୀପ୍ତିରଂଜନ ସେଠୀ ଓ ଏସ୍‌ଡିପିଓ ଅଂକିତା କୁମ୍ଭାରଙ୍କୁ ନେଇ ବିଭିନ୍ନ ଯୋଜନା ସଂପର୍କରେ ଓ ଆଇନ୍ ଶୃଙ୍ଖଳା ସଂପର୍କରେ ଆଲୋଚନା କରିଥିଲେ । ପୂର୍ବତନ ଆଇଆଇସି ଧନେଶ୍ୱର ସାହୁଙ୍କ ସଂପର୍କରେ ବିଷଦ ଆଲୋଚନା ଓ ନାମ୍ପୋର ଜଣେ ଏଏନ୍ଏମ୍‌ଙ୍କୁ ଥାନା ଅଧିକାରୀଙ୍କ ବ୍ୟବହାର ସଂପର୍କରେ ମହିଳା ଜଣକ ଦେଇଥିବା ଅଭିଯୋଗ ସଂପର୍କରେ ଏସ୍‌ଡିପିଓଙ୍କୁ ପଚାରି ବୁଝିଥିଲେ । ସେହିପରି ମୃତ ବ୍ୟକ୍ତିମାନଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପୈଠ, ଆବାସ ଯୋଜନାର ଅଗ୍ରଗତି, ରୁରବାନ ଯୋଜନାର ମନ୍ଥର ଗତି ଇତ୍ୟାଦି ସଂପର୍କରେ ବିଡିଓଙ୍କ ମତାମତ ଲୋଡିଥିଲେ । ସେହିପରି ୫୭ ରାଜ୍ୟ ରାଜପଥ ନୟନଯୋରୀ ଅବରୋଧ, ଗୃହ ନିର୍ମାଣ ବନ୍ଦ କରିବା ସହିତ ନାମ୍ପୋଠାରେ ଜଳ ନିଷ୍କାସନର ନେଇ ଦେଖା ଦେଇଥିବା ଅଚଳାବସ୍ଥା ସଂପର୍କରେ ତହସିଲଦାରଙ୍କୁ ପରାମର୍ଷ ଦେଇଥିଲେ । ଯୋଜନା ପ୍ରତି ପ୍ରଶାସନର ସୁସ୍ଥ ମାନସିକତା ରହିଲେ ଆଂଚଳିକ ଉନ୍ନତି ସମ୍ଭବ ବୋଲି କହିଥିଲେ । ମନ୍ତ୍ରୀଙ୍କ ସହିତ ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ସମୀର ପାତ୍ର, ଫାଲଗୁନୀ ପାଣିଗ୍ରାହୀ, ସୁବ୍ରତ ଘୋଷ, ସୁମତି ଦେ, ରବିନ୍ଦ୍ର ପାତ୍ର, ତପନ ବିଶ୍ୱାଳ, ପ୍ରତାପ ମହାନ୍ତି, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ବିଜେପି ଦଳର ଜଣେ ଛାମୁଆ ନେତା, ବଜ୍ରଂ ଦଳର କର୍ମକର୍ତ୍ତା ମାନସ ପାଠୀଙ୍କ ପରୋନରେ ଅକାଳ ବିୟୋଗ ଘଟିଥିବାରୁ ତାଙ୍କ ଘରକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ମାନସଙ୍କ ମାନସିକତା ଅନ୍ୟମାନଙ୍କର ଧେୟ ହେବା ଉଚିତ ବୋଲି କହିଥିଲେ ।

## ବାୟୋଫ୍ଲକ ପଦ୍ଧତିର ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାରଙ୍କ ନୂତନ କାର୍ଯ୍ୟକ୍ରମ

### କମ୍ ଅର୍ଥ ବିନିଯାଗରେ ସ୍ୱଳ୍ପ ଜମିଧାରକଙ୍କ ପାଇଁ ଲାଭଦାୟକ ପଦକ୍ଷେପ

ଭୁବନେଶ୍ୱର, ୨୨ ଅଗଷ୍ଟ (ହି.ସ.)- ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ପକ୍ଷରୁ ବାୟୋଫ୍ଲକ ପଦ୍ଧତି ମାଧ୍ୟମରେ ସଘନ ମାଛ ଚାଷ ନିମନ୍ତେ ପ୍ରୋତ୍ସାହନ ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି । ରାଜ୍ୟର ଉଦ୍ୟୋଗୀ, ଶିକ୍ଷିତ ବେକାର ଯୁବବର୍ଗ ଏବଂ ଆଗ୍ରହୀ ଅଗ୍ରଣୀ ମତ୍ସ୍ୟଚାଷୀଙ୍କୁ ଜୀବିକା ସହାୟତା ପ୍ରଦାନ ତଥା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଏହି ଏକ ନୂତନ ଓ ଉନ୍ନତ ଜ୍ଞାନ କୌଶଳଯୁକ୍ତ ମାଛ ଚାଷ ପଦ୍ଧତିକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଛନ୍ତି । ଅଧିକ ପ୍ରାକୃତିକ ଜମି ଓ ଜଳ ସମ୍ପଦ ଉପଯୋଗ ନ କରି ସୀମିତ ସ୍ଥାନରେ ସଘନ ମାଛ/ଚିଙ୍ଗୁଡ଼ି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବାୟୋଫ୍ଲକ୍ ଏକ ନୂତନ ଜ୍ଞାନକୌଶଳ ପଦ୍ଧତି ଅଟେ । ସ୍ୱଳ୍ପ ଜମି ଏବଂ ସହରାଂଚଳରେ ଯୋଗାଇ ଦିଆଯାଉଥିବା ପାଇପ୍ ଜଳ କିମ୍ବା ନଳକୂପର ଜଳକୁ ଉପଯୋଗ କରି ଜଣେ ଚାଷୀ ସ୍ୱଳ୍ପ ଅର୍ଥରେ ଏହି ପଦ୍ଧତିରେ ମାଛ ଚାଷ କରିପାରିବେ । ରୋଜଗାର ସୃଷ୍ଟି ତଥା ଜୀବିକା ସହାୟତା ଲକ୍ଷ୍ୟରେ ମତ୍ସ୍ୟଚାଷୀ ଏବଂ ଯୁବ ଉଦ୍ୟୋଗୀ ମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ବାୟୋଫ୍ଲକ୍ ପଦ୍ଧତି ସ୍ଥାନୀୟ ବଜାର ଚାହିଦା ଥିବା ବିଭିନ୍ନ ମଧୁରଜଳ ମାଛ ଯେପରିକି ଗିଫ୍ଟ ଟିଲାପିଆ, ମାଗୁର, ଜଳଙ୍ଗ, କଉ, ବିଲାତି ରୋହି ଆଦି ମାଛ ଉତ୍ପାଦନ ନିମନ୍ତେ ଉପଯୁକ୍ତ ଅଟେ । ବାୟୋଫ୍ଲକ୍ କୁଣ୍ଡରେ ବର୍ଜ୍ୟ ଜୈବ ପଦାର୍ଥ ଯଥା ଅବ୍ୟବହୃତ ଖାଦ୍ୟକୁ ପ୍ରୋବାୟୋଟିକ୍ ଏବଂ ତରଳ ଗୁଡ଼ ଭଳି ଅଙ୍ଗାରକ ଉତ୍ସର ମିଶ୍ରଣ ଦ୍ୱାରା ପୁନଃ ମାଛର ଖାଦ୍ୟ ରୂପେ ପରିବର୍ତିତ କରାଯାଇଥାଏ । ସାଧାରଣତଃ ପ୍ରଚଳିତ ମାଛ ଚାଷ ପଦ୍ଧତିରେ ଏକ ଏକର ପରିମିତ ପୋଖରୀ (୪୦୦୦ ବର୍ଗ ମିଟର ପରିମିତ ଅଂଚଳ) ରୁ ଛଅ ମାସ ଚାଷ ଅବଧିରେ ୨୦୦୦ କି.ଗ୍ରା. ମାଛ ଉତ୍ପାଦିତ ହୋଇପାରୁଥିଲା ବେଳେ ସେହି ସମପରିମାଣର ୨୦୦୦ କି.ଗ୍ରା. ମାଛ ମାତ୍ର ୧୦୦-୧୫୦ ବର୍ଗ ମିଟର ଚଟାଣ ଉପରେ ସ୍ଥାପିତ ୪ ମିଟର ବ୍ୟାସ ଏବଂ ୧.୨ ମିଟର ଗଭୀରତା ବିଶିଷ୍ଟ ୪ଟି ବାୟୋଫ୍ଲକ୍ କୁଣ୍ଡରୁ ଉତ୍ପାଦିତ ହୋଇପାରିବ । ପ୍ରତି ବାୟୋଫ୍ଲକ୍ କୁଣ୍ଡରେ ୧୦୦୦ ରୁ ୧୫୦୦ ସଂଖ୍ୟକ ମାଛର ଫ୍ରାଏ ଯାଆଁଳ କିମ୍ବା ଅଙ୍ଗୁଳିକା ଯାଆଁଳ ଛାଡ଼ି ଛଅ ମାସ ଚାଷ ଅବଧିରେ ୫୦୦ କି.ଗ୍ରା. ମାଛ ଉତ୍ପାଦନ ହୋଇ ପାରିବ । ମାଛ ଗୁଡ଼ିକ ପ୍ରାୟ ତିନିମାସ ମଧ୍ୟରେ ଅନ୍ୟୁନ ୨୦୦ ଗ୍ରାମ ବଢୁଥିବା ବେଳେ ଛଅ ମାସରେ ଅନ୍ୟୁନ ୭୦୦-୮୦୦ ଗ୍ରାମ ବଢ଼ିବା ଦେଖାଯାଏ । ସ୍ଥାନୀୟ ବଜାର ଚାହିଦା ଅନୁଯାୟୀ ଓ ଚାଷୀର ଦୈନିକ ରୋଜଗାର ନିମନ୍ତେ ନିୟମିତ ଭାବେ ଆଂଶିକ ମାଛ ଧରାଯାଇ ପାରିବ । ବାୟୋଫ୍ଲକ୍ ମାଛ ଚାଷ ପଦ୍ଧତି ଉଭୟ ସହରାଂଚଳ ଓ ତାହାର ପାର୍ଶ୍ୱବର୍ତୀ ଅଂଚଳ ନିମନ୍ତେ ମଧ୍ୟ ଉପଯୁକ୍ତ ଅଟେ । ଏହା ଯେ କୌଣସି ଉଚ୍ଚ ସ୍ଥାନ, ଘର ଛାତ ଉପରେ ଏବଂଘର ପଛପାଖେ ଥିବା ଖୋଲା ଜାଗାରେ ମଧ୍ୟ ସ୍ଥାପନା କରାଯାଇ ପାରିବ । ନିକଟସ୍ଥ ଗ୍ରାହକମାନଙ୍କୁ ସତେଜ ଓ ଜିଅନ୍ତା ମାଛ ଯୋଗାଇବାରେ ସହାୟକ ହେଉଥିବାରୁ ଚାଷୀଙ୍କୁ ଏଥିରୁ ଅଧିକ ବଜାର ମୂଲ୍ୟ ମିଳିଥାଏ । ବାୟୋଫ୍ଲକ୍ କୁଣ୍ଡ ସ୍ଥାପନା ନିମନ୍ତେ ୨ଟି କୁଣ୍ଡ ପାଇଁ ୧.୫୦ ଲକ୍ଷ ଟଙ୍କା ଏବଂ ୬ଟି କୁଣ୍ଡ ପାଇଁ ୪.୦୦ ଲକ୍ଷ ଟଙ୍କାର ପ୍ରକଳ୍ପ ମୂଲ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ପ୍ରଚଳନ କରାଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କ ନିମନ୍ତେ ୬୦ ପ୍ରତିଶତ ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ନୂତନ ଏବଂ ଉନ୍ନତି ଜ୍ଞାନକୌଶଳ ପଦ୍ଧତି ରାଜ୍ୟର ମତ୍ସ୍ୟ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ସହିତ ସ୍ୱଳ୍ପ ଜମି ଥିବା ବ୍ୟକ୍ତି ଓ ଉଦ୍ୟୋଗୀମାନଙ୍କୁ ମାଛ ଚାଷ ପ୍ରତି ଆକୃଷ୍ଟ କରିବ ।

## ଆଜି ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ ଜୁଆଙ୍ଗ ଜନଜାତି

ଭୁବନେଶ୍ୱର, ୨୨ ଅଗଷ୍ଟ (ହି.ସ.)- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ପରସରରେ ଥବବା ଅନ୍ୟାନ୍ୟ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଦର୍ଶକମାନେ ଅଗଷ୍ଟ ୨ ତରିଖଠାରୁ ଭର୍ଚୁଆଲ୍ ଟୁର୍ କରିପାରିଛନ୍ତି । ଏହି ରାଜ୍ୟ ଜନଜାତି ସଂଗ୍ରହାଳୟରେ ବିଭିନ୍ନ ଜନଜାତି ସମ୍ପ୍ରଦାୟର ଜୀବନଶୈଳୀ, ସଂସ୍କୃତି ଓ ସେମାନଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ଆଦି ପ୍ରଦର୍ଶିତ ହେଉଛି । ଅଗଷ୍ଟ ୨୩ ତାରିଖ ରବିବାର ଦିନ ଭର୍ଚୁଆଲ୍ ଟୁର୍‌ରେ ଦର୍ଶକମାନେ ଉଚ୍ଚ ଗୋନାସିକା ପାର୍ବତ୍ୟାଂଚଳର ଜୁଆଙ୍ଗ ପୀଠରେ ବସବାସ କରୁଥିବା ଜୁଆଙ୍ଗମାନଙ୍କର ଜୀବନଶୈଳୀ ଓ ସଂସ୍କୃତି ଦେଖିପାରିବେ । ଜୁଆଙ୍ଗ ଜନଜାତିମାନ ପାଟୁଆ ଭାବେ ଜଣାଶୁଣା । ଜୁଆଙ୍ଗମାନେ କେଉଁଝରର ପାର୍ବତ୍ୟାଂଚଳ ଓ ଉପତ୍ୟାକା ଏବଂ ଅନୁଗୋଳ ଓ ଢେଙ୍କାନାଳ ଜିଲାର ସମତଳ ଅଂଚଳରେ ବସବାସ କରିଥାନ୍ତି । ଭର୍ଚୁଆଲ୍ ଟୁର୍‌ର ଦ୍ୱିତୀୟ ଭାଗରେ ଆଜି ଜୁଆଙ୍ଗମାନଙ୍କର ପାରମ୍ପରିକ କଳା ଓକଳାବସ୍ତୁ ପ୍ରଦର୍ଶିତ ହେବ । ଓଡ଼ିଶାର ଜୁଆଙ୍ଗ ପୁରୁଷମାନେ ବାଉଁଶ ଓ କାଠରେ କିପରି ଅତି ସୁନ୍ଦର ଡିଜାଇନର ପାନିଆ ପ୍ରସ୍ତୁତ କରୁଛନ୍ତି ତାର ପ୍ରସ୍ତୁତି ସମ୍ପର୍କରେ ଭର୍ଚୁଆଲ ଟୁର୍‌ରେ ଦର୍ଶକମାନେ ଦେଖିପାରିବେ । ଭର୍ଚୁଆଲ ଭାବେ ମ୍ୟୁଜିୟମ୍ ପରିଦର୍ଶନ କରିବାକୁ ଆଗ୍ରହୀ ବ୍ୟକ୍ତି ବିଶେଷ ଏଟଦିରେଟ୍‌ଏସଟିଏସସିଡିଇଭି ପେଜ୍ ଖୋଲି ଦେଖିପାରିବେ । ସରକାରଙ୍କ ୫-ଟି ପଦକ୍ଷେପ ସ୍ୱରୂପ ଦର୍ଶକମାନଙ୍କ ପାଇଁ ଅନନ୍ୟ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍‌ର ବ୍ୟବସ୍ଥା କରାଯାଇଛି । ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତି ଉପରେ ପର୍ଯ୍ୟବେଶିତ ଏହି ଭର୍ଚୁଆଲ ଟୁର୍ ଦର୍ଶକ ମାନଙ୍କୁ ବେଶ୍ ଆକର୍ଷିତ କରିପାରିଛି ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି । ଏହି ଭର୍ଚୁଆଲ ଟୁର କାର୍ଯ୍ୟକ୍ରମ ୧୪ ସପ୍ତାହ ଧରି ଚାଲିବ ।

## କରୋନା ସଂକ୍ରମଣ : ପିକ୍‌ରେ ରହିଛି ଭୁବନେଶ୍ୱର

ଭୁବନେଶ୍ୱର, ୨୨ ଅଗଷ୍ଟ - ପ୍ରତିଦିନ ଟେଷ୍ଟିଂ ବଢୁଥିବାରୁ ଭୁବନେଶ୍ୱରରେ କରୋନା ପଜିଟିଭ୍ ସଂଖ୍ୟା ବଢ଼ିବା ସ୍ୱାଭାବିକ। ବର୍ତମାନ ଭୁବନେଶ୍ୱର ପିକ୍ ରେ ଅଛି। ଆଗାମୀ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବଢିପାରେ। ବର୍ତମାନ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ। ଭୁବନେଶ୍ୱରବାସୀ ବିଚଳିତ ହୁଅନ୍ତୁ ନାହିଁ, ସମସ୍ତେ ସଚେତନ ରହିବା ସହ ମାସ୍କ ପିନ୍ଧିବା, ସାନିଟାଇଜର୍ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି କହିଛନ୍ତି ବିଏମସି କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ପ୍ରତିଦିନ ସହରର ୮ରୁ ୯ ସ୍ଥାନରେ କ୍ୟାମ୍ପ କରାଯାଛି । ସେଠାରେ ଟେଷ୍ଟିଂ କରିପାରିବେ । ପ୍ରତିଦିନ ୩ ହଜାର ଟେଷ୍ଟିଂ ହେଉଛି, ତେଣୁ ସହଯୋଗ କଲେ ସଂକ୍ରମଣ ରୋକିପାରିବା ।ଅନ୍ୟପକ୍ଷରେ ଗତ ମାସରେ ଭୁବନେଶ୍ୱରରେ ସେରୋଲୋଜିକାଲ ସର୍ଭେ କରାଯାଇଥିଲା, ସର୍ଭେ ଅନୁସାରେ ବହୁତ ଅଳ୍ପ ଲୋକଙ୍କ ଦେହରେ ଆଂଟିବଡ଼ି ରହିଛି। ସ୍ୱଳ୍ପ ଆଂଟିବଡି ଆଧାରରେ ଆମର ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି, ଅନ୍ୟ ସହର ତୁଳନାରେ ଭୁବନେଶ୍ୱର କମ ପ୍ରଭାବିତ ରହିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲ୍ଲାରେ କରୋନାସ୍ଥିତି ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ ସନତ ମହାନ୍ତି କହିଛନ୍ତି ଯେ ଜିଲ୍ଲାର ୪ ବ୍ଲକ ଯଥା-: ବାଣପୁର, ବାଲୁଗାଁ, ଟାଙ୍ଗି ଏବଂ ବୋଲଗଡ଼ ରେ ଅଧିକ ପଜିଟିଭ ଚିହ୍ନଟ ହେଉଛନ୍ତି । କିନ୍ତୁ ଉଚିତ୍ ପଦକ୍ଷେପ ଦ୍ୱାରା ଏବେ ସଂକ୍ରମଣ ହାର କମୁଛି। ବିଗତ ୧୪ ଦିନ ଭିତରେ ଖୋର୍ଦ୍ଧା ଜିଲ୍ଲାର ୭୪ ପ୍ରତିଶତ ଗାଁରୁ କୌଣସି ପଜିଟିଭ୍ କେସ୍ ଚିହ୍ନଟ ହୋଇ ନାହିଁ । ସେଗୁଡ଼ିକୁ ଗ୍ରୀନ୍ କାଟାଗୋରୀରେ ରଖାଯାଇଛି। ଯେଉଁ ସ୍ଥାନରୁ ସଂକ୍ରମଣ ହାର ବଢୁଛି ସେହି ଅଂଚଳକୁ ରେଡ୍ କାଟାଗୋରୀରେ ରଖାଯାଇଛି । ଖୋର୍ଦ୍ଧା ଜିଲ୍ଲାରେ ଦୈନିକ ପାଖାପାଖି ୧୫୦୦ ଟେଷ୍ଟିଂ କରାଯାଉଛି । ତେବେ ଜିଲ୍ଲାରେ ବର୍ତମାନ ଆରୋଗ୍ୟ ହାର ବଢୁଛି । ଅନ୍ୟପଟେ ୨୪ ଜଣ କରୋନା ଯୋଦ୍ଧାଙ୍କର ମୃତ୍ୟୁ ହୋଇଛି।

# କରୋନା ଯୋଗୁଁ ଫିକା ବାଲେଶ୍ୱରର ଗଣେଶ ପୂଜା

ବାଲେଶ୍ୱର,୨୨।୮ (ନି.ପ୍ର): ମହାମାରୀ କରୋନାର ପ୍ରଭାବ ଦେଶର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଅଧିକ ମାତ୍ରାରେ ଅନୁଭୂତ ହୋଇଛି। କୋଭିଡ୍ କଟକଣା ଯୋଗୁଁ ଧିରେ ଧିରେ ଆମର ସାମାଜିକ ଜୀବନଯାତ୍ରା ପ୍ରଭାବିତ ହେବା ସହ ପର୍ବପର୍ବାଣୀ ପାଳନରେ ଏହା ଅନ୍ତରାୟ ସୃଷ୍ଟି କରିଛି। ଗତ ମାର୍ଚ୍ଚ ମାସରେ ଦେଶରେ କରୋନା କାୟା ବିସ୍ତାର କରିବାଠାରୁ ଧର୍ମିକ ସ୍ଥଳକୁ ସର୍ବସାଧାରଣ ପ୍ରବେଶ ଉପରେ ଅଙ୍କୁଶ ଲାଗିଥିବା ବେଳେ ଗଣପର୍ବ ବା ସାମାଜିକ ତଥା ସାମୂହିକ ଉତ୍ସବ ପାଳନ କଥା ବି ସମସ୍ତେ ଭୁଲି ଗଲେଣି। ପୂର୍ବରୁ ବାସନ୍ତିପୂଜା, ଚଡ଼କମେଳା, ଚନ୍ଦନ ଯାତ୍ରା, ରଜ, ରଥଯାତ୍ରା, ଗହ୍ମାପୂର୍ଣ୍ଣିମା ପ୍ରଭୃତି ପର୍ବପର୍ବାଣୀ କେବଳ ବିଧିରକ୍ଷାରେ ପାଳିତ ହୋଇଥିବା ବେଳେ ଆଜି ଆଦ୍ୟଦେବ ପ୍ରଭୁ ଗଣପତିଙ୍କ ପୂଜାରେ ବି ଅନୁରୂପ ପରିସ୍ଥିତି ପରିଲକ୍ଷିତ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମାନି ମହାରାଷ୍ଟ୍ର ଭଳି ରାଷ୍ଟ୍ରରେ ଚଳିତ ବର୍ଷ ଗଣେଶ ପୂଜା କୋଭିଡ ନିୟମ ଭିତ୍ତିରେ ପାଳିତ ହେଉଥିବା ବେଳେ ଓଡ଼ିଶାରେ ମଧ୍ୟ ଅନୁରୂପ ଭାବେ ଏହି ପୂଜାରେ ସାମାଜିକ ଦୂରତ୍ୱ ରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ବା ମାର୍ଗଦର୍ଶିକା ଦିଆଯାଇ ନଥିଲେ ମଧ୍ୟ ଜିଲ୍ଲାବାସୀ ସାମୂହିକ ପୂଜା ଓ ମିଳିତ କାର୍ଯ୍ୟକ୍ରମରୁ ନିବୃତ ରହିଥିବା ପରିଲକ୍ଷିତ ହୋଇଛି। ଏମିତିକି ସ୍କୁଲ କଲେଜ ପ୍ରଭୃତି ଶିକ୍ଷାନୁଷ୍ଠାନରେ ମଧ୍ୟ ଯଥାବିଧି ପୂଜା କରାଯାଇଛି। ଅନ୍ୟପକ୍ଷରେ ଘର ପରିବାର ମଧ୍ୟରେ ସମସ୍ତେ ଗଣପତିଙ୍କୁ ଉପାସନା କରିଛନ୍ତି। ଅନ୍ୟାନ୍ୟ ବର୍ଷଭଳି ଗୋଟିଏ ସ୍ଥାନରେ ୩୦ରୁ ଊର୍ଦ୍ଧ୍ୱ ଆକର୍ଷଣୀୟ ସାର୍ବଜନୀନ ଗଣେଶଙ୍କ ମେଢ଼ ସ୍ଥାପନ ହେଉଥିବା ବାଲେଶ୍ୱର ସହରର ବିବେକାନନ୍ଦ ମାର୍ଗ ଆଜି ସମ୍ପୂର୍ଣ୍ଣ ଫାଙ୍କା ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ୩୦ରୁ ଊର୍ଦ୍ଧ୍ୱ କ୍ଲବର ଯୁବ-ଛାତ୍ରଙ୍କର ନୂଆ ନୂଆ ଡିଜାଇନ୍ ମୂର୍ତ୍ତି ଦେଖିବାକୁ ଏଠାରେ ଭିଡ଼ ଲାଗିଥାଏ, ମାତ୍ର ଚଳିତ ବର୍ଷ କରୋନା ପାଇଁ କ୍ଲବର ପିଲାମାନେ ନିଜ ନିଜର ଘରେ ପୂଜା କରିଥିବା ଜଣାପଡ଼ିଛି।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୯,୮୭୮ ନୂଆ ମାମଲା, ୯୪୫ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୨।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୬୯,୮୭୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୯୪୫ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୯,୭୫,୭୦୨ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୬୯୭,୩୩୦ ସକ୍ରିୟ ରୋଗୀ ଅଛନ୍ତି । ଦେଶରେ ମୋଟ ୨୨,୨୨,୫୭୮ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତମାନ ସୁଦ୍ଧା ୫୫୭୯୪ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଦିଲ୍ଲୀରେ ଗତ ୨୪ ଘଂଟାରେ ୧୪୧୨ କରୋନାର ନୂଆ ମାମଲା

ଦିଲ୍ଲୀ, ୨୨ ଅଗଷ୍ଟ (ହି.ସ.) । ଦିଲ୍ଲୀରେ ଗତ ୨୪ ଘଂଟାରେ ୧୪୧୨ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି । ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୪୪୧୩୮ ହୋଇ ଯାଇଛି । ବର୍ତମାନ ସୁଦ୍ଧା ୪୨୮୪ ଜଣଙ୍କର ମୃତ୍ୟୁ ଘଟିଛି ।

# ଦିନକରେ ୧୦୫ କରୋନା ପଜିଟିଭ୍

## ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା୨୭୪୫କୁ ବୃଦ୍ଧି

ବାଲେଶ୍ୱର,୨୨।୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ କରୋନା ସଂକ୍ରମତଙ୍କ ସଂଖ୍ୟା ୧୦୦ରୁ ତଳକୁ ଆସୁନଥିବା ବେଳେ ଏହା ପ୍ରଶାସନ ସମେତ ଜିଲ୍ଲାବାସୀଙ୍କ ଚିନ୍ତା ବଢ଼ାଇଦେଇଛି।। ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୨୭୪୫ରେ ପହଞ୍ଚିଛି। ଅଦ୍ୟାବଧି ୧୬୩୯ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୦୯୩ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅଦ୍ୟାବଧି ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୮ରେ ସ୍ଥିର ରହିଛି। ଆଜି ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୦୫ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରୁ ୩୯ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ତେବେ ବାଲେଶ୍ୱର ସହରର ନୀଳିଆବଗରୁ ୪ ଜଣ, ନୁରୁପୁରରୁ ୪ ଜଣ, ମୁଖ୍ୟ ଚିକିତ୍ସାଳୟରୁ ୫ ଜଣ, ରାଣୀପାଟଣାରୁ ୩ ଜଣ, ସୁନହଟରୁ ୩ ଜଣ, ରେମୁଣା ବ୍ଲକ ବାଲିଆରୁ ୫ ଜଣ, ବାଲିଆପାଳ ବ୍ଲକ ଗଡ଼ସାହିରୁ ୬ ଜଣ, ସଦର ବ୍ଲକର ସାହୁପଡ଼ାରୁ ୪ ଜଣ ଓ ଓଡ଼ଙ୍ଗୀରୁ ୩ ଜଣ ଏକକାଳୀନ ପଜିଟିଭ୍ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣ ସ୍ଥିତିକୁ ସଙ୍ଗୀନ କରିଛି। ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ସ୍ଥାନୀୟ ସଂକ୍ରମଣ ବଢ଼ିଚାଲିଥିବା ବେଳେ ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ପ୍ରେମ ବିବାହ ପରେ ଜ୍ୱାଇଁଙ୍କ ଶ୍ୱଶୁରଙ୍କ ଆକ୍ରମଣ ଓ ଝିଅକୁ ଅପହରଣ ଉଦ୍ୟମ

ଜଳେଶ୍ୱର,୨୨।୮(ନିପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ନନ୍ଦିକା ପୋଲ ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଯୁବକ, ଯୁବତୀଙ୍କ ପ୍ରେମ ବିବାହ ପରେ ଶ୍ୱଶୁର ଉଭୟଙ୍କୁ ଡକାଇ ଜ୍ୱାଇଁଙ୍କ ଉପରେ ଆକ୍ରମଣ ଓ ଝିଅକୁ ଅପହରଣ କରିବା ଉଦ୍ୟମ ସହିତ ଛିନ୍‌ତାଇ କରିଥିବା ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ, ଜଳେଶ୍ୱର ଥାନାର ବର୍ତ୍ତନା ଗ୍ରାମ କମଳାକାନ୍ତ ଜେନା ଝାଡପିମ୍ପଳ ଗ୍ରାମର ବରେନ୍ଦ୍ର ଗିରିଙ୍କ ଝିଅ ଚନ୍ଦ୍ରମାକୁ ୮ ମାସ ତଳେ ବୈଦିକ ରିତରେ ବିବାହ କରିଥିଲେ ମଧ୍ୟ ଦୀର୍ଘମାସ ଧରି ପ୍ରେମଜନୀତ କାରଣରୁ ଏହି ବିବାହ ଅନୁଷ୍ଠିତ ହୋଇଥିଲା । କମଳାକାନ୍ତ ଚନ୍ଦ୍ରମା ଶାଶୁ ଘରେ ଥିବା ବେଳେ ବାପା ବରେନ୍ଦ୍ର ୨ଜଣଙ୍କୁ ଜଳେଶ୍ୱର ଆସିବାକୁ ପରାମର୍ଶ ଦେଇଥିଲେ । ଦୁହେଁ ଜଳେଶ୍ୱର ଆସୁଥିବା ବେଳେ ୬୦ନଂ ଜାତୀୟ ରାଜପଥର ବାଇପାସ୍‌ଠାରେ କେତେକ ଗୁଣ୍ଡା ଶ୍ରେଣୀର ଲୋକେ କମଳାକାନ୍ତଙ୍କ ବାଇକ୍ ଓ ତାଙ୍କ ପାଖରେ ଥିବା ନଗଦ ଟଙ୍କା ତଥା ଚନ୍ଦ୍ରମାଙ୍କୁ ଅପହରଣ କରିବା ଉଦ୍ୟମ ସହିତ ତାଙ୍କ ସୁନାହାର ଛିନ୍‌ତାଇ କରିଥିବା ଚନ୍ଦ୍ରମା ଜଳେଶ୍‌ବର ଥାନାରେ ଅଭିଯୋଗ କରିଛନ୍ତି । କେବଳ ଏତିକି ନୁହେଁ, କମଳକାନ୍ତକୁ ମରଣାନ୍ତକ ଆକ୍ରମଣ ହୋଇଥିବା ସେ ଅଭିଯୋଗ କରିଛନ୍ତି ।

# କରୋନାରୁ ସୁସ୍ଥ ହେଲେ ଆଉ ୧୭୭୩

ଭୁବନେଶ୍ୱର,୨୨।୮ (ନି.ପ୍ର): ଶୁକ୍ରବାର ଦିନ ରାଜ୍ୟର ୨୮ଟି ଜିଲ୍ଲାରୁ ୧୭୭୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହା ସହିତ ରାଜ୍ୟରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୫୨,୨୭୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୫୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଗଞ୍ଜାମରୁ ୨୧୬ ଜଣ,କଟକରୁ ୧୪୭ , ସମ୍ବଲପୁରରୁ ୧୨୫,କନ୍ଧମାଳରୁ ୯୨, ଯାଜପୁରରୁ ୮୭,ମୟୁରଭଞ୍ଜରୁ ୮୦, ରାୟଗଡ଼ାରୁ ୭୭ ଜଣ ସୁସ୍ଥ ହୋଇଛନ୍ତି। ସେହିପରି ପୁରୀରୁ ୭୪, ମାଲକାନଗିରିରୁ ୭୨, କୋରାପୁଟରୁ ୬୯,ସୁନ୍ଦରଗଡ଼ରୁ ୬୮,ବାଲେଶ୍ୱରରୁ ୫୮, ନୟାଗଡ଼ରୁ ୫୧,କେନ୍ଦୁଝର ଓ କଳାହାଣ୍ଡିରୁ ୩୮ ଲେଖାଏଁ, ବରଗଡ଼ରୁ ୩୨, ଗଜପତି ୩୦ , ବଲାଙ୍ଗୀରରୁ ୨୬, ଭଦ୍ରକରୁ ୨୫,ନବରଙ୍ଗପୁରରୁ ୨୩, କେନ୍ଦ୍ରାପଡ଼ାରୁ ୨୨, ଢେଙ୍କାନାଳରୁ ୨୦, ଝାରସୁଗୁଡ଼ାରୁ ୧୯, ଜଗତସିଂହପୁରରୁ ୧୫, ଅନୁଗୁଳରୁ ୭ ଜଣ ଏବଂ ନୂଆପଡ଼ା ଓ ସୋନପୁରରୁ ୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ବାଲେଶ୍ୱରରେ ସପ୍ତାହାନ୍ତ ସଟ୍ ଡାଉନ୍‌ର ପ୍ରଥମ ଦିନ

## ଅମାନିଆଙ୍କଠାରୁ ପୁଲିସର ଫାଇନ ଆଦାୟ



ବାଲେଶ୍ୱର,୨୨।୮ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧିକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନଲକ୍-୩ରେ ବାଲେଶ୍ୱର ଜିଲ୍ଲାରେ ପୂର୍ବଭଳି ଅଗଷ୍ଟ ମାସରେ ସପ୍ତାହାନ୍ତ ଦୁଇଦିନିଆ ସଟଡାଉନ ବଳବତ୍ତର ରହିଛି। ଆଜି ଚତୁର୍ଥ ସପ୍ତାହାନ୍ତ ସଟ ଡାଉନର ପ୍ରଥମ ଦିନରେ ଗଣେଶ ପୂଜା ପାଇଁ ପୁଲିସର କୋହଳ ନୀତି ଅବଲମ୍ବନ କରାଯାଇଥିବା ପରିଲକ୍ଷିତ ହୋଇଥିଲା। ସହର ସମେତ ଜିଲ୍ଲାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଲୋକେ କାଁଭାଁ ରାସ୍ତାରେ ଯା'ଆସ କରୁଥିଲେ। ତେବେ ହେଲମେଟ୍ ଓ ମାସ୍କ ପିନ୍ଧିନଥିବା ବ୍ୟକ୍ତି ଅଟକାଇ ପୁଲିସ ଯାଞ୍ଚ ଓ ଫାଇନ୍ ଆଦାୟ କରୁଥିଲା। ଏହି ପରିପ୍ରେକ୍ଷୀରେ ସହଦେବଖୁଣ୍ଟା ଥାନା ଓ ଟ୍ରାଫିକ ଥାନାର ୨ ଗୋଟି ଟିମ୍ ସହରର ଛକରେ କୋଭିଡ୍ ନିୟମ ଓ ଟ୍ରାଫିକର ନିୟମ ଭଙ୍ଗକାରୀଙ୍କଠାରୁ ଫାଇନ୍ ଆଦାୟ କରୁଥିଲେ। ଦୁଇଗୋଟି ପୁଲିସ ଟିକ୍ ଆଜି ... ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲ୍ଲାରେ ବଢୁଥିବା ସଂକ୍ରମର ହାରକୁ ଲକ୍ଷ୍ୟ ରଖି ବାଲେଶ୍ୱରର ସଚେତନ ବ୍ୟକ୍ତି ବାହାରକୁ ବାହାରୁ ନଥିବା ଦେଖିବାକୁ ମିଳିଥିଲା। ଲୋକେ ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ କ୍ଷେତ୍ରରେ ପଲିସ ଓ ପ୍ରଶାସନର ଅନୁମତି ନେଇ କାଁଭାଁ ଲୋକେ ବାହାରକୁ ବାହାରିଥିଲେ। ରାସ୍ତାଘାଟ ସମ୍ପୂର୍ଣ୍ଣ ଖାଁ ଖାଁ ଲାଗୁଥିଲା। ଅନ୍ୟପକ୍ଷରେ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା। ଏହା ବ୍ୟତୀତ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳଥିଲା। ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍ ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଥିଲା। ସେହିଭଳି ପଦସ୍ଥ ପୁଲିସ ଅଧିକାରୀମାନେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସହିତ ସଟ ଡାଉନ୍ କାର୍ଯ୍ୟକାରିତା ଉପରେ ନଜର ରଖିଥିଲେ। ମୋଟ୍ ଉପରେ ସଚେତନ ଜିଲ୍ଲାବାସୀଙ୍କ ସହଯୋଗରୁ ବାଲେଶ୍ୱରରେ ଅନଲକ୍-୩ର ଚତୁର୍ଥ ସପ୍ତାହାନ୍ତ ସଟ୍ ଡାଉନ୍‌ର ପ୍ରଥମ ଦିନ ବାଲେଶ୍ୱରରେ ବେଶ କାର୍ଯ୍ୟକାରୀ ହୋଇଥିବା ଲକ୍ଷ୍ୟ କରାଯାଇଛି। ତେବେ ଜିଲ୍ଲା ବଢ଼ି ଚାଲିଥିବା କରୋନା ସଂକ୍ରମଣ ରୋକିବା ପାଇଁ ସବୁ ମହଲରୁ ସତର୍କତା ଅବଲମ୍ବନ ସହ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି।

# ଯୁବଯାଦବ ଓ ଧାମନଗର ଯାଦବ ମହାସଭା ପକ୍ଷରୁ ବୃକ୍ଷରୋପଣ ଓ କରୋନା ଯୋଦ୍ଧା ସମ୍ମାନ





ଭଦ୍ରକ,୨୨।୮ (ନି.ପ୍ର): ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ଓ ଧାମନଗରା ଯାଦବ ମହସଭା ପକ୍ଷରୁ ଆଜି କୋଠାର ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ କରୋନା ଯୋଦ୍ଧା ସମ୍ମାନୀତ କରାଯାଇଛି । ଏଥିସହିତ ବିଶ୍ୱର ମହାମାରୀ କରୋନା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଧାମନଗର ବ୍ଲକ ଯାଦବ ମହାସଭା କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବାରିକ ଙ୍କ ସଭାପତିତ୍ୱରେ ଜିଲ୍ଲା ଯୁବଯାଦବ ସଭାପତି ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ରବି ନାରାୟଣ ଖୁଲାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ,ସମ୍ମାନୀତ ଅତିଥି ବାବେ ସରପଂଚ ନିମାଇଁ ଚରଣ ନାୟକ,ସମାଜସେବୀ ହେମନ୍ତ ସାହୁ, ପ୍ରାକ୍ତନ ସରପଂଚ ସଦାଶିବ ପୋଥାଳ ,ପ୍ରଧାନ ଶିକ୍ଷକ ବିଭୁତିଭୂଷଣ ମିଶ୍ର,ରାଜ୍ୟ ସଂପାଦକ ଅମର କୁମାର ନାୟକ,କୋଲକତା ଯାଦବ ମହାସଭାର ସଭାପତି ହରେକୃଷ୍ଣ ପଲେଇ,ଧାମନଗର ସାଧାରଣ ସଂପାଦକ କୁଳମଣୀ ବେହେରା ,ଜୋନ ସଭାପତି ରବୀନ୍ଦ୍ର ଦାସ,କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡା, ଉପସଭାପତି ସଂଜୀବ ନାୟକ,ମନୋରଂଜନ ଦାସ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ ଭଳି ଏକ ମହତ କାର୍ଯ୍ୟ ଜିଲ୍ଲା ଯୁବଯାଦବ କରୁଥିବାରୁ ପ୍ରଶଂସା କରିଥିଲେ । ଯୁବଯାଦବ ସବୁବେଳେ ସମାଜସେବା କାର୍ଯ୍ୟ କରୁଛି । ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକକରି ସବୁଠି ପହଂଚି ସଦାସର୍ବଦା କରୋନା ସମୟରେ ଅସହାୟ,ଦୁର୍ଘଟଣାଜନିତ ,ବନ୍ୟାପ୍ରିପିଡିତଙ୍କ ପାଖରେ ପହଂଚିବା ଠାରୁ ଆରମ୍ଭ କରି ବୃକ୍ଷରୋପଣ ଭଳି ମହତ କାର୍ଯ୍ୟ ଓ ସମାଜସେବାଭଳି କାର୍ଯ୍ୟ କରୁଥିବାରୁ ଅତିଥିମାନେ ଯାଦବ ସଂଗଠନକୁ କୃତଜ୍ଞତା ଜଣାଇଥିଲେ ।ଯୁବସଂପାଦକ ସାମ୍ବାଦିକ ସନ୍ତୋଷ କୁମାର ଦାସ, ସ୍ୱାଗତ ଭାଷଣ ,ଯୁବ ସଂଯୋଜକ ଛାୟାକାନ୍ତ ପୁଣ୍ଡିଆ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମଂଚ ଆହ୍ୱାନ କରିଥିଲେ ଯୁଗ୍ମ ସଂପାଦକ ଅଶୋକ ଦାସ,ଜଗନ୍ନାଥ ବେହେରା ଶେଷରେ ବ୍ଲକ ସଂପାଦକ ମାଧବ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଏଥିସହିତ ସମାଜସେବୀ ତଥା ବୟୋଜ୍ୟେଷ୍ଠ ନାଗରିକ ପ୍ରଶାନ୍ତ କୁମାର ମହାରାଜ,ପ୍ରଭାକର ସାହୁ,

▶▶ପୃଷ୍ଠା ୭

# ଚତୁର୍ଥ ଦିନରେ ବିରଳା ଟାୟାର୍ସ ଶ୍ରମିକଙ୍କ ଧାରଣା

- କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ତ୍ରିପାକ୍ଷିକ ବୈଠକ
- ମାସକର ଦରମା ପ୍ରଦାନ ସହ ଉତ୍ପାଦନ ଆରମ୍ଭ ପାଇଁ ପରାମର୍ଶ



ବାଲେଶ୍ୱର,୨୨।୮ (ନି.ପ୍ର): ବକେୟା ୮ ମାସର ଦରମା ପ୍ରଦାନ ତଥା ଅନ୍ୟାନ୍ୟ ଦାବି ନେଇ ବିରଳା ଟାୟାର୍ସ ଫାଟକ ସମ୍ମୁଖରେ ଚାଲିଥିବା ଶ୍ରମିକ ଧାରଣା ଆଜି ଚତୁର୍ଥ ଦିନରେ ପହଞ୍ଚିଛି । ଶ୍ରମିକଙ୍କ ସମେତ ସେମାନଙ୍କ ପରିବାର ବର୍ଗ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ତେବେ ଶ୍ରମିକଙ୍କ ସମସ୍ୟାର ଆଶୁ ସମାଧନ ପାଇଁ ଦ୍ୱିତୀୟ ଦିନରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଧାରଣାସ୍ଥଳକୁ ଯାଇ ଦ୍ୱିପାକ୍ଷିତ ଆଲୋଚନା ଉଦ୍ୟମ କରି ବିଫଳ ହେବା ଓ ତାଙ୍କ ଉପସ୍ଥିତିରେ ଉତ୍ତେଜିତ ଶ୍ରମିକ ଭାରପ୍ରାପ୍ତ ଶ୍ରମ ଅଧିକାରୀଙ୍କୁ ମାଡ଼ ମାରିବା ବିବାଦ ପରେ ଆଜି ଅଣ୍ଟା ଭିଡ଼ିଥିଲେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ସେ ଧାରଣାରତ ଶ୍ରମିକ ଓ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସୁସ୍ଥ ବାତାବରଣ ସୃଷ୍ଟି ପାଇଁ ଉଦ୍ୟମ କରିଥିଲେ । କାରଖାନା ଏଡମିନଷ୍ଟ୍ରେସନ କାର୍ଯ୍ୟାଳୟରେ ଆୟୋଜିତ ବୈଠରେ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କ ସମେତ କେତେକ ଶ୍ରମିକନେତା ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଶ୍ରମିକଙ୍କ ବକେୟା ଦରମା ପ୍ରଦାନ ସାଙ୍ଗକୁ ସୁସ୍ଥ ବାତାବରଣ ମଧ୍ୟରେ ଉତ୍ପାଦନ ଆରମ୍ଭ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଶ୍ରମିକଙ୍କ ପକ୍ଷରୁ ଅତିକମ୍‌ରେ ୪ ମାସର ଦରମା ପ୍ରଦାନ ସହ ଉତ୍ପାଦନ ଆରମ୍ଭ ପାଇଁ ଦାବି କରାଯାଇଥିବା ବେଳେ କମ୍ପାନି କର୍ତ୍ତୃପକ୍ଷ ମାତ୍ର ଗୋଟିଏ ସପ୍ତାହର ପେମେଣ୍ଟ ଦେବାକୁ ରାଜି ହୋଇଥିଲେ । ଦୀର୍ଘ ସମୟର ଆଲୋଚନା ପରେ ମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଗୋଟିଏ ମାସର ଦରମା ଦୁଇ କିସ୍ତିରେ ପ୍ରଦାନ ପାଇଁ କର୍ତ୍ତୃପକ୍ଷ ଯଦିଓ ରାଜିହୋଇଥିଲେ, ତେବେ କମ୍ପାନିର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଅନୁମୋଦନ ପରେ ଏନେଇ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିନିଧିମାନେ କହିଥିଲେ । ଏହି ବୈଠକରେ କୌଣସି ପକ୍କା ନିର୍ଯ୍ୟାସ ବାହାରି ନଥିଲେ ମଧ୍ୟ ଖୁବଶୀଘ୍ର ଶ୍ରମିକଙ୍କ ସମସ୍ୟା ସମାଧାନ ନେଇ ମନ୍ତ୍ରୀ ଓ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଆଶାବାଦୀ ଥିବା ଜଣାପଡ଼ିଛି । ତେବେ ବାଲେଶ୍ୱରର ଏକମାତ୍ର ବୃହତ ଶିଳ୍ପାନୁଷ୍ଠାନର ପୁନରୁ ।ନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ଶିଳ୍ପମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ବି ଆଗରୁ ଚିଠି ଲେଖିଥିବା ନେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି । ମାତ୍ର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ବେଳେ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆପାତତଃ କିଛି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

# ରାଜଧାନୀରେ କରୋନା ଆକ୍ରାନ୍ତ ୭ ହଜାର ଟପିଲା

ଭୁବନେଶ୍ୱର,୨୨।୮ (ନି.ପ୍ର): ଭୁବନେଶ୍ୱରରେ ହୁ ହୁ ହୋଇ ବଢି ଚାଲିଛି କରୋନା। ଆଜିର ୨୯୫ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ଙ୍କ ସଂଖ୍ୟା ୭ ହଜାର ଟପି ୭୦୧୫ରେ ପହଂଚିଛି। ଭୁବନେଶ୍ୱର ସହରରୁ ଶନିବାର ଦିନ ଆଉ ୨୯୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୧୫୩ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୪୨ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ଗୋଟିଏ ଦିନରେ ଆଉ ୧୫୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ୧୫୩ କ୍ୱାରେଂଟାଇନ୍ ମାମଲା ମଧ୍ୟରେ ପୋଲିସ୍ ସିକ୍ୟୁରିଟି ୱିଙ୍ଗ୍ ର ସର୍ବାଧିକ ୩୨ ଜଣ ସଂକ୍ରିତ ରହିଛନ୍ତି। ସେହିପରି ଚନ୍ଦକାରେ ଥିବା ଏକ ବିସ୍କୁଟ୍ ଫ୍ୟାକ୍ଟ୍ରିର ୨୮ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ପଟିଆରେ ଥିବା କିଟ୍ କ୍ୟାମ୍ପସ୍ ରୁ ୧୧, ରିଜର୍ଭ ପୋଲିସ୍ କଲୋନୀରୁ ୮, ସୁକ ବିହାର , ଡମଣା, ମଂଚେଶ୍ୱର. ୟୁନିଟ୍ ୫ ବ୍ୟାଙ୍କ୍ କଲୋନୀ ଓ ବମିଖାଲରୁ ୩ ଜଣ ଲେଖାଏଁ ଏବଂ ବୁଦ୍ଧନଗର, ବେହେରାସାହି, କୋଲଥିଆ ସତ୍ୟସାଇ ଏନକ୍ଲେଭ୍, ଆଇଆରସି ଭିଲେଜ ଏନ ୬ , ୟୁନିଟ୍ ୬ ରାଧାକୃଷ୍ଣ ବସ୍ତିରୁ ୨ ଜଣ ଲେଖାଏଁ ଓ ୨ ଜଣ ପୋଲିସ୍ କର୍ମଚାରୀ ମଧ୍ୟ ରହିଛନ୍ତି। ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଚନ୍ଦ୍ରଶେଖରପୁରରୁ ୫ , ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ,ରସୁଲଗଡ ଓ ୟୁନିଟ୍ ୮ରୁ ୪ ଜଣ ଲେଖାଏଁ , ସାଲିଆ ସାହି ତାରେଣୀ ନଗର, ସତ୍ୟନଗର, ଜିଜିପି କଲୋନୀ,ବିଜେବି ନଗର ଓ ବଡଗଡରୁ ୬ ଜଣ ରହଛନ୍ତି। ଅପରପକ୍ଷରେ ଜୟଦେବ ବିହାର ନିକଟରେ ଥିବା ଏକ ହୋଟେଲର ୧୭ କର୍ମଚାରୀ, ବଡଗଡ ବ୍ରିଟ୍ କଲୋନୀର ୧୨ , ଫରେଷ୍ଟ ପାର୍କ ଅଂଚଳରୁ ୮, ନୟାପଲ୍ଲୀରୁ ୬୭ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଶନିବାର ସୁଦ୍ଧା ବିଏମସି ଅଂଚଳରେ ୭୦୧୫ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୪୨୧୯ ଜଣ ସୁସ୍ଥ ହୋଇଛନ୍ତି। ୩୩ ଜଣଙ୍କର କରୋନା ଯୋଗୁଁ ମୃତ୍ୟୁ ହୋଇଛି ଏବଂ ବର୍ତ୍ତମାନ ଆଉ ୨୭୫୪ ସକ୍ରିୟ ଆକ୍ରାନ୍ତ ଚିକତ୍ସାଧୀନ ଅଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo